
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୮ ଜୁନ୍ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 8 JUNE 2020
Vol.No. 30 ■ No. 144 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj




2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No:
9437294587, 9438232419, 9437443950, 9937557158,9438317887
S d- P.C Bindhani
Chairman


# ଆଜି ଭର୍ଚୁଆଲ ରାଲିରେ ରାଜ୍ୟବାସୀଙ୍କୁ ସମ୍ବୋଧିତ କରିବେ ଅମିତ ଶାହା



ଭୁବନେଶ୍ୱର,୭।୬ (ନି.ପ୍ର): କେନ୍ଦ୍ରରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂରଣ ପରିପ୍ରେକ୍ଷୀରେ ଆସନ୍ତାକାଲି (ସୋମବାର) ଅପରାହ୍ନ ୩ଟା ୩୦ରେ ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହା ଭର୍ଚୁଆଲ ରାଲି ଦ୍ୱାରା ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଓଡିଶାର ଜନସାଧାରଣଙ୍କୁ ସମ୍ବୋଧିତ କରିବେ । ରାଜ୍ୟବାସୀ ବିଜେପି ସୋସିଆଲ ମିଡିଆ ଆକାଉଂଟ ଏବଂ ୟୁଟ୍ୟୁବ ମାଧ୍ୟମରେ ଏହି ରାଲିରେ ସାମିଲ ହୋଇପାରିବେ । ଏଥିରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତାଙ୍କୁ ଯୋଡିବାକୁ ଲକ୍ଷ୍ୟ ରଖାଯାଇଛି । ମୋଦି ସରକାର ବିଭିନ୍ନ କ୍ଷେତ୍ରରେ ଓଡିଶା ଏବଂ ଓଡିଆ ଭାଇ ଭଉଣୀମାନଙ୍କୁ ପ୍ରାଧାନ୍ୟ ଦେଇ ଆସିଛନ୍ତି । ବିଗତ ୧ ବର୍ଷରେ ଓଡିଆଙ୍କ ବିକାଶ, ସମ୍ମାନ, ଦୁର୍ବିପାକ ମୁକାବିଲାରେ ମୋଦି ସରକାରଙ୍କ ଅବଦାନ ଅତୁଳନୀୟ । କରୋନା ମହାମାରିରେ ପ୍ରଭାବିତ ହୋଇଥିବା ଅର୍ଥନୀତିକୁ ସୁଧାରିବା ପାଇଁ କେନ୍ଦ୍ର ସରକାର ୨୦ ଲକ୍ଷ କୋଟି ଟଙ୍କାର ଆତ୍ମନିର୍ଭର ପ୍ୟାକେଜ ଘୋଷଣା କରିଛନ୍ତି । ଏହି ଯୋଜନାରେ ଓଡିଶା ପାଇଁ ଅନେକ ସୁଯୋଗ ଅଛି । କୃଷି ଏବଂ ଅନ୍ୟାନ୍ୟ କ୍ଷେତ୍ର ପାଇଁ କେନ୍ଦ୍ର ସରକାର ପ୍ୟାକେଜ୍ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

# ରାଜ୍ୟରେ ଆଉ ୭୫ କରୋନା ଆକ୍ରାନ୍ତ ଚିହ୍ନଟ




ଭୁବନେଶ୍ୱର,୭।୬ (ନି.ପ୍ର): ରାଜ୍ୟରେ ଆଉ ୭୫ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୨୮୫୬କୁ ବୃଦ୍ଧି ପାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୭୫ ଜଣଙ୍କ ମଧ୍ୟରୁ ୭୨ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୩ ଜଣ ସ୍ଥାନୀୟ ଲୋକ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୬ ଟି ଜିଲ୍ଲାରୁ ହୋଇଥିବା ଜଣା ପଡିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଓ ସୁନ୍ଦରଗଡ ଜିଲ୍ଲାରୁ ସବୁଠାରୁ ଅଧିକ୧୮- ୧୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨ ଜଣ, କୋରାପୁଟ ଜିଲ୍ଲାରୁ ୨ ଜଣ, ଯାଜପୁର ଜିଲ୍ଲାରୁ ୭ ଜଣ, କେନ୍ଦୁଝର ଜିଲ୍ଲାରୁ ଜଣେ, ଗଂଜାମ ଜିଲ୍ଲାରୁ ଜଣେ ତଥା ନୟାଗଡ ଜିଲ୍ଲାରୁ ୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଭାବେ କଟକ ଜିଲ୍ଲାରୁ ୫ ଜଣ, ଅନୁଗୁଳ ଜିଲ୍ଲାରୁ ୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୨ ଜଣ, ବଲାଙ୍ଗୀର ଜିଲ୍ଲାରୁ ୫ ଜଣ, ପୁରୀ ଜିଲ୍ଲାରୁ ଜଣେ, ନୂଆପଡା ଜିଲ୍ଲାରୁ ଜଣେ, ସୋନପୁର ଜିଲ୍ଲାରୁ ୩ ଜଣ ଓ କେନ୍ଦ୍ରାପଡା ଜିଲ୍ଲାରୁ ୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

# 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ମାନ୍ୟତା

## ରାଜ୍ୟ କ୍ୟାବିନେଟ୍ ବୈଠକରେ ନିଆଗଲା ନିଷ୍ପତ୍ତି




ଭୁବନେଶ୍ୱର, ୦୭ ଜୁନ - କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତର ମାନ୍ୟତା ମିଳିଛି । ରବିବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ଆରୁଖ କହିଛନ୍ତି ଯେ , 'ବନ୍ଦେ ଉତ୍କଳ ଜନନୀ ହେଉଛି ଓଡ଼ିଆ ଜାତିର ସ୍ୱାଭିମାନର ସଙ୍ଗୀତ ଏବଂ କାନ୍ତକବିଙ୍କର ଏହି କାଳଜୟୀ ସଙ୍ଗୀତ ପ୍ରତିଟି ଓଡ଼ିଆଙ୍କ ଭାବନାରେ ରହିଛି । ଏହି ସଙ୍ଗୀତ ଗାୟନର ଅନୁମୋଦିତ ସ୍ୱର, ଶୈଳୀ ତଥା ରେକର୍ଡିଂ ଓଡିଶା ସରକାରଙ୍କର ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ କରାଯିବା ପାଇଁ ସ୍ଥିର କରାଯାଇଛି । ଏହାର ଗାୟନ ଅବଧି ସ୍ୱର ତଥା ଶୈଳୀ ଉପରୋକ୍ତ ରେକର୍ଡିଂପ୍ରକାରେ ନିର୍ଦ୍ଧାରିତ ହେବ । ରାଜ୍ୟ ସରକାରଙ୍କର ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ, ବିଧାନସଭାର ଅଧିବେଶନ ଏବଂ ଅନ୍ୟାନ୍ୟ ସ୍ୱତନ୍ତ୍ର ଭାବରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଏହି ସଙ୍ଗୀତର ବିନାବାଦ୍ୟରେ ପ୍ରସ୍ତୁତ ଅନୁମୋଦିତ ସଂସ୍କରଣ ପରିବେଷଣ/ଗାନ କରାଯିବ ।

▶▶ପୃଷ୍ଠା ୭

# ମଧ୍ୟ ପ୍ରଦେଶରେ ୪୦୦ ପାର କଲା କରୋନା ମୃତ୍ୟୁ ସଂଖ୍ୟା: ସଂକ୍ରମିତ ୯୩୨୬




ଭୋପାଳ,୭।୬ (ନି.ପ୍ର): ମଧ୍ୟପ୍ରଦେଶରେ କରୋନାର ସଂକ୍ରମିତଙ୍କ ସଂଖ୍ୟା ଧିରେ ଧିରେ କମ୍ ଆସୁଛି । ଯାହା ବର୍ତମାନ ୬୫.୩ ରିକଭରି ରେଟ୍ ରହିଛି । କିନ୍ତୁ ନୂଆ ମାମଲା କମ୍ ଦେଖାଯାଉନାହିଁ । ରାଜ୍ୟରେ ୪୦୨ ଜଣ କରୋନାରେ ମୃତ୍ୟୁବରଣ କଲେଣି । ଯାହାକି ୫ ଜିଲ୍ଲାରେ ଏବେ ୯୮ ନୂଆ ମାମଲା ସାମନାକୁ ଆସିଛି । ଏହା ବାଦ ଦେଶରେ ସଂକ୍ରମିତ ରୋଗୀଙ୍କ ସଂଖ୍ୟା ୯୩୨୬ ରେ ପହଂଚିଛି । ରାଜ୍ୟରେ ଏବେ ସୁଦ୍ଧା ୬୧୦୮ ଜଣ କରୋନା ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଇନ୍ଦୋରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଏମ.ପି. ଶର୍ମା ରବିବାରକୁ କହିଛନ୍ତି ଯେ, ଏମଜିଏମ ମେଡ଼ିକାଲ କଲେଜ ଦ୍ୱାରା ଶନିବାର ବିଳମ୍ବିତ ରାତିରେ ୧୬୧୯ ସାମ୍ପଲର ରିପୋର୍ଟ ଯାଂଚ କରିଥିଲେ, ଯେଉଁଥିରେ ୨୭ ପଜିଟିଭ ରୋଗୀ ମିଳିଥିଲେ । ଏହା ବାଦ ଜିଲ୍ଲାରେ ସଂକ୍ରମିତ ରୋଗୀଙ୍କ ସଂଖ୍ୟା ୩୭୪୯ ହୋଇଛି । ତିନି ଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ଜଣେ ୭୧ ବର୍ଷୀୟ ହୋଇଥିବା ବେଳେ ଆଉ ଜଣେ ୬୨ ବର୍ଷୀୟ ସହିତ ଜଣେ ୨୩ ବର୍ଷୀୟ ଯୁବକ ସାମିଲ ଅଛନ୍ତି । ଇନ୍ଦୋରରେ କରୋନାରେ ମୃତ୍ୟୁବରଣ କରିଥିବା ସଂଖ୍ୟା ୧୫୬ରେ ପହଂଚିଛି । ଭୋପାଳର ମୁଖ୍ୟ ଚିକିତସା ଅଧିକାରୀ ଡାକ୍ତର ପ୍ରଭାକର ତିୱାରୀଙ୍କ କହିବା ଅନୁସାରେ ରବିବାର ସକାଳେ ପ୍ରାପ୍ତ ରିପୋର୍ଟରେ ୫୦ ନୂଆ ମାମଲା ସାମନାକୁ ଆସିଛି । ଏହାବାଦ ନିମଚରେ ୮ ଜଣ, ରାଜଗଡ଼ରେ ୭ ଓ ଉଜ୍ଜୟିନିରେ ୬ ଜଣ ପଜିଟିଭ ଅଛନ୍ତି । ଏହି ୯୮ ନୂଆ ମାମଲା ସହିତ ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ମୋଟ ୯୩୨୬ ଅଟେ । ଏଥିରେ ସବୁଠାରୁ ଅଧିକ ଇନ୍ଦୋରରୁ ୩୭୪୯, ଭୋପାଳରେ ୧୭୮୩, ଉଜ୍ଜୟିନିରେ ୭୨୫, ଖଣ୍ଡୱାରେ ୨୬୦, ବୁରହାନପୁରରେ ୩୩୧, ଜବଲପୁରରେ

▶▶ପୃଷ୍ଠା ୭

## ରାଜ୍ୟରେ ଗତ ୨୪ ଘଂଟାରେ ୩୪୭୭ ନମୁନାର ପରୀକ୍ଷଣ

ଭୁବନେଶ୍ୱର,୭।୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟାରେ ୩୪୭୭ ନମୁନାର ପରୀକ୍ଷା କରା ଯାଇଛି । ବର୍ତମାନ ସୁଦ୍ଧା ରାଜ୍ୟରେ ୧୭୬୦୯୮ ନମୁନାର ପରୀକ୍ଷଣ କରା ଯାଇ ସରିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ କୁହା ଯାଇଛି ଯେ ବର୍ତମାନ ସୁଦ୍ଧା ରାଜ୍ୟରେ ୨୮୫୬ ଟି ମାମଲା ସାମନାକୁ ଆସିଛି । ଏଥି ମଧ୍ୟରୁ ୯ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୭୧୬ ଜଣ ସୁସ୍ଥ ହୋଇ ସାରିଛନ୍ତି । ରାଜ୍ୟରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୧୨୯ ରହିଛି ।

# ଗୋଟିଏ ଦିନରେ ସୁସ୍ଥ ହେଲେ ୧୭୮ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୭।୬ (ନି.ପ୍ର): ରାଜ୍ୟରେ ରବିବାର ଦିନ ଗୋଟିଏ ଦିନରେ ସର୍ବାଧିକ ୧୭୮ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ୧୮ ଟି ଜିଲ୍ଲାରୁ ସୁସ୍ଥ ହୋଇଥିବା ଏହି ୧୭୮ ଜଣଙ୍କୁ ମିଶାଇ ରାଜ୍ୟରେ ସମୁଦାୟ ୧୮୯୪ ଜଣ ସୁସ୍ଥ ହୋଇଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ସୁସ୍ଥ ବ୍ୟକ୍ତିମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାର ସର୍ବାଧିକ ୩୯ ଜଣ ଆକ୍ରାନ୍ତ ରହିଛନ୍ତି । ସେହିପରି ଗଜପତିର ୨୩ ଜଣ, ନୂଆପଡାର ୨୨ ଜଣ, ଭଦ୍ରକର ୧୭ ଜଣ, ନୟାଗଡ଼ର ୧୫ ଜଣ, ଗଞ୍ଜାମର ୧୪ ଜଣ, କେନ୍ଦ୍ରାପଡାର ୧୦ ଜଣ, ଢେଙ୍କାନାଳର ୯ ଜଣ, କନ୍ଧମାଳର ୯ ଜଣ, ସୁନ୍ଦରଗଡ଼ର ୬ ଜଣ, ୪ ଜଣ ବାଲେଶ୍ୱରର ରହିଛନ୍ତି । ଏହା ବ୍ୟତୀତ ବଲାଙ୍ଗୀର, କଟକ ଓ ମାଲକାନଗିରିର ୨ ଜଣ ଲେଖାଏଁ ସୁସ୍ଥ ହୋଇଛନ୍ତି । ସୁସ୍ଥଙ୍କ ମଧ୍ୟରେ ଜଗତସିଂହପୁର, ଝାରସୁଗୁଡା, ନବରଙ୍ଗପୁର ଓ ପୁରୀର ଜଣେ ଲେଖାଏଁ ରହିଛନ୍ତି । ଉଲ୍ଲେଖ୍ୟଯୋଗ୍ୟ ଯେ ରବିବାର ସକାଳେ ୧୬ ଟି ଜିଲ୍ଲାରୁ ୭୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ଏଥିସହ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୮୫୬କୁ ବୃଦ୍ଧି ପାଇଛି । ଅନ୍ୟପକ୍ଷରେ ରବିବାର ଗଂଜାମ ଜିଲ୍ଲାରେ ଜଣେ କୋଭିଡ୍ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିବା ପରେ ରାଜ୍ୟରେ କରୋନା ଜନିତ ମୃତକଙ୍କ ସଂଖ୍ୟା ୯କୁ ବୃଦ୍ଧି ପାଇଛି ।

## ରାଜ୍ୟରେ ଆଉ ଜଣ କୋରୋନା ଆକ୍ରାନ୍ତଙ୍କ ମୃତ୍ୟୁ, ମୃତ୍ୟୁ ସଂଖ୍ୟା ୯ରେ ପହଂଚିଲା

ଭୁବନେଶ୍ୱର,୭।୬ (ନି.ପ୍ର): ରାଜ୍ୟରେ କରୋନା ଆକ୍ରାନ୍ତ ହୋଇଥିବା ଆଉ ଜଣଙ୍କର ମୃତ୍ୟୁ ଘଟିଛି । ମୃତକ ଜଣକ ଗଞ୍ଜାମ ଜିଲ୍ଲାର ଜଣେ ୫୫ ବର୍ଷୀୟ ବ୍ୟକ୍ତି ବୋଲି ସୂଚନା ମିଳିଛି । ଏହାକୁ ମିଶାଇ ଗଞ୍ଜାମ ଜିଲ୍ଲାରେ କରୋନା ଆକ୍ରାନ୍ତରେ ୪ ଜଣଙ୍କ ମୃତ୍ୟୁ ଘଟି ସାରିଲାଣି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ୱେବ୍‌ସାଇଟ୍‌ରେ ଦିଆ ଯାଇଥିବା ସୂଚନା ଅନୁସାରେ ଏହା ଦ୍ୱାରା ରାଜ୍ୟରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୯କୁ ବୃଦ୍ଧି ପାଇଛି । ସେହିପରି ଆଉ ୨ ଜଣ କରୋନାରେ ଆକ୍ରାନ୍ତ ହୋଇଥିଲେ ମଧ କରୋନା ଯୋଗୁ ସେମାନଙ୍କର ମୃତ୍ୟୁ ଘଟି ନ ଥିବା ସୂଚନା ଦିଆଯାଇଛି ।

# ବନ୍ଦେ ଉତ୍କଳ ଜନନୀର ରାଜ୍ୟ ମାନ୍ୟତକୁ ସ୍ୱାଗତ କଲେ ଧର୍ମେନ୍ଦ୍ର



ଭୁବନେଶ୍ୱର,୭।୬ (ନି.ପ୍ର): ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସରକାର ରାଜ୍ୟ ସଂଗୀତ ମାନ୍ୟତା ଦେଇଥିବାରୁ କେନ୍ଦ୍ର ପେଟ୍ରୋଲିୟମ ଓ ରାସାୟନିକ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ନିଷ୍ପତିକୁ ସ୍ୱାଗତ କରିଛନ୍ତି । ସେ କହିଛନ୍ତି ଯେ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମୟରେ ଏ ସଂଗୀତର ଦେଶାତ୍ମବୋଧ ମଂଜି ବୁଣିଥିଲା । କ୍ୟାବିନେଟରେ ନିଆଯାଇଥିବା ଏହି ନିଷ୍ପତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି ।

# ୧୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କଲା ପାଣିପାଗ ବିଭାଗ



ଭୁବନେଶ୍ୱର,୭।୬ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ବିଜୁଳି , ଘଡଘଡି ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୧୮ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରୀ କରାଯାଇଛି । ଏହି ଜିଲ୍ଲାଗୁଡିକ ହେଲା ।କନ୍ଦୁଝର , ମୟୁରଭଂଜ , ସୁନ୍ଦରଗଡ, ବାଲେଶ୍ୱର ,ଭଦ୍ରକ, ଯାଜପୁର,କଟକ, ଦେବଗଡ, ସମ୍ବଲପୁର, ଝାରସୁଗୁଡା, ସୁବର୍ଣ୍ଣପୁର, ବୌଦ୍ଧ,କନ୍ଧମାଳ, ଅନୁଗୁଳ, ଢେଙ୍କାନାଳ,ବରଗଡ, ନୟାଗଡ ଓ ବଲାଙ୍ଗୀର । ଆସନ୍ତା ୨୪ ଘଂଟା ମଧ୍ୟରେ ଏହି ସବୁ ଜିଲ୍ଲାଗୁଡିକରେ ଘଡଘଡି ବିଜୁଳି ସହ ଘଂଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

# ଆଜି ପ୍ରସ୍ତାବିତ ହଂସପାଳ ଫ୍ଲାଇ ଓଭରବ୍ରିଜ୍‌ର ଭୂମିପୂଜନ କରିବେ ସାଂସଦ ଅପରାଜିତା ଷଡଙ୍ଗୀ



ଭୁବନେଶ୍ୱର,୭।୬ (ନି.ପ୍ର): ଆସନ୍ତାକାଲି (ସୋମବାର) ସକାଳ ୮ ଟାରେ ନିରାଡ଼ମ୍ବରଭାବେ ସାମାଜିକ ଦୂରତା ଅବଲମ୍ବନ କରି ଭୂମିଭୂଜନ କରିବେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ । କଟକ-ଭୁବନେଶ୍ୱର ଜାତୀୟ ରାଜପଥର ହଂସପାଳ ଛକରେ ଫ୍ଲାଇ ଓଭରବିଜ୍ ନଥିବାରୁ ଟ୍ରାଫିକ୍ ସମସ୍ୟାରେ ଦୁର୍ଘଟଣାରେ ବହୁ ଧନଜୀବନ ହାନିହୋଇ ହଂସପାଳ ଛକ ମରଣଯନ୍ତା ପାଲଟି ଅଂଚଳବାସୀଙ୍କ ପାଇଁ ସବୁବେଳେ ଦୁର୍ଘଟଣା ଜନିତ ଆସନ୍ନ ମୃତ୍ୟୁକୁ ଆମନ୍ତ୍ରଣ କରୁଥିଲା । ଏ ସମ୍ପର୍କରେ ସ୍ଥାନୀୟ ନହରକଂଟା, ହରିଦାସପୁର, ରୁଦ୍ରପୁର, ସୁନ୍ଦରାପାଟଣା, ବଙ୍ଗୁଆରୀ, ହଂସପାଳ, ବାଲିଅନ୍ତା, ଭିଙ୍ଗାରପୁର ଅଂଚଳର ଜନସାଧାରଣ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ । ପୂର୍ବତନ ବିଧାୟକ ଭାଗୀରଥି ବଡ଼ଜେନା, ପ୍ରିୟଦର୍ଶୀ ମିଶ୍ର, ବିଧାୟକ ସୁଶାନ୍ତ କୁମାର ରାଉତ, ଡଃ ଅରବିନ୍ଦ ଢାଲି, ପୂର୍ବତନ ଅର୍ଥମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ବିଧାନସଭାରେ

▶▶ପୃଷ୍ଠା ୭

# ଆଜିଠାରୁ ୬୬ଟି ରୁଟ୍‌ରେ ଚାଲିବ ଓଏସଆରଟିସି ବସ୍




ଭୁବନେଶ୍ୱର,୭।୬ (ନି.ପ୍ର): ଆସନ୍ତାକାଲି (ସୋମବାର) ଠାରୁ ଓଏସଆରଟିସିର ବସ୍ ଚଳାଚଳ କରିବ ବୋଲି ଏହାର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ୯୬ଟି ୨୨ଟି ସହରକୁ ଯୋଡ଼ାଯିବ । ୬୬ଟି ରୁଟ୍‌ରେ ଏହି ବସ୍ ଚାଲିବ । ବିନା ମାସ୍କରେ କୌଣସି ଯାତ୍ରୀ ଯାଇପାରିବେ ନାହିଁ କି ବସ୍‌ରେ ଛିଡ଼ା ହୋଇ କୌଣସି ବ୍ୟକ୍ତି ଯାଇପାରିବେ ନାହିଁ । ପର୍ଯ୍ୟାୟକ୍ରମେ ଅଧିକ ରୁଟ୍‌ରେ ବସ୍ ଚାଲିବ । ସାମାଜିକ ଦୂରତାକୁ ମଧ ବଜାୟ ରଖାଯିବ ।

# ବେଧଡକ ଚାଲିଛି ମାଙ୍କଡା ପଥର କାରବାର, ପ୍ରଶାସନର ଜାଣି ଚୁପ

ଧର୍ମଶାଳା,୭/୬ (ନି.ପ୍ର): ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି । ଯାହାକୁ ନେଇ ସରକାର ଓ ଜିଲା ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛି । ଏହି ମହାମାରୀ କରୋନାର ସୁଯୋଗ ନେଇ ପ୍ରଶାସନିକ ଅଧିକାରୀଙ୍କୁ ହାତବାରିସୀ କରି କିଛି ମାଙ୍କଡା ପଥର ବେପାରୀମାନେ ବେଧଡକଭାବେ ମାଙ୍କଡା ପଥର ପରିବହନ କରୁଥିବା ଅଭିଯୋଗ ହୋଇଛି । ଯାଜପୁର ଜିଲାର ବଡଚଣା ନିର୍ବାଚନ ମଣ୍ଡଳୀ ଦର୍ପଣ ତହସିଲ ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ମାଙ୍କଡା ପଥର ଜିଲାର ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଇଥାଏ । ଗଲା କିଛି ଦିନ ହେବ ଏଠାରେ କାରବାର ବନ୍ଦ ହେବା ପରେ ମାଫିଆମାନେ ଢେଙ୍କାନାଳ ଜିଲାର ନିଅଲ ପ୍ରସାଦ ଅଂଚଳରୁ ବେଆଇନ ଖନନ କରାଯାଇ ଟ୍ରକମାନଙ୍କରେ ବଡଚଣା, ବୈରୀ, ଜେନାପୁର, ଧର୍ମଶାଳା ଆଦି ଅଂଚଳକୁ ଦିନ ଦ୍ୱିପ୍ରହରରେ ଖୁଲମଖୁଲା ପରିବହନ କରାଯାଉଛି । ବିଶେଷ କରି ଏହି ଟ୍ରକଗୁଡିକ ଗାଁ ରାସ୍ତା ଦେଇ ଆସିଥିବା ବେଳେ ଗାଁ ରାସ୍ତାମାନଙ୍କରେ ଖାଲଖମାରେ ପରିଣତ ହେଲାଣି । ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନଥିବା ବେଳେ ମାଫିଆମାନେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସଲାସୁତ୍ରରେ ଏହି ପରିବହନ ହେଉଥିବାରୁ ସେମାନଙ୍କ ବିରୋଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଉ ନ ଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି । ଜିଲାପାଳ ତୁରନ୍ତ ଏହି ଅଂଚଳପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବଡଚଣାର ଗ୍ରାମବାସୀ ଦାବି କରିଛନ୍ତି ।

# ଧାମରା-କାଳିନାଳୀ-ତାଳଚୁଆ ଆର୍ନ୍ତଜିଲ୍ଲା ଜଳପଥ ପରିବହନ ସାଗରମାଳା : ପ୍ରକଳ୍ପର ଅଭିମୁଖେ ପୋର୍ଟ ନିର୍ଦ୍ଦେଶକ ଏବଂ ପ୍ରମୁଖ ସଚିବ

ଭଦ୍ରକ, ୭/୬ (ହି.ସ.) - ଧାମରା ନିକଟସ୍ଥ ଦୋସିଙ୍ଗା ପଂଚାୟତସ୍ଥ କାଳିନାଳୀ-ତାଳଚୁଆ ଆର୍ନ୍ତଜିଲ୍ଲା ଜଳପଥ ପରିବହନ ସାଗରମାଳା ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ନେଇ ଆଜି ରାଜ୍ୟ ବନ୍ଦର ନିର୍ଦ୍ଦେଶକ ଏବଂ ବାଣିଜ୍ୟ ବିଭାଗର ପ୍ରମୁଖ ସଚିବ ଧାମରା ଗସ୍ତ କରି ଫେରିଛନ୍ତି । ରାଜ୍ୟ ସରକାରଙ୍କ ବାଣିଜ୍ୟ ଏବଂ ଆର୍ନ୍ତଜିଲ୍ଲା ଜଳପଥ ପରିବହନ ପ୍ରାଧିକରଣ ସଂସ୍ଥା ଏହି ଆର୍ନ୍ତଜିଲ୍ଲା ପରିବହନକୁ ସାଗରମାଳା ଯୋଜନାରେ ଅର୍ନ୍ତଭୁକ୍ତ କରିବା ପାଇଁ ଚୂଡାନ୍ତ ପ୍ରକ୍ରିୟା ଶେଷ କରି କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇଥିଲେ । କେନ୍ଦ୍ର ସରକାରଙ୍କ ଜାହାଜ ଚଳାଚଳ ମନ୍ତ୍ରଣାଳୟ ନିକଟରୁ ସବୁଜସଙ୍କେତ ମିଳିବା ପରେ ଆଜି ରାଜ୍ୟ ବନ୍ଦର ବିଭାଗର ନିର୍ଦ୍ଦେଶକ ସୁବ୍ରତ ରାଉତ, ବାଣିଜ୍ୟ ବିଭାଗର ପ୍ରମୁଖ ସଚିବ ମଧୁସୂଦନ ପାଢୀ, ଭଦ୍ରକ ଉପଜିଲ୍ଲାପାଳ ଅରୁଣ ମହାପାତ୍ର ଆସି ଧାମରାରେ ୩ଟା ସମୟରେ ପହଂଚିଥିଲେ । ଏଠାରେ ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୂତାର, ଅତିରିକ୍ତ ତହସିଲଦାର ଚୈତନ୍ୟ ପ୍ରସାଦ ମୁର୍ମୁ, ସୁପରଭାଇଜର ଦାଶରଥି ଦାସ ସେମାନଙ୍କୁ ସ୍ୱାଗତ କରିଥିଲେ । ପରେ ଏକ ବୋଟରେ ଧାମରା ରୁ ବାହାରି କାଳିନାଳୀ, ଏବଂ ତାଳଚୁଆ ଅଭିମୁଖେ ଯାତ୍ରା କରିଥିଲେ । ଏହି ୩ଟି ସ୍ଥାନରେ ସରଜମିନ ତଦନ୍ତ କରି କିପରି ଏହି ଜେଟି ନିର୍ମାଣ ହେବା ସହ ଭଦ୍ରକ ଜିଲ୍ଲାର ଧାମରା ରୁ କେନ୍ଦ୍ରାପଡା ଜିଲ୍ଲାର ତାଳଚୁଆ ସଂଯୋଗୀ କରଣ କରାଯିବ ସେ ନେଇ ବ୍ଲୁ ପ୍ରିଂଟ ପ୍ରସ୍ତୁତ ହୋଇ ସାରିଛି ଏବଂ ଖୁବ ଶୀଘ୍ର ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି ମତବ୍ୟକ୍ତ କରିଥିଲେ । ଧାମରା ନିକଟସ୍ଥ କାଳିନାଳୀ ଘାଟଠାରୁ କେନ୍ଦ୍ରାପଡା ଜିଲ୍ଲାର ତାଳଚୁଆ ଫେରିଘାଟକୁ ଯାତାୟତ କରୁଥିବା ଲୋକ ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାକୁ ସାଗରମାଳା ଯୋଜନାରେ ଅର୍ନ୍ତଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ବାଣିଜ୍ୟ ବିଭାଗ ଅବଗତ କରାଇଥିଲା । ଇତି ମଧ୍ୟର କେନ୍ଦ୍ର ସରକାର ଏହାକୁ ସ୍ୱୀକୃତୀ ଦେବା ସହ କାଳିନାଳୀ ଘାଟରେ ମୃର୍ତ୍ତିକା ପରୀକ୍ଷା କରିବାକୁ ଆଦେଶ ଦେଇଥିଲେ । ଏହି ଆଦେଶ ପାଇବା ପରେ ଆଇ ଆଇ ଟି ଚେନ୍ନାଇର ଯନ୍ତ୍ରୀ ମାନେ ଆସି ଏହାର ମୃର୍ତ୍ତିକା ପରୀକ୍ଷଣ କରିବା ସହ ଶେଷ ରିପୋର୍ଟ କେନ୍ଦ୍ର ସରକାରଙ୍କ ପାଖରେ ଦାଖଲ କରିଥିଲେ । ଏହି ସାଗରମାଳା ଯୋଜନାରେ ଧାମରା ଠାରେ ଥିବା କାଳିନାଳୀ ଘାଟ ଏବଂ କେନ୍ଦ୍ରାପଡାର ତାଳଚୁଆ ଫେରିଘାଟରେ ୨ଟି ଅତି ଉନ୍ନତ ମାନର ଏରୋଫାକ୍ସ ଜେଟି ନିର୍ମାଣ କରାଯିବ । ଏଥିସହ ୨ବଡ ଭେସଲ ପ୍ରତି ଘଂଟା ଅନ୍ତରରେ ୨ଟି ସ୍ଥାନରୁ ଛାଡିବ ଏହି ଭେସଲରେ ଟ୍ରକ,ବସ ଯାତାୟତ କରିବା ସୁବିଧା ହୋଇପାରିବା ସହ ଆଗାମୀ ଦିନରେ ଏହି ଜେଟିରୁ ବାର୍ଜ ଯୋଗେ ମଧ୍ୟ ମାଲ ପରିବହନ ହୋଇ ପାରିବ । ଏହି ସେବା ଉପଲବ୍ଧ ହେବା ପରେ ବିଶ୍ୱଐତିହ ଭିତରକନିକାକୁ ଯାତାୟତ କରିବା ପାଇଁ ସିଧାସଳଖ ବସ ଯୋଗେ ଟୁରିଷ୍ଟ ମାନେ ଆସି ଏହି ସ୍ଥାନ ବୁଲି ପାରିବେ ବୋଲି ପ୍ରକାଶ । ଏହା ଫଳରେ ରାଜ୍ୟ ସରକାରଙ୍କ ରାଜସ୍ୱ ବୃଦ୍ଧିପାଇବା ସହ ବହୁ ସଂଖ୍ୟାରେ ଟୁରିଷ୍ଟ ବସ ଯୋଗେ ଭିତରକନିକାକୁ ଯାଇ ପାରିବେ । କୋଲକାତା ରୁ ଆସୁଥିବା ଟୁରିଷ୍ଟ ମାନଙ୍କର ଦୂରତା କମିବା ସହ ଖୁବ କମ ସମୟ ମଧ୍ୟରେ ଭିତରକନିକାକୁ ଯାତାୟତ କରି ପାରିବେ । ପ୍ରାଥମିକ ପ୍ରଦକ୍ଷେପ ସ୍ୱରୂପ ଧାମରା କାଳୀନାଳୀ ଠାରୁ ବଙ୍ଗୋପସାଗର ମୁହାଣ ଏବଂ କେନ୍ଦ୍ରାପଡା ଜିଲ୍ଲାର ତାଳଚୁଆ ଫେରିଘାଟ ପର୍ଯ୍ୟନ୍ତ ଥିବା ଜଳପଥକୁ ଡ୍ରେଜିଂ କରାଯିବ ଏବଂ ପ୍ରତି ମାସ ଏହି ମୁହାଣ ଅଂଚଳ ପୋତି ପଡୁଥିବାରୁ ଏହାକୁ ପ୍ରତିମାସରେ ଡ୍ରେଜିଂ କରାଯିବା ବୋଲି ଜଣାଯାଇଛି । ଏହି କାର୍ଯ୍ୟ ନିମନ୍ତେ କେନ୍ଦ୍ର ସରକାର ପରିବେଶ ମଞ୍ଜୁରୀ ମିଳି ଯାଇଛି । ୧ଶହ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହୋଇଯିବ ବୋଲି ରାଜ୍ୟ ସରକାରଙ୍କ ବନ୍ଦର ନିର୍ଦ୍ଦେଶକ ସୁବ୍ରତ ରାଉତ, ଏବଂ ବାଣିଜ୍ୟ ବିଭାଗର ପ୍ରମୁଖ ସଚିବ ମଧୁସୂଦନ ପାଢୀଙ୍କ ନିକଟରୁ ପ୍ରକାଶ । ଏହି ସାଗରମାଳା ଯୋଜନା କାର୍ଯ୍ୟକାରୀ ହୋଇଗଲେ ଆର୍ନ୍ତଜିଲ୍ଲା ପରିବହନ ସେବାର ଗୁରୁତ୍ୱ ବଢିବା ସହ ଧାମରାର ଗୁରୁତ୍ୱ ବିଶ୍ୱ ଦରବାରରେ ବଢିଯିବ ବୋଲି ଅଂଚଳବାଶୀ ଆଶାବାଦୀ ।

# ସଟ୍ ଡାଉନରେ ଆସିଲେ ୮୮୯, ଜିଲ୍ଲାରେ ମୋଟ ପ୍ରବାସୀ ସଂଖ୍ୟା ୨୯,୬୭୭

କେନ୍ଦ୍ରାପଡ଼ା,୭/୬ (ନି.ପ୍ର): ରାଜ୍ୟ ସରକାରଙ୍କ ଅନଲକ-୧ ରେ ଜୁନ ମାସର ଶନିବାର ଓ ରବିବାର ସଟ୍ ଡାଉନ ଥିବାବେଳେ ପ୍ରଥମ ଶନିବାର ଦିନ ୮୮୯ ଜଣ ପ୍ରବାସୀ ଜିଲ୍ଲାକୁ ଆସିବା ପରେ ଜିଲ୍ଲାରେ ମୋଟ ପ୍ରବାସୀ ସଂଖ୍ୟା ୨୯୬୭୭ ରେ ପହଁଚିଛି । ଶନିବାର ଦିନ ଆସିଥିବା ପ୍ରବାସୀ ମାନଙ୍କ ମଧ୍ୟରୁ କେନ୍ଦ୍ରାପଡା ବ୍ଲକ କୁ ଆସିଥିବା ପ୍ରବାସୀ ମାନଙ୍କ ସଂଖ୍ୟା ୧୩୨ ଥିବାବେଳେ ମୁନିସିପାଲିଟିକୁ ୩, ମାର୍ଶାଘାଇ ବ୍ଲକ-୧୪୭, ଆଳି-୩, ପଟ୍ଟାମୁଣ୍ଡାଇ-୬୨, ରାଜନଗର-୧୫୧, ଡେରାବିଶ-୧୬୦, ମହାକାଳପଡା-୧୭୭, ରାଜକନିକା-୬୪ ଓ ଗରଦପୁର-୯୩ ଜଣ ପ୍ରବାସୀ ଫେରିଥିବାର ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏହି ପ୍ରବାସୀ ମାନଙ୍କୁ ଜିଲ୍ଲାର ବିଭିନ୍ନ ସଂଗରୋଧ ଶିବିରକୁ ପଠାଯାଇଛି । ଅପରପକ୍ଷରେ ଏହି ସଟ୍ ଡାଉନରେ ଜିଲ୍ଲାର ସମସ୍ତ ଦୋକାନ ବଜାର ବନ୍ଦ ଥିବାରୁ ସାଧାରଣ ଯାତାୟତ ଏକ ରକମ ବନ୍ଦ ରହିଛି । କେବଳ ଅତି ଜରୁରୀ ତଥା ସ୍ୱାସ୍ଥ୍ୟସେବା ପରି ଜରୁରୀ ମାମଲାରେ କିଛି ଲୋକ ଯାତାୟତ କରୁଥିବାର ଦେଖା ଯାଇଥିଲା । ଆଇନ ଶୃଙ୍ଖଳା ରକ୍ଷା ପାଇଁ ସହର ର ଅଖପାଖ ଅଂଚଳର ଗୁରତ୍ୱ ପୂର୍ଣ୍ଣ ସ୍ଥାନ ମାନଙ୍କରେ ପୋଲିସ ପକ୍ଷରୁ ଯାତ୍ରୀ ମାନଙ୍କୁ ତନଖି କାର୍ଯ୍ୟ ଜାରି ରହିଥିଲା । ଏସଡିପିଓ ରାଜୀବ ଲୋଚନ ପଣ୍ଡା , ଟାଉନ ଥାନା ଅଧିକାରୀ ଜ୍ୟୋତି ଶଙ୍କର ସାମନ୍ତରାୟ, ସଦର ଥାନା ଅଧିକାରୀ ପ୍ରମୋଦ ମଲିକ, ଏ ଏସ ଆଇ ଅନ୍ତର୍ଯାମୀ ବିଶ୍ୱାଳ ଓ ସୌମ୍ୟ ରଞ୍ଜନ ଜାଲିଙ୍କ ସମେତ ଟାଉନ ଫାଣ୍ଡି ଅଫିସର ନରେନ୍ଦ୍ର ନାଥ ସୋରେନ ଓ ଅନ୍ୟ ପୋଲିସ ମାନେ ସଟ୍ ଡାଉନ କଟକଣା ପାଳନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାର ଜଣା ପଡିଛି ।

# ମୌସୁମୀ ଆଗମନକୁ ଦୃଷ୍ଟିରେ ରଖି ଖରିଫ ଫସଲର ଧାନ ବୁଣା ଆରମ୍ଭ

ନୂଆପଡା,୭/୬ (ନି.ପ୍ର): ମୌସୁମୀ ଆଗମନକୁ ଦୃଷ୍ଟିରେ ରଖି ନୂଆପଡା ଜିଲ୍ଲାର ଚାଷୀକୂଳ ତତ୍ପର ହୋଇ ପଡିଛନ୍ତି । ଜିଲ୍ଲାର ସିନାପାଲି ବ୍ଲକ ଅଂଚଳରେ ଚାଷୀ ଖରିଫ ଫସଲର ଧାନ ବୁଣା କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି । ନୂଆ ଆଶା, ଉଦ୍ଦିପନା ସହ ଅଧିକ ଅମଳର ଲକ୍ଷ ନେଇ ଚଳିତ ବର୍ଷ ଚାଷୀ ଚାଷ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଚାଷୀ ନିଜ ନିଜ ଜମିକୁ ହଳନଙ୍ଗଳ କରି ଭଲ ଭାବରେ ଜମିକୁ ଚଷି ଧାନ ବୁଣିବା ଆରମ୍ଭ କରି ଦେଇଛନ୍ତି । ଚଳିତ ବର୍ଷ ଭଲ ମୌସୁମୀକୁ ଦୃଷ୍ଟିରେ ରଖି ଭଲ ବର୍ଷା ସହ ଚାଷ ହେବ ବୋଲି ଚାଷୀ ମାନେ ପ୍ରକାଶ କରିଛନ୍ତି ।

# କଂଟାମାଳ : ବୋଲେରୋ ଗାଡି ସହ ୧୧ ବସ୍ତା ଗଞ୍ଜେଇ ଜବତ, ଚାଲାଣକାରୀ ଫେରାର

ବୌଦ୍ଧ,୭/୬ (ନି.ପ୍ର): ବୌଦ୍ଧ ଜିଲା କଂମାଳ ପୋଲିସ ପକ୍ଷରୁ ଆଜି ଗଞ୍ଜେଇ ଚାଲାଣ ହେଉଥିବା ସମୟରେ ଚଢାଉ କରି ୧୧ ଟି ବସ୍ତାରେ ଥିବା ୩ କୁଇଂଟାଲ ୧୪ କେଜି. ଗଞ୍ଜେଇ ଜବତ କରିଥିବା ବେଳେ ଚାଲାଣରେ ବ୍ୟବହୃତ ହେଉଥିବା ମାକ୍ସ ବୋଲେରୋ ପିକ୍ଅପ ଗାଡି ଜବତ କରିଛି । ମାତ୍ର ଗଞ୍ଜେଇ ଚାଲାଣକାରୀ ମାନଙ୍କୁ ପୋଲିସ ଧରିବାରେ ସଫଳ ହୋଇପାରିନାହିଁ । ପୋଲିସ ସୂତ୍ରରୁ ପ୍ରକାଶ, କଂଟାପଡା ଅଂଚଳରୁ ଜିଲା ବାହାରକୁ ଚାଲାଣ ହେଉଥିବା ବେଳେ ଶ୍ରୀମାଲ ଛକ ଠାରେ ପୋଲିସକୁ ଦେଖି ଗଞ୍ଜେଇ ଚାଲାଣକାରୀମାନେ ଗାଡି ଛାଡି ପଳେଇଥିଲେ । ପୋଲିସ ଗାଡି ( ନଂ- ଓଆର ୧୫ ଏଲ୍- ୮୨୦୭ ) ଯାଂଚ କରି ସେଥିରୁ ୧୧ ଟି ବସ୍ତାରେ ଥିବା ୩ କୁଇଂଟାଲ ୧୪ କେଜି. ଗଞ୍ଜେଇ ଜବତ କରିଥିବା କଂଟାମାଳ ଥାନା ଅଧିକାରୀ ଅଶ୍ୱିନି ଭିତରିଆ ସୂଚନା ଦେଇଛନ୍ତି । ଏନେଇ ଏକ କେଶ ନଂ – ୬୯/୨୦୨୦ ରୁଜୁ କରାଯାଇ ତଦନ୍ତ ଚାଲିଥିବା ସୂଚନା ଦିଆଯାଇଛି ।

# ଗାନ୍ଧୀଙ୍କ ଐତିହାସିକ ହରିଜନ ପଦଯାତ୍ରା ସ୍ମାରକୀ ଦିବସ ପାଳିତ

ଭଦ୍ରକ, ୭/୬ (ହି.ସ.) - ୧୯୩୪ ମସିହା ଜୁନ ୭ ତାରିଖରେ ଐତିହାସିକ ହରିଜନ ପଦଯାତ୍ରାର ସ୍ମାରକୀ ଦିବସ ଉପଲକ୍ଷେ ଆଜି ଭଦ୍ରକ ଗାନ୍ଧି ବିଚାରମ ଏବଂ ଗାନ୍ଧି ଓଡ଼ିଶା ବାଳାଶ୍ରମରେ ପାଳନ କରାଯାଇଛି । ସକାଳ ୭ଟା ୩୦ ସମୟରେ ଗାନ୍ଧି ପଡ଼ିଆ ଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତିରେ ଭଦ୍ରକ ଗାନ୍ଧି ବିଚାରମ ତରଫରୁ ମାଲ୍ୟାର୍ପଣ କରାଯାଇଥିଲା । ପ୍ରଥମେ ଗାନ୍ଧି ବିଚାରମ ର ସମ୍ପାଦକ ଶିକ୍ଷାବିତ ଶାନ୍ତନୁ ରାଉତ ଧୂପ ଦୀପ ଅର୍ପଣ କରିବା ପରେ ଗାନ୍ଧିଙ୍କ ପ୍ରିୟଭଜନ ଗାନ କରାଯାଇଥିଲା । ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ, ଅଧିବକ୍ତା ତୁଷାରକାନ୍ତି ମହାନ୍ତି, ଅଧିବକ୍ତା ଗଦାଧର ବଳ, ସାହିତ୍ୟାନୁରାଗୀ ବୈଲୋଚନ ବେହୁରିଆ, ଚର୍ଚ୍ଚିକା ପ୍ରସାଦ ମହାପାତ୍ର, ଶ୍ରୀହର୍ଷ ସ୍ୱାଇଁ, ଉଦୟନାଥ ମହାନ୍ତି, ହରମୋହନ କୁଅଁର, ବିନୟ ପଣ୍ଡା ପ୍ରମୁଖ ଗାନ୍ଧିଜୀଙ୍କ ହରିଜନ ପଦଯାତ୍ରା ସ୍ମାରକୀ ଦିବସ ଉପଲକ୍ଷେ ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ୧୯୩୪ ମସିହା ଜୁନ ୫ ତାରିଖରେ ଗାନ୍ଧିଜୀ ଗରଦପୁର ସ୍ଥିତ ଗାନ୍ଧି ଓଡ଼ିଶା ବାଳାଶ୍ରମରେ ରାତ୍ରୀ ଯାପନ କରିଥିଲେ ଏବଂ ପରଦିନ ଅର୍ଥାତ ଜୁନ ୬ ତାରିଖରେ ବାଳାଶ୍ରମରୁ ହରିଜନ ପଦଯାତ୍ରା ଆରମ୍ଭ କରିଥିବାରୁ ଗାନ୍ଧି ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସଙ୍କ ନେତୃତ୍ୱରେ ଅନ୍ୟାନ୍ୟ କର୍ମକର୍ତା ଓ ଅନ୍ତେବାସୀଙ୍କ ଦ୍ୱାରା ଗାନ୍ଧିଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଗାନ୍ଧି ଭଜନ ଗାନ କରାଯାଇଥିଲା ।

# ଆହତ ନୀଳଗାଈ ଉଦ୍ଧାର

ନୂଆପଡା,୭/୬ (ନି.ପ୍ର): ନୂଆପଡା ଜିଲ୍ଲା କୋମନା ବ୍ଲକ ସୁନାବେଡା ଅଭୟାରନ୍ୟର କଟିଙ୍ଗପାଣି ଗ୍ରାମ ଠାରେ ଆହତ ଅବସ୍ଥାରେ ବଣ୍ୟପ୍ରାଣୀ ନୀଳଗାଈ ଉଦ୍ଧାର ହୋଇଛି । ଏହି ନୀଳଗାଈର ଡାହାଣ ଗୋଡରେ ମାଡ ହୋଇଥିବା ବେଳେ ପ୍ରାଣୀ ଚିକିତ୍ସା ବିଭାଗ ଏବଂ ବନ୍ୟପ୍ରାଣୀ ବିଭାଗ ପହଂଚି ମିଳିତ ରୂପେ ଚିକିତ୍ସା କରିଛନ୍ତି । ବର୍ତମାନ ନୀଳଗାଈ ସୁସ୍ଥ ଥିବା ଜଣାପଡିଛି । ଅନ୍ୟପକ୍ଷରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଏବଂ ଜଙ୍ଗଲ କ୍ଷୟ କାରଣରୁ ନଈ, ନାଳ, ଝରଣା, ପୋଖରୀ ପାଣି ଶୁଖି ଯାଇଥିବା ବେଳେ ବନ୍ୟ ଜୀବଜନ୍ତୁ ମାନେ ପିଇବା ପାଣି ଅନ୍ୱେଷଣରେ ଗାଁ ମୁହାଁ ହେଉଥିବା ଦେଖିବାକୁ ମିଳିଛି ।

# ଜିଲ୍ଲାରେ ଦୁଇଦିନିଆ ସଟ୍‌ଡାଉନ୍ : ଶୂନଶାନ ସହରରେ ନୀରବତାର ଛାଇ

ଭଦ୍ରକ, ୭/୬ (ହି.ସ.) - କରୋନା ମହାମାରୀକୁ ରୋକିବା ଦିଗରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ୧୧ଟି ଜିଲାରେ ଚଳିତମାସ ପ୍ରଥମ ସପ୍ତାହର ପ୍ରତ୍ୟେକ ଶନିବାର ଓ ରବିବାର ଦୁଇଦିନ ସଟଡାଉନ୍ ଘୋଷଣା କରାଯାଇଛି । ତଦନୁଯାୟୀ ଭଦ୍ରକରେ ଏହି ସଟଡାଉନ୍ ଯୋଗୁଁ ଆଜି ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଥିବାବେଳେ ମୁଖ୍ୟ ରାସ୍ତାଗୁଡିକ ଖାଁ ଖାଁ ଲାଗୁଥିଲା । ତେବେ ପୂର୍ବରୁ ହୋଇଥିବା ସଟ୍‌ଡାଉନ୍ ସମୟରେ କେତେକ ଅମାନିଆ ଘରୁ ବାହାରି ବୁଲୁଥିବାର ଘଟଣା ଚର୍ଚ୍ଚାର ବିଷୟ ହୋଇଥିବାବେଳେ ଆଜିର ଏହି ସଟଡାଉନ୍‌ରେ କେହି ଘରୁ ବାହାରି ନଥିବାର ଦେଖାଦେଇଥିଲା । ଚରମ୍ପାରୁ ଜିଲାପାଳଙ୍କ ନୂତନ କାର୍ଯ୍ୟାଳୟ ଦେଇ ଯାଇଥିବା ସହରର ମୁଖ୍ୟ ରାସ୍ତାରେ କେବଳ କେତେକ ପାଟ୍ରୋଲିଂ ପୁଲିସ୍ ଗାଡି ଓ ମୁଖ୍ୟ ଚିକିତ୍ସାଳୟରୁ କଟକ ସ୍ଥାନାନ୍ତର ହେଉଥିବା ଜରୁରୀ କାଳୀନ ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ଗୁଡିକର ସାଇରନ୍ ସଟଡାଉନ୍‌ର ନୀରବତାକୁ ଭଙ୍ଗ କରୁଥିଲା । କଦବା କେମିତି ଗୋଟିଏ ଦୁଇଟି ଦୁଇଚକିଆ ଗାଡିରେ ଅସୁସ୍ଥ ଲୋକେ ଓ ଡ୍ୟୁଟି କରିବାକୁ ଯାଉଥିବା କର୍ମଚାରୀଙ୍କୁ ଦେଖିବାକୁ ମିଳିଥିଲା । ଜିଲା ପୁଲିସ୍ ପ୍ରଶାସନ ପକ୍ଷରୁ ଚରମ୍ପା, ବନ୍ତଛକ, ଚାନ୍ଦବାଲି ବାଇପାସ ଛକ, ଟାଉନ୍ ହଲ ଛକ ଓ ଅପର୍ତିବିନ୍ଧା ଚକ ଭଳି ସମ୍ବେଦନଶୀଳ ସ୍ଥାନମାନଙ୍କରେ ପୁଲିସ୍ ଫୋର୍ସ ମୁତୟନ କରାଯାଇଥିଲା । ସେମାନେ କେତେକ ଯାନବାହନ ଆରୋହୀଙ୍କୁ ମୁହଁରେ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇ ସଚେତନ କରାଉଥିବାର ଲକ୍ଷ୍ୟ କରାଯାଇଥିଲା ।

# ଧାନ ମଣ୍ଡିରେ ଅବ୍ୟବସ୍ଥା-୫ ରୁ ୧୦ କେଜି କଟନି ଛଟନି

ନୂଆପଡା,୭/୬ (ନି.ପ୍ର): ନୂଆପଡା ଜିଲ୍ଲାର ବିଭିନ୍ନ ଧାନ ମଣ୍ଡିରେ କ୍ୱିଂଟାଲ କ୍ୱିଂଟାଲ ଧାନ ପଡି ରହିଛି । ହେଲେ ମିଲର୍ସ ଧାନ ଉଠାଇଲା ବେଳେ କଟନି ଛଟନି କରୁଥିବା ନେଇ ଚାଷୀ ମାନେ ଅଭିଯୋଗ କରିଛନ୍ତି । ମିଲର୍ସ କ୍ୱିଂଟାଲ ପିଛା ୫ ରୁ ୧୦ କେଜି ଧାନ କାଟୁଥିବା ଅଭିଯୋଗ ହେଉଛି । ଏପରି ଅଭିଯୋଗ କରିଛନ୍ତି ଜିଲ୍ଲାର ଖଡିଆଳ ବ୍ଲକର ଭୋଜପୁର ଏବଂ ତୁକଲା ମଣ୍ଡିରେ ଧାନ ବିକ୍ରୟ କରୁଥିବା ଚାଷୀ ମାନେ । ମିଲର୍ସଙ୍କ ଏପରି ମନମୁଖି ଧାନ କଟନିଛଟନି କାରଣରୁ ଚାଷୀକୂଳ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଯଦି ଚାଷୀ ପ୍ରତିବାଦ କରେ ତେବେ ମିଲର୍ସ ଧାନ କ୍ରୟ କରିବାକୁ ମନା କରୁଥିବାର ମଧ୍ୟ ଅଭିଯୋଗ ହେଉଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ମଣ୍ଡି ସମସ୍ୟାର ସମାଧାନ କରିବାକୁ ଚାଷୀ ମହଲରେ ଦାବୀ ହେଉଛି ।

# ଭାଇର ତୀର ମାଡରେ ଭାଇର ମୃତ୍ୟୁ: କାଳ ହେଲା ଭାଉଜ ପ୍ରେମ

କେନ୍ଦୁଝର,୭/୬ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ଏଠାରେ ଭାଉଜ ପ୍ରେମ କୁଆଡେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଆଦିବାସୀ ବହୁଳ ତେଲକୋଇ ଥାନା ଅନ୍ତର୍ଗତ କାଳିଆହତା ଫାଣ୍ଡିର ଲକ୍ଷମୀନାରାୟଣ ପୁର ଢିପା ସାହୀ ଅଞ୍ଚଳରେ ଘଟିଛି । ବଡ ଭାଇର ତୀର ମାଡରେ ସାନ ଭାଇର ମୃତ୍ୟୁ ହୋଇଥିବା ବେଳେ ଏଠାରେ ଭାଉଜ ପ୍ରେମ ମୁଖ୍ୟ ଭୂମିକା ନେଇଛି । ଏକ ବର୍ଷ ପୂର୍ବେ ସାନଭାଇ ଜିତୁ ମୁଣ୍ଡାର କାକା ପୁଅ ଭାଇ ବଡ ଭାଇ ଶଙ୍କର ମୁଣ୍ଡାର ସ୍ତ୍ରୀ ଗୁରୁବାରୀ ମୁଣ୍ଡା ସହିତ ପ୍ରେମ ସଂପର୍କ ଗଢି ଉଠିଥିଲା । ଭାଇ ଶଙ୍କର ମୁଣ୍ଡା ଏ ସଂପର୍କରେ ଜାଣିବା ପରେ ସାନଭାଇ ଜିତୁ ମୁଣ୍ଡାକୁ ଏଭଳି କାର୍ଯ୍ୟରୁ ନିବୃତ ରହିବାକୁ ନିବୃତ ରହିବାକୁ ସତର୍କ କରି ଦେଇଥିଲା । କିନ୍ତୁ ବଡଭାଇ ଶଙ୍କର ର ବାରମ୍ବାର ତାଗିତ ପରେ ମଧ୍ୟ ଜିତୁ ତାହାକୁ ଗୁରୁତ୍ୱ ଦେଇ ନଥିଲା । ବରଂ ଗତ କିଛି ଦିନ ପୂର୍ବେ ଜିତୁ ମୁଣ୍ଡା ଭାଉଜ ଗୁରୁବାରୀ ମୁଣ୍ଡାକୁ ଘରକୁ ନେଇ ଆସିବା ସହ ତାକୁ ସ୍ତ୍ରୀ ଭାବେ ରଖିଥିଲା । ଏଭଳି ଘଟଣାରେ ଶଙ୍କର ମୁଣ୍ଡା ସ୍ୱଭାବିକ ଭାବେ ଉତ୍ୟକ୍ତ ହୋଇ ପଡିଥିଲା । ଏବଂ ପ୍ରତିଶୋଧ ନେବାକୁ ସୁଯୋଗ ଅପେକ୍ଷାରେ ରହିଥିଲା । ଶଙ୍କର ମୁଣ୍ଡା ର ଭଣଜା ଟ୍ରକ୍ଟର ଧରି ହଳ କରିବାକୁ ବିଲକୁ ଯାଇଥିଲା । ସେ ଟ୍ରାକ୍ଟରରେ ଜିତୁ ଶ୍ରମିକ ଭାବେ କାମ କରି ଆସୁଥିବା କାରଣରୁ ଜିତୁ ତାର ନିଜ ବିଲରେ ମଧ୍ୟ ହଳ କରାଇନେବା ଉଦ୍ଦେଶ୍ୟରେ ଟ୍ରାକ୍ଟର ର ଡ୍ରାଇଭର ପାଖକୁ ଯାଇଥିଲା । କିନ୍ତୁ ଟ୍ରାକ୍ଟରେ ତେଲ ସରି ଯାଇଥିବାରୁ ଜିତୁ ବିଲରେ ହଳ କରିବା ସମ୍ଭବ ହୋଇ ପାରୁ ନଥିବାରୁ ଡ୍ରାଇଭର ମନା କରି ଦେଇଥିଲା । ଫଳରେ ଟ୍ରାକ୍ଟରେ ବସି ଜିତୁ ଘରକୁ ଫେରି ଆସିଥିଲା । ଏବଂ ସବୁଦିନ ପରି ଶଙ୍କର ଘର ସମ୍ମୁଖରେ ଟ୍ରକ୍ଟର ରୁ ଓହ୍ଲାଇଲା ବେଳେ ସେଠାରେ ଛକି ରହିଥିବା ଶଙ୍କର ଭାଇ ଜିତୁ ଉପରକୁ ଛାତିକୁ ଲକ୍ଷ୍ୟ କରି ହଠାତ୍ ତୀର ମାଡ କରିଥିଲା । ଫଳରେ ଘଟଣାସ୍ଥଳରେ ହିଁ ଜିତୁର ମୃତ୍ୟୁ ହୋଇ ଯାଇଥିଲା । ବଡ ଭାଇ ଶଙ୍କର ମୁଣ୍ଡା କାଳିଆହତା ଫାଣ୍ଡିରେ ଆତ୍ମସମର୍ପଣ କରିଥିବା ଜଣା ପଡିଛି ।

# ସ୍ୱଷ୍ଟ ଦିବାଲୋକରେ ଭୁଜାଲିରେ ହାଣି ଲୁଟିନେଲେ ୯ ଲକ୍ଷ ଟଙ୍କା:ପୋଲିସର ଦକ୍ଷତା ଉପରେ ଉଠିଲା ପ୍ରଶ୍ନ

କେନ୍ଦୁଝର,୭/୬ (ନି.ପ୍ର): କେନ୍ଦୁଝର ରେ ପୁଣି ପଲସର ର ଆତଙ୍କ । ସ୍ୱଷ୍ଟ ଦିବା ଲୋକରେ ବନ୍ଧୁକ ମୁନରେ ଦୁର୍ବୃତମାନେ ଲୁଟି ନେଇଛନ୍ତି ୯ ଲକ୍ଷ ଟଙ୍କା । ଯାହା କି ସାଧାରଣ ନିରୀହ ଲୋକଙ୍କ ଉପରେ ଦବଙ୍ଗ ଗିରି ଦେଖାଇ ନିଜର ଦକ୍ଷତା ପ୍ରଦର୍ଶନ କରୁଥିବା କେନ୍ଦୁଝର ପୋଲିସ ର ପାରିବା ପଣିଆ ଉପରେ ଉଠିଛି ସ୍ୱଭାବିକ ପ୍ରଶ୍ନ । ଶନିବାର ଦିନ ପୂର୍ବାହ୍ନ ସମୟ ପ୍ରାୟ ସାଢେ ୧୧ ଟା ହେବ । ଉତ୍କଳ କାର୍ଗୋ ମୁଭର୍ରସ କମ୍ପାନୀର ରତି ଓ କ୍ଷମାକର ପାତ୍ର ନାମକ ଦୁଇଜଣ କର୍ମଚାରୀ ଅନ୍ୟାନ୍ୟ ଦିନ ଭଳି ଶନିବାର ଦିନ ମଧ୍ୟ କେନ୍ଦୁଝର ସହରରେ ଅବସ୍ଥିତ ଆଇ. ଡି. ବି. ଆଇ. ବ୍ୟାଙ୍କରୁ ୯ ଲକ୍ଷ ଟଙ୍କା ଉଠାଇ ଏକ ଏକ ବାଇକରେ ଶୁଆକାଟି ଫେରୁଥିଲେ । ସେମାନେ ଠାକୁରଡିହି ନିକଟରେ ପହଞ୍ଚିବା କ୍ଷଣି ସେମାନଙ୍କୁ ଅନୁଶରଣ କରୁଥିବା ଏକ ପଲସର ବାଇକ ସେମାନଙ୍କର ଗତିପଥ ରୋଧ କରିଥିଲା । ଏବଂ ବନ୍ଧୁକ ଦେଖାଇବା ସହ ଟଙ୍କା ଥଳି ଧରିଥିବା କ୍ଷମାକର ପାତ୍ରଙ୍କ ଦୁଇ ହାତ ଓ କାନ୍ଧକୁ ଭୁଜାଲିରେ ହାଣି ଆଖି ପିଛୁଳାକେ ୯ ଲକ୍ଷ ଟଙ୍କା ଲୁଟି ସେଠାରୁ ଫେରାର ହୋଇଯାଇଥିଲେ । ଏ ସଂପର୍କରେ କମ୍ପାନୀର ମାଲିକ କାମିନୀକାନ୍ତ ମହାନ୍ତ ସୂଚନା ଦେଇଛନ୍ତି । କିନ୍ତୁ ଆହତ କ୍ଷମାକର ପାତ୍ରଙ୍କୁ ନେଇ ଘଟଣାର ତଦନ୍ତ କରିବା ଆଳରେ ପୋଲିସ ତାଙ୍କୁ ଗଣମାଧ୍ୟମ ସମ୍ମୁଖରୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ଲୁଚକାଳି ଖେଳୁଥିବାରୁ ତାଙ୍କର ମତାମତ ନିଆଯାଇପାରି ନାହିଁ । ସ୍ୱଷ୍ଟ ଦିବାଲୋକରେ ପୋଲିସକୁ ଚ୍ୟାଲେଞ୍ଜ ଦେଇ ଦୁର୍ବୃତ ଯେଉଁଳି ଆଖି ପିଛୁଳାରେ ଲକ୍ଷାଧିକ ଟଙ୍କା ଲୁଟି ନେବାରେ ସକ୍ଷମ ହେଲେ ଏଭଳି ଘଟଣାରେ ପୋଲିସ ପାରିବା ପଣିଆ ଉପରେ ସାଧାରଣରେ ଉଠିଛ ଏକ ବଡ ପ୍ରଶ୍ନ ।

# ରାଜ୍ୟରେ ୨୪ ଘଂଟାରେ ୧୨ଟି ମାମଲା

ଭୁବନେଶ୍ୱର,୭/୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ କୋବିଡ ଗାଇଡଲାଇନ ଉଲ୍ଲଂଘନକୁ ନେଇ ୧୨ଟି ମାମଲା ରୁଜୁ କରା ଯାଇଛି । ଏଥି ମଧ୍ୟରୁ ୧୦ଟି ମାମଲା ଲକଡାଉନ ଉଲ୍ଲଂଘନ ହୋଇଥିବା ବେଳେ ଗୋଟିଏ ମାମଲା ହୋମ କ୍ୱାରେଂଟାଇନ ଉଲ୍ଲଂଘନ ଓ ଅନ୍ୟ ଏକ ପ୍ରସଙ୍ଗରେ ଗୋଟିଏ ମାମଲା ରୁଜୁ କରା ଯାଇଥିବା ରାଜ୍ୟ ପୋଲିସ ପକ୍ଷରୁ ସୂଚନା ଦିଆ ଯାଇଛି ।

# ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ନିଆରା ଢଙ୍ଗରେ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୭/୬ (ନି.ପ୍ର): କେନ୍ଦ୍ରାପଡାର ଅଗ୍ରଣୀ ସ୍ୱଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ନିଆରା ଢଙ୍ଗରେ କରୋନା ସଚେତନତା କାର୍ଯ୍ୟକ୍ରମ ପାଳନ କରାଯାଇଛି । କେନ୍ଦ୍ରାପଡା ସହର ର ତିନିମୁହାଣୀ ଠାରୁ ସାନ୍ତସାହି ବଜାର ପର୍ଯ୍ୟନ୍ତ ମୁଖ୍ୟ ସଡକରେ ସଚେତନତା ବାର୍ତା ପ୍ରଚାର କରାଯାଇଛି । ଟ୍ରଷ୍ଟର ସଦସ୍ୟ ମାନେ କରୋନା ଭୁତାଣୁର ଚିତ୍ର ଥିବା ମୁଖା ପିନ୍ଧି ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତା ପାଳନ କରିବା, ବହୁ ଲୋକଙ୍କ ସଂପର୍କରେ ଆସୁଥିବା ବସ୍ତୁ ଓ ପଦାର୍ଥକୁ ନଛୁଇଁବା ଓ ମାସ୍କ ପିନ୍ଧିବା ଅଦି ବାର୍ତା ପ୍ରଦାନ କରିଥିଲେ । ଟ୍ରଷ୍ଟର ସଭାପତି ଦମନ କୁମାର ମହାନ୍ତି ଙ୍କ ନେତୃତ୍ୱରେ ଗୌତମ ସାହୁ, ହରି ନାୟକ, ରାଜେନ୍ଦ୍ର ବେହେରା, ସାନ୍ତନୁ ମଲ୍ଲିକ, କେଦାର ସ୍ୱାଇଁ, ରାକେଶ ପଣ୍ଡା, ତୁଷାର କୁମାର ଦାସ, ଅଶୋକ ପତ୍ରୀ, ପ୍ରସନ୍ନଜିତ ଦାସ, ସୁବତ୍ର ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କାନ୍ତକବିଙ୍କ ପ୍ରତିମୂର୍ତି ସ୍ଥାପନାକୁ ନେଇ ବିରୋଧୀ ଦଳ ଉପନେତାଙ୍କ ପ୍ରତିକ୍ରିୟା

ଭଦ୍ରକ, ୭/୬(ହି.ସ.) - ଭଦ୍ରକ ବାଇପାସ୍ ଛକ ନିକଟରେ ଥିବା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଭଗ୍ନାଂଶ ପ୍ରତିମୂର୍ତିର ପୁନଃ ପ୍ରତିଷ୍ଠା ସହ ଅନ୍ୟାନ୍ୟ ଦାବି ନେଇ ଧାରଣା ଦେଇଥିଲେ କାନ୍ତକବି ମଂଚ ଓଡ଼ିଶାର ସଦସ୍ୟମାନେ । ପରେ ଜିଲା ପ୍ରଶାସନ ହସ୍ତକ୍ଷେପ କରି ମଂଚ ସହ ଆଲୋଚନା ପରେ ଦୁଇଦିନ ଭିତରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତି ସ୍ଥାପନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉକ୍ତ ଧାରଣା ପ୍ରତ୍ୟାହୃତ ହୋଇଥିଲା । ତେବେ ଏ ସଂପର୍କରେ ଜିଲା ପ୍ରଶାସନ ସମେତ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି ବିରୋଧୀ ଦଳର ଉପନେତା ବିଧାୟକ ବିଷ୍ଣୁଚରଣ ସେଠୀ । ତାଙ୍କ ପ୍ରତିକ୍ରିୟାରେ ସେ କହିଛନ୍ତି 'ବନ୍ଦେ ଉତ୍କଳ ଜନନୀ' ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓଡ଼ିଆ ଜାତିର ପ୍ରାଣସ୍ପନ୍ଦନ । ରାସ୍ତା ସଂପ୍ରସାରଣ ବେଳେ ଯେଉଁ ପ୍ରତିମୂର୍ତିକୁ ଅପସାରଣ କରାଯାଇଥିଲା, ତାହା ଠିକ୍, କିନ୍ତୁ ସେହି ପ୍ରତିମୂର୍ତିକୁ ସେଠାରେ ତୁରନ୍ତ ଅବସ୍ଥାପିତ କରିବା ବି ଆବଶ୍ୟକ । ଏପରି ସ୍ଥଳେ ପ୍ରତିମୂର୍ତିକୁ ଅବସ୍ଥାପିତ ନକରିବା ପୂଜ୍ୟପୂଜାଙ୍କ ପ୍ରତି ନିର୍ଶ୍ଚିତ ଅସମ୍ମାନ ବୋଲି ସେ କହିଛନ୍ତି ।

# ବଡଚଣାରେ ଆଜି ୪ କରୋନା ଆକ୍ରାନ୍ତ ଚିହ୍ନଟ

ଧର୍ମଶାଳା,୭/୬ (ନି.ପ୍ର): ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ନାଁ ନେଉ ନାହିଁ । ଏହାର ମୁକାବିଲା ନିମନ୍ତେ ଜିଲାପ୍ରଶାସନ ଓ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସଚେତନ କରାଯାଉଛି । ଆଜି ଯାଜପୁର ଜିଲା ବଡଚଣା ବ୍ଲକରେ୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ବ୍ଲକ ବଡଚଣା, ବାଲିପଡିଆ, କୋଲଣଗିରି ଓ ସାଉଡିଆ ପଂଚାୟତରୁ ଜଣେ ଲେଖାଁ କରୋନା ଭୁତାଣୁ ଥିବା ଚିହ୍ନଟ ହୋଇଛନ୍ତି । ସେମାନଙ୍କୁ କଳିଙ୍ଗନଗରସ୍ଥିତ ଡୁବୁରୀ ଟାଟା କୋଭିଡ-୧୯କୁ ନିଆଯାଇଥିବା ଜଣାପଡିଛି । ଏମାନେ ସମସ୍ତେ ସଂଗରୋଧ ଗୃହରେ ରହୁଥିବା ବେଳେ ସେମାନେ ବିଭିନ୍ନ ରାଜ୍ୟରୁ ଆସିଥିବା ଜଣାପଡିଛି । ଏହି ବ୍ଲକରେ ମୋଟ ୧୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣା ପଡିଛି ।

# ଦେଶର ପ୍ରଥମ ଡିଜିଟାଲ ଗାର୍ଡେନ

ଏବେ ତ ସବୁକିଛି ଡିଜିଟାଲ । ଏହି ସୁବିଧାକୁ ଆହୁରି ସହଜ ସରଳ କରିବା ପାଇଁ ତିଆରି ଚାଲିଛି ଡିଜିଟାଲ ଗାର୍ଡେନ । ଦେଶର ପ୍ରଥମ ଡିଜିଟାଲ ଗାର୍ଡେନ କେରଳରେ ତିଆରି ହେବାକୁ ଯାଉଛି । ଏହାର କାମ ମଧ୍ୟ ଆରମ୍ଭ ହୋଇସାରିଲାଣି । ଏଥିପାଇଁ ରାଜଭବନ ସ୍ଥିତ ୨୧ ଏକର କ୍ଷେତ୍ରରେ ବିସ୍ତୃତ ହୋଇଥିବା କନକ କୁନୁ ଗାର୍ଡେ଼ନରେ ଯେତେ ବି ଗଛ ଅଛି ତା'କୁ ଡିଜିଟାଲ କରାଯିବା ଆରମ୍ଭ ହୋଇଛି । ବଗିଚାରେ ଥିବା ସବୁ ଗଛକୁ କ୍ୟୁ ଆର୍ କୋର୍ଡ଼ ଦିଆଯାଇଛି । ସ୍ମାର୍ଟଫୋନ୍ ଜରିଆରେ ଗଛରେ ଲାଗିଥିବା କ୍ୟୁ ଆର କୋର୍ଡ଼କୁ ସ୍କାନ କରି ତା'ର ପୂରା ସୂଚନା ହାସଲ କରିପାରିବେ ଲୋକମାନେ । ଏଥିରେ ଗଛର ବିଭିନ୍ନ ପ୍ରଜାତି, ବୟସ, ବଟାନିକାଲ ନାମ, ପ୍ରଚଳିତ ନାମ, ଗଛର ଫୁଲ ଆସୁଥିବା ଋତୁ, ଚିକିତ୍ସା ଏବଂ ଅନ୍ୟ ସବୁ ସୂଚନା ତୁରନ୍ତ ମିଳିଯିବ । ଏହି ଗାର୍ଡେନରେ ୧୨୬ବିଭିନ୍ନ ଗଛର ପ୍ରଜାତି ବୃକ୍ଷ ରହିଛି । ଯାହାକୁ ଡିଜିଟାଲ ଫର୍ମାଟରେ ସଂଯୋଗ ପରିବର୍ତ୍ତନ କରାଯାଇଛି । ଏହି ବଗିଚାକୁ ବିକଶିତ କରିବା ପାଇଁ କେରଳ ବିଶ୍ୱବିଦ୍ୟାଳୟର ବନସ୍ପିତ ବିଜ୍ଞାନ ବିଭାଗର ଡ. ଏ. ଗଙ୍ଗାପ୍ରସାଦ ଏବଂ ଅଖିଳେଶ ନାୟର ମୁଖ୍ୟ ରୂପେ ଯୋଗଦାନ ଦେଇଛନ୍ତି । କନକକୁନୁ ଗାର୍ଡେନରେ ହଜାର ଗଛ ରହିଛି । ସେଥିରୁ ପାଖାପାଖି ୬୦୦ଟି ଗଛରେ କ୍ୱିକ୍ ରେସପନ୍ସ ବା କ୍ୟୁଆର କୋର୍ଡ଼ ଲଗାଇ ଦିଆଯାଇସାରିଛି । ଏବେ କେବଳ କୋଡ଼ିଙ୍ଗର କାମ ଚାଲିଛି । ଆମେରିକା ଏବଂ ଜାପାନ ପରି ଦେଶରେ ଗଛରେ କ୍ୟୁଆର କୋର୍ଡ଼ କିମ୍ବା ମାଇକ୍ରୋ ଚିପ୍ ଲଗାଇବା ଏକ ସାଧାରଣ କଥାରେ ପରିଣତ ହୋଇଗଲାଣି । କ୍ୟୁ ଆର କୋର୍ଡ଼ ଯୋଗୁଁ ପ୍ରତିଦିନ ବଗିଚାକୁ ବୁଲିଆସୁଥିବା ଲୋକ ଏବଂ ପର୍ଯ୍ୟଟକଙ୍କ ଭିତରେ ଗଛ ପ୍ରତି ସଚେତନତା ବଢ଼ିଥାଏ । ଦିଲ୍ଲୀର ଲୁଟିୟନ୍ସ ଜୋନ୍ ସ୍ଥିତ ଲୋଧି ଗାର୍ଡ଼େନର ଗଛ ଗୁଡ଼ିକରେ ମଧ୍ୟ ପ୍ରଥମେ କ୍ୟୁ ଆର କୋର୍ଡ଼ ଲଗାଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ଯେ ଲୋକଙ୍କୁ ପୁରୁଣା ଗଛ ବିଷୟରେ ଅଧିକ ସୂଚନା ମିଳିପାରୁ । ଏଠାରେ ୧୦୦ରୁ ଅଧିକ ଗଛକୁ କୋର୍ଡ଼ିଙ୍ଗ କରାଯାଇଛି । ଯେଉଁ ଗଛରେ କ୍ୟୁ ଆର କୋର୍ଡ଼ ଲଗାଯାଇଛି ସେଥିରୁ ଅନେକ ଗଛର ବୟସ ୧୦୦ବର୍ଷରୁ ଅଧିକ । ବଗିଚାରେ ଅନେକ ଔଷଧୀୟ ବୃକ୍ଷ ମଧ୍ୟ ରହିଛି ।










# ମେଡିଟେସନ ପାଇଁ 'ମେଡି ଟ୍ରେନ୍'





ମେଡିଟେସନ ପାଇଁ ଆମ ଶରୀର ଏବଂ ମନକୁ ନିୟନ୍ତ୍ରଣ କରିଥାଏ । ବ୍ୟସ୍ତବହୁଳ ଜୀବନରେ ମେଡିଟେସନ ନିହାତି ଜରୁରୀ । ଏହାକୁ ଦୃଷ୍ଟିରେ ରଖି ବୈଜ୍ଞାନିକମାନେ ଆରମ୍ଭ କରିଛନ୍ତି ଫମେଡି ଟ୍ରେନ୍' । କଣ ଏହି ମେଡିଟ୍ରେନ୍ ? ଫମେଡି ଟ୍ରେନ' ହେଉଛି ମେଡିଟେସନ ବା ଧ୍ୟାନର ଡିଜିଟାଲ ପ୍ରୋଗ୍ରାମ୍ । ବୈଜ୍ଞାନିକମାନେ ବ୍ୟକ୍ତିଗତ ଉପଯୋଗ ପାଇଁ ମେଡିଟେସନ ବା ଧ୍ୟାନ ପ୍ରଶିକ୍ଷର ଦେଉଥିବା ଲୋକଙ୍କ ପାଇଁ ଡିଜିଟାଲ ପ୍ରୋଗାମ ଆରମ୍ଭ କରିଛନ୍ତି । ଯାହାର ନାମ ହେଉଛି ମେଡିଟ୍ରେନ । ଏହା ଛଅ ସପ୍ତାହରେ ଯୁବିପିଢ଼ିଙ୍କ ଭିତରେ ଏକାଗ୍ରତା ଏବଂ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସକ୍ଷମ ହୋଇପାରିବ । ମେଡି ଟ୍ରେନ୍ ନାମକ ଏକି ପ୍ରୋଗ୍ରାମୟ ଏମିତି କିଛି ଆଲଗୋରିଦମ୍ ବ୍ୟବହାର କରିଥାଏ, ଯାହା ପ୍ରତିଯୋଗୀଙ୍କ କ୍ଷମତା ଅନୁସାରେ କହିବ ଯେ ମେଡିଟେସନ ସେସନ୍ ପାଇଁ କେତେ ସମୟ ଦେବା ଆବଶ୍ୟକ । ଏହାଦ୍ୱାରା ସେମାନେ ଶ୍ୱାସ ପ୍ରକ୍ରିୟାକୁ ନିୟନ୍ତ୍ରଣ କରିବାରେ ଅଭ୍ୟାସ କରିପାରିବେ । ଆମେରିକାର ସାନ୍ ଫ୍ରାନସିକୋ ସ୍ଥିତ ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆ ଏହା ଉପରେ ଗବେଷଣା ପାଇଁ ୧୮ରୁ ୩୫ ବୟସର ୫୯ ପ୍ରତିଯୋଗୀଙ୍କୁ ସାମିଲ କରିଥିଲା । ଯେଉଁଥିରେ ସେମାନେ ମସ୍ତିଷ୍କ ଉପରେ ନଜର ରଖାଯାଇଥିଲା । ରିସର୍ଚ୍ଚ ଅନୁସାର ଏକାଗ୍ରତା ଏବଂ ସ୍ମରଣଶକ୍ତି ଉପରେ ପଡୁଥିବା ପ୍ରଭାବ ସେତିକି ଥିଲା ଯେତିକି ପୂର୍ବ ଅଧ୍ୟୟନରେ ମଧ୍ୟମ ଆୟୁ ବର୍ଗର ଲୋକଙ୍କୁ ମାସ ମାସ ଧରି ଧ୍ୟାନ ପ୍ରଶିକ୍ଷଣରେ ଦର୍ଶାଯାଇଥିଲା । କିନ୍ତୁ ଫମେଡି ଟ୍ରେନ୍' ଜରିଆରେ ସେମାନେ କମ୍ ସମୟ ଭିତରେ ନିଜର ଧ୍ୟାନ ଏବଂ ସ୍ମରଣ ଶକ୍ତିକୁ ବୃଦ୍ଧି କରିପାରିଥିଲେ ବୋଲି ଅଧ୍ୟୟନରେ ସ୍ପଷ୍ଟ ହୋଇଥିଲା । ମେଡି ଟ୍ରେନ୍ ଦ୍ୱାରା ସୁସ୍ଥ ରହିବାପାଇଁ କିପରି ମେଡିଟେସନର ପ୍ରଭାବ ରହିଥାଏ ତାହାକୁ ବିଭିନ୍ନ ଉପାୟରେ ଲୋକଙ୍କୁ ଶିଖାଯାଏ । ମେଡିଟେସନରୁ ପ୍ରେରିତ ଫମେଡି ଟ୍ରେନ୍'କୁ ସଫ୍ଟୱେର ପ୍ରୋଗାମ୍ ରୂପରେ ଡିଜାଇନ୍ , ବିକଶିତ ଏବଂ ପରୀକ୍ଷଣ କରାଯାଇଥିଲା । ଏହାକୁ ମୋବାଇଲ କିମ୍ବା ଟ୍ୟାବ୍ ଜରିଆରେ ମଧ୍ୟ ଲୋକ ଶିଖିପାରିବେ । ବର୍ତ୍ତମାନର ଡିଜିଟାଲ ଯୁଗରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ବୈଜ୍ଞାନିକମାନେ ଆଶା କରିଛନ୍ତି । କୌଣସି ବ୍ୟକ୍ତିର ଧ୍ୟାନ ଅବଧିକୁ ବଢ଼ାଇବା ଏବଂ ସ୍ମରଣଶକ୍ତି ବୃଦ୍ଧି କରିବାରେ ଏହା ସକ୍ଷମ ହୋଇପାରିବ ।

# ଅଧିକ ବ୍ୟାୟାମ ବିପଦ

ବ୍ୟାୟାମ ଯୋଗୁ ଆମର ଅନେକ ଉପକାର ହୋଇଥାଏ । ହୃଦୟ ସ୍ଥିତିରେ ଉନ୍ନତି, ସୁନିଦ୍ରା, ଶାରୀରିକ ଶକ୍ତି ବୃଦ୍ଧି ଆତ୍ମବିଶ୍ୱାସରେ ବୃଦ୍ଧି ହେବା ଇତ୍ୟାଦିର ଲାଭ ଆମକୁ ବ୍ୟାୟାମରୁ ହିଁ ମିଳିଥାଏ । ଆଇବିଏଫ୍ ଏକ୍ସପର୍ଟ ଡ଼ ପାର୍ଥ ଜୋଶୀଙ୍କ ଅନୁସାରେ ବ୍ୟାୟାମ ଦ୍ୱାରା ମଧ୍ୟ କିଛି ନକରାତ୍ମକ ପରିସ୍ଥିତି ସୃଷ୍ଟି ହୁଏ, ଯାହା ପ୍ରତି କମ୍ ଲୋକଙ୍କ ଦୃଷ୍ଟି ଯାଇଥାଏ । ଯେପରି ଅଧିକ ବ୍ୟାୟାମ ବନ୍ଧ୍ୟାପଣର କାରଣ ମଧ୍ୟ ହୋଇପାରେ । ତେଣୁ ଏହି ଉର୍ବରାତ ବା ଫର୍ଟିଲିଟିର ହ୍ରାସ ପୁରୁଷ ବା ସ୍ତ୍ରୀମାନଙ୍କ ମଧ୍ୟରେ ଦେଖାଯାଇଥାଏ । ଏହାକୁ ଏମେନୋରିୟା ବା ରଜୋରୋଧ କୁହାଯାଏ । ଏହି ସ୍ଥିତିକୁ ସାମ୍ନା କରିବାକୁ ପଡ଼େ ଯେତେବେଳେ ମହିଳାମାନଙ୍କୁ ୩ ମାସ ପର୍ଯ୍ୟନ୍ତ ପିରିୟଡ୍ସ ଆସେନାହିଁ । ମହିଳାମାନଙ୍କର ଏପରି ସ୍ଥିତି ହେବାର କାରଣ ସେମାନେ ଶରୀରର ଆବଶ୍ୟକତା ଅନୁଯାୟୀ ଜରୁରୀ କ୍ୟାଲୋରୀ ଥିବା ଖାଦ୍ୟ ଖାଆନ୍ତି ନାହିଁ ଓ ନିୟମିତ ବ୍ୟାୟାମ କରନ୍ତି । ଶରୀରରେ କ୍ୟାଲୋରୀର ଅଭାବ ସିଧା ଉର୍ବତରା ଉପରେ ପଡ଼ିଥାଏ ତା ନୁହେଁ । ଯୌନ ଇଚ୍ଛା ଉପରେ ମଧ୍ୟ ଏହାର ପ୍ରଭାବ ପଡ଼େ । ଏହାବ୍ୟତି ଅତ୍ୟଧିକ ସ୍ୱାସ୍ଥ୍ୟ ଯୋଗୁଁ ଶରୀରରେ ଏଷ୍ଟ୍ରୋଜେନ୍ ହର୍ମୋନର ଉତ୍ପନ୍ନ ବୃଦ୍ଧି ପାଇଥାଏ, ଯାହାଦ୍ୱାରା ସ୍ତ୍ରୀର ପ୍ରଜନନ ପ୍ରଣାଳୀ ସହିତ ସଂଯୋଗ ଅଣ୍ଡା ଉତ୍ସର୍ଜନ ଓ ପିରିୟଡ୍ସ ଉପରେ ପ୍ରଭାବ ପଡ଼ିବା ଦ୍ୱାରା ବନ୍ଧ୍ୟାପଣର ବିପଦ ବଢ଼ିଯାଏ । ଏଷ୍ଟ୍ରୋଜନ୍ ସ୍ତରରେ ଅଧିକ ପରିବର୍ତ୍ତନ ହେବା କାରଣରୁ ମଧ୍ୟ ଗର୍ଭଧାରଣ କରିବାରେ ସମସ୍ୟା ଦେଖାଦେଇଥାଏ । ପୁରୁଷମାନଙ୍କ ମଧ୍ୟରେ ହେଭି ଟ୍ରେନିଂ ନେବା ସମୟରେ ଶରୀରରେ ଶୁକ୍ରାଣୁ ବା ସ୍ୱର୍ମ ସଂଖ୍ୟାରେ ହ୍ରାସ ପାଇଥାଏ । ଅଧିକ ସମୟ



ବ୍ୟାୟାମ କରିବା ଯୋଗୁ ନା କେବଳ ସ୍ୱର୍ମର ସଂଖ୍ୟାରେ ହ୍ରାସ ପାଏ ତାହା ନୁହେଁ ରିପ୍ରଡକ୍ସନର କ୍ଷମତା ମଧ୍ୟ ହ୍ରାସ ପାଇଥାଏ ।

# ଦୁନିଆର ସବୁଠାରୁ ଦାମୀ ସାପ

ଦୁନିଆର କିଛି ଏପରି ସାପ ଅଛନ୍ତି ଯାହା କୋଟିକୋଟି ଟଙ୍କାରେ ବିକ୍ରି ହୁଅନ୍ତି । ଆଜି ଆମେ ଏପରି ଏକ ସାପ ବିଷୟରେ ଜାଣିବା ଯାହା ଦୁନିଆରେ ସବୁଠାରୁ ଦାମୀ ସାପ । ଏହି ପ୍ରଜାତିର ସାପ ଏପରିତ ଅନେକ ରଙ୍ଗର



ହୋଇଥାନ୍ତି କିନ୍ତୁ ସବୁଜ ଓ ନୀଳ ରଙ୍ଗର ପାଇଥାନର ଚାହିଦା ଅଧିକ । ପାଇଥନ ସାପର ଏହା ସବୁଠାରୁ ଦାମୀ ପ୍ରଜାତି । ଏହି ସାପ ଇଣ୍ଡୋନେସିଆର ଦ୍ୱୀପ, ନ୍ୟୁଗିନି ଓ ଅଷ୍ଟ୍ରେଲିଆରେ ଦେଖିବାକୁ ମିଳୁଛି । ଏହି ୱେବସାଇଟ୍ ଅନୁସାରେ, ଏହି ପାଇଥନ ବହୁତ ଚର୍ଚ୍ଚିତ ପ୍ରାଣୀ ମଧ୍ୟରୁ ଅନ୍ୟତମ । ଦୁଇମିଟର ଲମ୍ବା 'ଗ୍ରୀନ୍ ଟ୍ରି ପାଇଥନ' ଓଜନ ଦେଢ଼କିଲୋ । ଏହା ସରୀସୃପ ଓ ମାଦା କୀଟପତଙ୍ଗମାନଙ୍କୁ ଖାଏ । ଇଣ୍ଡୋନୋସିଆରେ ଏହି ସାପ ବହୁତ ଚର୍ଚ୍ଚିତ ଓ ଏହାର ଦାମ ଅଧିକ ଥିବାରୁ ଏହାକୁ ଚୋରା କାରବାର ମଧ୍ୟ କରାଯାଏ । ମାଲେସିଆର କରେନ୍ସି ରିଙ୍ଗିତରେ ଏହି ବିରଳ ଗ୍ରୀନ୍ ଟି ପାଇଥାନର ମୂଲ୍ୟ ଆର୍ଏମ୍ ୧.୮ ମିଲିୟନ୍ (ଭାରତୀୟ ମୁଦ୍ରାରେ ୩ କୋଟି ଟଙ୍କା) ।

# ଜଳପାନର ଆବଶ୍ୟକତା

ଦୈନିକ ପ୍ରତ୍ୟେକ ବର୍ଗର ବ୍ୟକ୍ତି ଅତି କମରେ ୭ରୁ ୮ ଗିଲାସ ପାଣି ପିଇବା ଉଚିତ । ଜଳର ଆବଶ୍ୟକତା ଶରୀର ନିମନ୍ତେ ରହିଛି, ଏହା ସମସ୍ତେ ବୁଝିନେବା ଆବଶ୍ୟକ । କାନାଡାର ବିଶେଷଜ୍ଞଗଣ ଏହା ଉପରେ ତଥ୍ୟ ପ୍ରକାଶ କରିଛନ୍ତି ।



- ନିୟମିତ ଭାବେ ଆବଶ୍ୟକ ପରିମାଣରେ ଜଳ ନପିଇଲେ, ଶରୀରରେ ବିଭିନ୍ନ ଅସୁବିଧା ଉପୁଜିଥାଏ ।
- ବିଶେଷଜ୍ଞଙ୍କ ପରୀକ୍ଷାରୁ ପ୍ରକାଶିତ ଯେ ଶରୀରରେ ଜଳର ମାତ୍ରା କମ୍ ହେଲେ ରକ୍ତ ଗାଢ଼ ହୋଇଥାଏ । ରକ୍ତସଂଚାଳନ ଶରୀରରେ ଠିକ୍ ଭାବେ ହୁଏ ନାହିଁ । ପାଣି କମ୍ ପିଇଲେ ରକ୍ତଚାପ ବଢ଼େ ।
- ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ବ୍ୟକ୍ତି ନିୟମିତ ୧୦ ଗିଲାସ ପାଣି ପିଇବା ଉଚିତ୍ ।
- ନିୟମିତ ଆବଶ୍ୟକ ପରିମାଣରେ ପାଣି ପିଇଲେ ତ୍ୱଚା ସମ୍ବନ୍ଧୀୟ ରୋଗ, ବୃକକ୍ ରୋଗରୁ ମଧ୍ୟ ମୁକ୍ତି ମିଳେ ।

# ଚମତ୍କାରୀ ଶିବ ମନ୍ଦିର



ମହମ୍ମଦ ଗଜନୀର ଆତଙ୍କ କେତେ ଭୟଙ୍କର ଥିଲା ତାହା ଇତିହାସ ପୃଷ୍ଠାରୁ ଜଣାପଡ଼େ । ଲୁଟ୍ପାଟ୍ ସହିତ ସେ ହିନ୍ଦୁସ୍ତାନୀମାନଙ୍କର ଆସ୍ଥାକୁ ମଧ୍ୟ ଧ୍ୱସ୍ତ କରିବାକୁ ଚାହିଁଥିଲା । ୧୭ଥର ଦେଶକୁ ଲୁଣ୍ଠନ କରିଥିବା ଏହି କ୍ରୁର ଆକ୍ରମଣକାରୀ ଅନେକ ମନ୍ଦିରକୁ ମଧ୍ୟ ଭାଙ୍ଗିବାକୁ ଚେଷ୍ଟା କରାଯାଇଥିଲା କିନ୍ତୁ ବହୁତ ଚେଷ୍ଟା ସତ୍ତ୍ୱେ ଏଥିରେ ସ୍ଥାପତି ଶିବଲିଙ୍ଗକୁ ସେ ଭାଙ୍ଗିପାରିନଥିଲେ । ଯେତେବେଳେ ଏହି ଲିଙ୍ଗକୁ ଭାଙ୍ଗିବାକୁ ଅସଫଳ ହେଲା ସେ ଶିବଲିଙ୍ଗ ଉପରେ ଆହ୍ଲାଙ୍କ ନାମରେ କିଛି ଶବ୍ଦ ଲେଖିଦେଇଥିଲେ । ଏହି ମନ୍ଦିର ଗୋରଖପୁରରୁ ୩୦ କି.ମି ଦୂର ସାରୟା ଗ୍ରାମରେ ଅବସ୍ଥିତ । ଏହି ମନ୍ଦିରଟି ହଜାରରୁ ଉର୍ଦ୍ଧ୍ୱ ବର୍ଷର ପୁରୁଣା ମନ୍ଦିର । ଏହି ଚମତ୍କାରୀ ଶିବଲିଙ୍ଗ ଭୂମିରୁ ବାହାରିଛନ୍ତି ବୋଲି ମାନ୍ୟତା ରହିଛି । କିନ୍ତୁ ଶିବଭକ୍ତମାନେ ଏଠାରେ ଆଜି ପର୍ଯ୍ୟନ୍ତ ପୂଜାପାଠ କରୁଛନ୍ତି । ଶ୍ରାବଣମାସରେ ଏହି ମନ୍ଦିରର ମହତ୍ତ୍ୱ ଅଧିକ ବଢ଼ିଯାଏ । ଏହି ଶିବଲିଙ୍ଗକୁ ନୀଳକଣ୍ଠ ମହାଦେବଙ୍କ ନାମରେ ସମସ୍ତେ ଜାଣନ୍ତି ।

# ଏଠାରେ ରହିଲେ ମିଳିବ ମାଗଣା ଘର, ୮ ଲକ୍ଷ ଟଙ୍କା ଏବଂ ଚାକିରି

ଇଟାଲିର ଏକ ଗ୍ରାମ ପକ୍ଷରୁ ଗ୍ରାମରେ ରହିବାପାଇଁ ଲୋକଙ୍କୁ ଆକର୍ଷିତ କରିବା ନିମନ୍ତେ ଭିନ୍ନ ଏକ ଅଫର ଆରମ୍ଭ ହୋଇଛି । ଏଠାରେ ରହିବାକୁ ଆଗ୍ରହୀ ଥିବା ଲୋକଙ୍କୁ ମାଗଣାରେ ଘର, ୮ ଲକ୍ଷ ଟଙ୍କା ଏବଂ ଚାକିରି ସୁବିଧା ଦିଆଯିବ । ତେବେ ଏହି ଅଫଣ ବିଶେଷକରି ଯୁବଗୋଷ୍ଠୀଙ୍କୁ ଦୃଷ୍ଟିରେ ରଖି କରାଯାଇଛି । ଗ୍ରାମର ଲୋକେ ଚାହୁଁଛନ୍ତି ଅଧିକରୁ ଅଧିକ ଲୋକ ଗାଁକୁ ଆସନ୍ତୁ ଏବଂ ସେମାନଙ୍କ ସମୁଦାୟ ସହି ମିଳିମିଶି ରୁହନ୍ତୁ । ଉତ୍ତର ଇଟାଲୀର ପିଡମ୍ୟାଣ୍ଟ କ୍ଷେତ୍ରରେ ଲୋକାନା ଜିଲ୍ଲାରେ ଏବେ ଅନେକ ଗାଁ ଖାଲିପଡ଼ିଛି । ଗାଁର ଜନସଂଖ୍ୟା ହ୍ରାସ ପାଉଛି । ଏହି ଗାଁରେ କେବଳ ବୁଢ଼ା ବୁଢ଼ି ହିଁ ରହୁଛନ୍ତି । ପୂର୍ବରୁ ଏହିଭଳି ଯୋଜନା ମଧ୍ୟ ପ୍ରଣୟନ କରାଯାଇଥିଲା । ସେଥିରେ ଅନେକ



ଇଟାଲୀର ଅଧିବାସୀଙ୍କୁ ଏହି ସୁଯୋଗ ମିଳିବା କଥା ଉଲ୍ଲେଖ କରାଯାଇଥିଲା । ହେଲେ ବର୍ତ୍ତମାନ ବିଶ୍ୱର ଯେକୌଣସି ଦେଶର ଲୋକେ ଏଠାରେ ରହିପାରିବେ ବୋଲି ନିଷ୍ପତ୍ତି ନିଆଯାଇଛି । ଏଠାରେ ବସବାସ କରିବାପାଇଁ ଏକମାତ୍ର ସର୍ତ୍ତ ହେଉଛି ଯେଉଁ ପରିବାର ଏଠାରେ ରହିବେ ତାଙ୍କର ଅତିକମରେ ଗୋଟିଏ ସନ୍ତାନ ଥିବା ବାଧ୍ୟତାମୂଳକ । ଏଠାକାର ମେୟରଙ୍କ କହିବା ଅନୁସାରେ ପ୍ରତିବର୍ଷ ଗ୍ରାମରେ ୪୦ ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲାବେଳେ ୧୦ ଜଣ ଜନ୍ମ ନେଉଛନ୍ତି । ଯୁବକମାନେ ଚାକିରି ଏବଂ ଅନ୍ୟ ସୁଯୋଗ ଅନ୍ୱେଷଣ ପାଇଁ ଗାଁ ଛାଡ଼ି ସହର କିମ୍ବା ଅନ୍ୟ ଦେଶକୁ ଚାଲିଯାଉଛନ୍ତି । ୧୯୦୦ ମସିହାରେ ଗ୍ରାମର ଜନସଂଖ୍ୟା ୭ ହଜାର ଥିଲାବେଳେ ଏବେ ୧୫୦୦ରୁ କମ୍ ରହିଛି ।

# ମହଙ୍ଗା ଗାଡ଼ି କିଣିବା ପାଇଁ ଘରେ ଛାପିଥିଲେ ନକଲି ନୋଟ୍



ଦାମୀ ତଥା ବିଳାସପୂର୍ଣ୍ଣ ଗାଡ଼ି ସମସ୍ତଙ୍କୁ ପସନ୍ଦ । ହେଲେ ଏହି ଇଚ୍ଛା ପୂରଣ ପାଇଁ ବାଧକ ସାଜିଥାଏ ଅର୍ଥ । ଜର୍ମାନୀର ୨୦ ବର୍ଷିୟା ଝିଅ ନିଜ ସ୍ୱପ୍ନର ଦାମୀ ଗାଡ଼ି ପାଇଁ ଅର୍ଥ ସଂଗ୍ରହର ଯେଉଁ ଉପାୟ ଅବଲମ୍ବନ କଲା ତାହା ସମସ୍ତଙ୍କୁ ଚକିତ କରିଛି । ଜର୍ମାନୀର ଏହି ଝିଅଟି ଅଡି ଏ-୩ କାର୍ ପାଇଁ ନିଜ ଘରେ ୧୧.୫ ଲକ୍ଷ ଟଙ୍କାର ନୋଟ୍ ଛାପି ଦେଲା । ଇଙ୍କଜେଟ୍ ପ୍ରିଂଟର ବ୍ୟବହାର କରି ସେ ୫୦ୟୁରୋ ଏଂବ ୧୦୦ ୟୁରୋର ନୋଟ୍ ଛାପିଥିଲା । ଏହା ସମ୍ପୂର୍ଣ୍ଣ ଅସଲି ଦେଖାଯାଉଥିଲା । ହଠାତ୍ କେହି ଦେଖିଲେ ଏହି ନୋଟ୍ ଅସଲି କି ନକଲି ଜାଣିପାରିବେ ନାହିଁ । ପରେ ଝିଅଟି ଶୋ'ରୁମକୁ ଯାଇଥିଲା ଏହି ଟଙ୍କା ନେଇ ଗାଡ଼ି କିଣିବାକୁ । ହେଲେ ଶୋ'ରୁମରେ ଏହି ଟଙ୍କା ନକଲି ବୋଲି ଜଣାପଡ଼ିଥିଲା । ବର୍ତ୍ତମାନ ପୁଲିସ୍ ଏହି ଝିଅକୁ ଗିରଫ କରିବା ସହ ତା'ଘରୁ ୧୦ ଲକ୍ଷର ନକଲି ନୋଟ୍ ଜବତ କରିଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ୧୯ର ଶିକ୍ଷା

ପ୍ରତ୍ୟେକ ମହାମାରୀ ମଣିଷ ପାଇଁ ଗୁରୁତର ସମସ୍ୟା ସୃଷ୍ଟିକରେ ଏବଂ ପ୍ରକାରାନ୍ତରେ ନୂଆ ସୁବିଧା ସୁଯୋଗ ସୃଷ୍ଟି କରିବାକୁ ବାଟ ଦେଖାଏ । ଚଳିତ ବୈଶ୍ୱିକ ମହାମାରୀ କୋଭିଡ-୧୯ ବା କରୋନା ଏଯାଏ ଅବ୍ୟାହତ ରହିଥିଲେ ହେଁ ମାସାଧିକାଳ ଧରି ଲାଗି ରହିଥିବା ଏହି ସଂକ୍ରମଣ ସ୍ୱାସ୍ଥ୍ୟସେବା, ଅର୍ଥନୀତି, କର୍ମସଂସ୍କୃତି, ଶିକ୍ଷା, ଶାସନ, ଭ୍ରମଣକାରୀ ଶ୍ରମିକ ପ୍ରସଙ୍ଗ, ସାମାଜିକ ସଚେତନତା ଆହୁରି ଅନେକ କ୍ଷେତ୍ରରେ ନୂଆ ଚିନ୍ତା ତଥା ନବସୃଜନର ଆବଶ୍ୟକତାକୁ ଏକ ପ୍ରକାର ବାଧ କରିଛି । ଏଭଳି ଅଦ୍ଭୁତ ମହାମାରୀ ଜୀବନ ଓ ଜୀବିକା, ଉଭୟକୁ ପ୍ରଭାବିତ କରିଥିବାରୁ ଧନୀ ନିର୍ଦ୍ଧନ ନିର୍ବିଶେଷରେ ସବୁ ଦେଶ ଏହାଦ୍ୱାରା ବିଶେଷଭାବେ ପ୍ରଭାବିତ ହୋଇଛନ୍ତି । ସାଧାରଣ ସ୍ୱାସ୍ଥ୍ୟସେବା କଥା ଯଦି ବିଚାରକୁ ନିଆଯାଏ ତେବେ ଦେଖାଯିବ ଯେ ଏବେ ଏକ୍ଷେତ୍ରରେ ବହୁ ଆଗରେ ଥିବା ଆମେରିକା ଓ ୟୁରୋପ ଭଳି ଦେଶରେ କରୋନା ମହାମାରୀ ଅଧିକ କ୍ଷତି ଘଟାଇଥିବା ବେଳେ ଭାରତ ଭଳି ଅନଗ୍ରସର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଏହା ସେତେତ ମାରାତ୍ମକ ହୋଇନାହିଁ । ସବୁଠାରୁ ଅଧିକ ସୁରକ୍ଷିତ ଏବଂ ଅଗ୍ରଣୀ ଚିକିତ୍ସା ବ୍ୟବସ୍ଥା ସତ୍ତ୍ୱେ ଆମେରିକା ଓ ୟୁରୋପର କେତେକ ଆଗୁଆ ଦେଶରେ ମୃତ୍ୟୁ ତଥା ସଂକ୍ରମଣ ହାର ବହୁ ଅଧିକ ରହିଛି । ତେଣୁ କରୋନା ଭଳି ଭବିଷ୍ୟତର ସ୍ଥିତିକୁ ମୁକାବିଲା କରିବା ପାଇଁ ସବୁ ଦେଶଙ୍କୁ ନୂଆ ପ୍ରତିରୋଧ ଓ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ତିଆରି କରିବାକୁ ପଡ଼ିବ । ଭାରତର ଜନସଂଖ୍ୟା ଅନୁପାତରେ କରୋନା ସଂକ୍ରମଣ ଓ ମୃତ୍ୟୁହାର ଆନୁପାତିକ ଭାବେ ବହୁକମ୍ ଥିବା ସତ୍ତ୍ୱେ ଆମର ସମଗ୍ର ବ୍ୟବସ୍ଥାରେ ଥିବା ଅନେକ ଦୁର୍ବଳାତାକୁ କରୋନା ମହାମାରୀ ପଦାରେ ପକାଇ ଦେଇଛି । ଉଭୟ ସ୍ୱାସ୍ଥ୍ୟସେବା ଓ ଭ୍ରମଣଶୀଳ ଶ୍ରମିକଙ୍କ ଉପଯୁକ୍ତ ପରିଚାଳନାରେ ଭାରତ ଆଶାଜନକ ଭାବେ ସଫଳ ହୋଇପାରିନାହିଁ । ଲକ୍‌ଡାଉନ୍ ଯୋଗୁଁ ଅର୍ଥନୀତି ଉପରେ ଯେଉଁ ବିପୁଳ ବୋଝ ପଡ଼ିଛି ତାହାର ପୁନରାବୃତ୍ତିକୁ ରୋକିବା ସହ କୋଟି କୋଟି ଲୋକଙ୍କୁ ଶ୍ରମ ଓ ରୋଜଗାର ଯୋଗାଇ ଦେବାକୁ ସ୍ଥାୟୀ ଯୋଜନା ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ହେବ । ଦେଶର ୨୫ କୋଟି ଭ୍ରମଣଶୀଳ ଶ୍ରମିକଙ୍କ ପ୍ରବାସନ, ଥଇଥାନ ଏବଂ ସୁରକ୍ଷା ପାଇଁ ଏକ ପୂର୍ଣ୍ଣାଙ୍ଗ ଓ ବହୁମୁଖୀ ନୀତି ପ୍ରସ୍ତୁତ କରିବାକୁ ପଡ଼ିବ । କରୋନା ପରବର୍ତ୍ତୀ କର୍ମ ସଂସ୍କୃତି ବଦଳିବା ନିଶ୍ଚିତ ହୋଇଥିବାରୁ ସେବା କ୍ଷେତ୍ରରେ ଏବଂ ପ୍ରଶାସନିକ ସ୍ତରରେ ଲୋକଙ୍କୁ ଅଧିକରୁ ଅଧିକ ଅଫିସମୁହାଁ ନ କରି ଘରେ ବସି କାମ କରିବାର ସୁଯୋଗ ଦେବା ପାଇଁ ନୂଆ ନୀତି ପ୍ରଣୟନ ସହ ଟେକ୍‌ନୋଲୋଜିକୁ ଉପଯୋଗ କରିବା ପାଇଁ ନୂତନ ଭିତ୍ତିଭୂମି ତିଆରି କରିବାକୁ ପଡ଼ିବ । ଚିକିତ୍ସା କ୍ଷେତ୍ରରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ସହାୟକ କର୍ମଚାରୀ, ଚିକିତ୍ସା ଉପକରଣ, ଔଷଧପତ୍ର ଓ ଅନ୍ୟାନ୍ୟ ତତ୍‌ସଂଲଗ୍ନ କ୍ଷେତ୍ରକୁ ସୁଦୃଢ଼, ବ୍ୟବସ୍ଥିତ କରିବାକୁ ହେବ । ସୁଖର କଥା ଭାରତ ସରକାର ଉପରୋକ୍ତ ପ୍ରସଙ୍ଗଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରି ପ୍ରତିକାର ବ୍ୟବସ୍ଥା ଆରମ୍ଭ କଲେଣି । ଅର୍ଥନୀତିକୁ ସଜାଡ଼ିବାକୁ ମଧ ପ୍ରୟାସ ଜୋର୍‌ସୋର ଚାଲିଛି । ସବୁ ସରକାର ଘଟଣା ଓ ଅଭିଜ୍ଞତାରୁ ଶିକ୍ଷା କରନ୍ତି ଓ ତଦନୁସାରେ ପ୍ରତିକାର ବ୍ୟବସ୍ଥା କରନ୍ତି । ଭାରତ ମଧ ତାହା କରୁଛି ଏବଂ ଏଥିରେ କିଛି ନୂତନତା ନାହିଁ । ଅସଲ କଥାଟି ହେଲା ନୀତି କରିଦେଲେ ବା ପ୍ୟାକେଜ ଘୋଷଣା କଲେ ସମସ୍ୟାର ସମାଧାନ ହୁଏନା । ଏହା କେବଳ ସାମୟିକ ଆଶା ଉଦ୍ରେକ କରେ । ଯୋଜନାର ନିଷ୍ଠାପର ରୂପାୟନ ଏ କ୍ଷେତ୍ରରେ ଅଧିକ ମହତ୍ତ୍ୱ ରଖେ । ରାଜନୈତିକ ଇଚ୍ଛାଶକ୍ତି ଓ ସଂପୃକ୍ତିର ଅଭାବ ରହିଲେ ଯୋଜନା ପ୍ୟାକେଜ ଆଦି ବ୍ୟର୍ଥ ହୋଇଥାଏ । ତେଣୁ କରୋନା ଯାଉ ବା ରହୁ ଏକ ନୂଆ ବାସ୍ତବତାକୁ ସ୍ୱୀକାର କରି କାମ କରିବାକୁ ପଡ଼ିବ । ଆଗାମୀ ଦିନରେ ସ୍ୱାସ୍ଥ୍ୟସେବା ଓ ନୂଆ କର୍ମସଂସ୍କୃତି ସରକାରଙ୍କ ପାଇଁ ଏକ ବଡ଼ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପ୍ରାୟ ନିଶ୍ଚିତ । ଏଥିରେ ବିପୁଳ ନିଯୁକ୍ତି, ପୁଞ୍ଜି ଓ ଟେକ୍‌ନୋଲୋଜି ଉପଯୋଗ ଅପରିହାର୍ଯ୍ୟ । ଏକଦା ଆଇଟିକ୍ଷେତ୍ର ଯେପରି ନିବେଶ ଓ ନିଯୁକ୍ତିର ଏକ ପ୍ରମୁଖ କ୍ଷେତ୍ର ହୋଇଥିଲା ଉପରୋକ୍ତ କ୍ଷେତ୍ରଗୁଡ଼ିକ ଠିକ୍ ସେହିପରି ସମ୍ଭାବନା ଓ ସୁଯୋଗ ସୃଷ୍ଟି କରିବ । ତେଣୁ ଭାରତ ଭଳି ଏକ ଶ୍ରମବହୁଳ, କୁଶଳୀ ଏବଂ ବୈଷୟିକ ଦୃଷ୍ଟିରୁ ଆଗୁଆ ଦେଶ ଏହାର ସୁଯୋଗ କିପରି ନେବ ତାହା ଭାରତ ସରକାରଙ୍କ ପାରିବାର ପଣିଆ ଉପରେ ନିର୍ଭର କରେ । ଏଯାଏ ଏସବୁ କ୍ଷେତ୍ରରେ ଯେଉଁସବୁ ଚିନ୍ତା କରାଯାଉଛି ତାହା ବେଶ ପ୍ରତିଶ୍ରୁତି ବହନ କରେ । ତେବେ ଏହାର ଉପଯୁକ୍ତ ରୂପାୟନ ଓ ତଦାରଖ ସରକାରଙ୍କ ସକ୍ରିୟ ସଂପୃକ୍ତି ବିନା ସମ୍ଭବ ନୁହେଁ । ସେଇ ସଂସ୍କୃତିଟି ଯେତେଶୀଘ୍ର ଆରମ୍ଭ ହେବ ସେତେ ମଙ୍ଗଳ ।




## ମୁଠାଏ ଜୀବନ

**ଶରତ ଚନ୍ଦ୍ର ଜାଳି**

ମୁଠାଏ ଜୀବନ ଧରି ଆସିଥିଲି
ହାତ ପାପୁଲିରେ ମୋର
ମଶାଣି ପ୍ରାଙ୍ଗଣେ ଭାବୁଛି ମୁଁ ଆଜି
ଖୋଜିଛି ସଂପର୍କ ଡୋର ।
ବଞ୍ଚିବାର ଆଶା ମଉଳି ଯାଇଛି
ଲିଭିଛି ପ୍ରାଣ ପ୍ରଦୀପ
ଆୟୁଷ ତୈଳ ମୋ ସରି ଆସିଲାଣି
ଜୀବନତ ଅଭିଶାପ ।
ସାର୍ଥକ ଜୀବନ ବ୍ୟର୍ଥ ନେତ୍ରେ ଦେଖି
ମାୟାମୟ ମରୀଚିକା
ହା ହୁତାଶର ଜୀବନକୁ ଧରି
ଚାଲୁଛି ମୁଁ ଏକା ଏକା ।
ଲଭିନାହିଁ ଟିକେ ଶାନ୍ତିରତନକୁ
ଏ ଭବ ମହାସାଗରେ
ସକାଳୁ ସଂଜ ବିନ୍ଦୁବିନ୍ଦୁ ଅଶ୍ରୁ
ଝରିପଡ଼େ ପ୍ରାଣଘରେ ।
ବସନ୍ତର ମୃଦୁ ମଳୟ ଲାଗୁଛି
ବୈଶାଖର ଝାଞ୍ଜି ବାଆ
ଫଗୁଣ ମୋ ପାଇଁ ସାତପର ବୋଲି
ଡାକେ ମତେ ଦୁଃଖ ଗାଆଁ ।
ମରୁଭୂମି ପଥେ ପାଦ ମୋର ଥାପି
ଜଳୁଛି ହୃଦୟ ବନ
ଆଷାଢୁଆ ମେଘ ଆସିବ କି ନାହିଁ
ଚିନ୍ତାରେ ମଗ୍ନ ମୋ ମନ ।
ଚତୁଃର୍ଦିଗ ଦିଶେ ଅନ୍ଧକାରମୟ
ଚାଲିବାକୁ ଲାଗେ ଭୟ
ଯହିଁତହିଁ ଗଲେ ମୋ ପୋଡାକପାଳେ
ଲେଖାନାହିଁ ଟୋପେ ପୟ ।
ଭାଗ୍ୟ ମୋ ଭଗାରୀ ଭାଙ୍ଗିଦେଲା କ୍ଷଣେ
ସପନର କୁଡ଼ିଆକୁ
କିଏ ବା କାହାର ପରିଚୟ ଦେଲା
ସ୍ୱାର୍ଥପର ଦୁନିଆକୁ ।
ଭୋକ ଉପାସର ଅପାର ଯାତନା
ଅସହ୍ୟ ହେଉଛି ଏତେ
ମୁଁ ପରା ମଣିଷ ସହିବାର ସୀମା
ଲୁଚେଇଛି ହୃଦଗତେ ।
ତଥାପି ଖୋଜୁଛି ବଞ୍ଚିବାର ରାହା
ସାହା ଏକା ମୋର ପ୍ରଭୁ
ନିଶ୍ୱାସ, ବିଶ୍ୱାସ ସମର୍ପି ଦେଇଛି
ଅନ୍ତିମେ ଅନ୍ତରେ ସବୁ ।


ପଥରା, ଖଲ୍ଲିକୋଟ ଗଂଜାମ
ମୋ:୭୮୭୩୯୧୭୬୫୧


# ଅଥ ଅଥର୍ବ ଅର୍ଥନୀତି

**ମାୟାଧର ନାୟକ**



ଏ ନିବନ୍ଧ ଲେଖିବା ପୂର୍ବରୁ ପଣ୍ଡିତ ବିଷ୍ଣୁ ଶର୍ମା ସଂସ୍କୃତରେ ଲେଖିଥିବା ଅଥ କୃଷ୍ଣସର୍ପ କଥା ମନେ ପକାଇଦେଉଛି । ଥରେ ଗୋଟିଏ ବେଙ୍ଗ ତା'ର ପରିବାର ଓ ସାଙ୍ଗ ସାଥୀମାନଙ୍କ ସହିତ କୂଅରେ ବାସ କରୁଥିଲା । ତା' ପାଖ ସଂପର୍କୀୟମାନେ ତାକୁ ବହୁତ କଟୁବାକ୍ୟ ପ୍ରୟୋଗ କରୁଥିଲେ । ବେଙ୍ଗଟି ହତାଶ ମଧ ଦେଇ ଗତି କରୁଥିଲା । ଦିନେ ଚିନ୍ତା କଲା ଏମାନଙ୍କୁ ବୁଦ୍ଧି ଶିଖାଇବାକୁ ହେବ । କୂଅ ବାହାରକୁ ଆସି ଦେଖିଲା ଏକ କଳାସାପ ଗାତ ଭିତରକୁ ଯାଉଛି । ସାପ ସହିତ ବନ୍ଧୁତା କରି ତା' ସଂପର୍କୀୟ ମାନଙ୍କୁ ଦମନ କରିବା ପାଇଁ ଚିନ୍ତା କରି ସାପକୁ କହିଲା- ତୁମେ ମୋର ସାଥୀ ହେବ? ସାପ ଏହାଶୁଣି ଆଶ୍ଚର୍ଯ୍ୟ ହେଲା । ଏ ବେଙ୍ଗ କ'ଣ ଜାଣି ନାହିଁ ମୁଁ ସେମାନଙ୍କୁ ଖାଇବାକୁ ଭଲପାଏ! ଏ କଥା ବେଙ୍ଗକୁ କହିଲାରୁ ବେଙ୍ଗ କହିଲା- ହଁ ମୁଁ ଜାଣେ । ମୋ ସଂପର୍କୀୟମାନଙ୍କୁ ଖାଇଦିଅ ।

ବେଙ୍ଗ କଥା ଶୁଣି ସାପ ଖୁସିହେଲା । କହିଲା- ମୁଁ କୂଅ ଭିତରକୁ କେମିତି ଯିବି? ପହଁରା ଜାଣିନାହିଁ । ବେଙ୍ଗ ତାକୁ ସାଙ୍ଗରେ ନେଇ କୂଅ ଭିତରକୁ ଥିବା ଗାତଟି ଦେଖାଇଲା । କହିଲା ମୋ ପରିବାର ଓ ସଂପର୍କୀୟଙ୍କୁ ସବୁ ଖାଇବ, କିନ୍ତୁ ମୋ ସାଙ୍ଗ ଓ ଶୁଭେଚ୍ଛୁ ମାନଙ୍କୁ ଖାଇବ ନାହିଁ । ମୁଁ ସେମାନଙ୍କୁ ଚିହ୍ନେଇ ଦେବି । ସାପ ଖୁସି ହେଇ ବେଙ୍ଗ ସାଙ୍ଗରେ ଗାତ ଦେଇ କୂଅ ଭିତରକୁ ଗଲା । କିଛିଦିନ ଭିତରେ ସାପ ବେଙ୍ଗ ପରିବାର ଓ ସଂପର୍କୀୟଙ୍କୁ ଖାଇବାରେ ଲାଗିଲା । ସାପଟି ବେଙ୍ଗ ଖାଇବାର ମଜ୍ଜାକୁ ଛାଡି ପାରିଲା ନାହିଁ । ବେଙ୍ଗର ପରିବାର ଓ ସଂପର୍କୀୟଙ୍କୁ ଖାଇସାରିଲା ପରେ ସାଙ୍ଗସାଥୀ ଓ ଶୁଭେଚ୍ଛୁମାନଙ୍କୁ ମଧ ଖାଇବାରେ ଲାଗିଲା । ବେଙ୍ଗକୁ ଡାକି କହିଲା- ବନ୍ଧୁ ସମସ୍ତ ବେଙ୍ଗଙ୍କୁ ଖାଇଲି । ବର୍ତ୍ତମାନ ଆଉ ବେଙ୍ଗ ଖାଇବି । ବେଙ୍ଗ କହିଲା- ସମସ୍ତ ବେଙ୍ଗଙ୍କୁ ତ ଖାଇଦେଲ, ଆଉ କେଉଁଠୁ ବେଙ୍ଗ ଆଣିବି? ସାପ କହିଲା- ମୁଁ ତୁମ କୂଅରେ ବାସକରୁଛି । ମୋ ପାଇଁ ଆଉବେଙ୍ଗ ଆଣି ଦିଅ ।

ବେଙ୍ଗ ଏ କଥା ଶୁଣିତା' ଜୀବନ ପ୍ରତିବିପଦ ଆଶଙ୍କା କଲା । ତତ୍‌କ୍ଷଣାତ୍ ବୁଦ୍ଧି ପାଂଚି କହିଲା- ଠିକ୍ ଅଛି, ମୁଁ ଆଉ ବେଙ୍ଗ ଆଣି ଦେବି, କିନ୍ତୁ ଏଇ କୂଅରେ ଆଉ ତ ବେଙ୍ଗ ନାହିଁ, ମୁଁ ଅନ୍ୟ ଏକ କୂଅକୁ ଯାଇ ତୁମକୁ ଖବର ଦେବି, ତୁମେ ସେଠି ସବ ବେଙ୍ଗଙ୍କୁ ଖାଇବ । ଠିକ୍ ଅଛି- ତୁମେ ବର୍ତ୍ତମାନ ଆରାମରେ ରୁହ । ସାପ ରାଜିହେଲା । ବେଙ୍ଗକୂଅ ବାହାରକୁ ଆସି ଭାବିଲା, ସାପକୁ ବିଶ୍ୱାସ କରିବା ବୋକାମି ଥିଲା । ମୁଁ ଜାଣେ ମତେ ମଧ ସେ ଖାଇ ଦେଇଥାନ୍ତା । ଆହାଃ, ମୁଁ କ'ଣ କଲି! ମୋର ସମସ୍ତ ସାଙ୍ଗସାଥୀ, ପରିବାର, ସଂପର୍କୀୟଙ୍କୁ ହରେଇଲି । ଏହି ଗଳ୍ପଟିର ସାରକଥା ହେଲା- "ଦୁର୍ଜନ ସଂଗେ କଲେ ବାସ, ନିଶ୍ଚେ ହୋଇବ ସର୍ବନାଶ"। ଏ ଗଳ୍ପଟିସବୁ ଦେଶ ପାଇଁ ପ୍ରଯୁର୍ଯ୍ୟ । ଏବେ ମୂଳ କଥାକୁ ଆସିବା। ବିଶ୍ୱରେ ଅର୍ଥନୈତିକ ମାନ୍ଦାବସ୍ଥାର ଭୟାବହତା ଭୀଷଣ ଭାବେ ଦେଖା ଦେଲାଣି । ମାନ୍ଦାବସ୍ଥାରୁ ଉତ୍ପାଦନ କମିଯାଏ । ଲୋକଙ୍କ କ୍ରୟକ୍ଷମତା କମିବା ସଂଗେସଂଗେ ଚାହିଦା ମଧ କମିଯାଏ । କଳକାରଖାନା ବନ୍ଦ ହୋଇଯାଏ, ଶ୍ରମଜୀବିମାନେ ଜୀବିକା ହରାନ୍ତି, ଲୋକେ ଭୋକରେ ଆଉଟୁ ପାଉଟୁ ହୁଅନ୍ତି । ୧୯୨୯, ୨୦୦୮ ମାନ୍ଦାବସ୍ଥାରେ ସମଗ୍ର ବିଶ୍ୱରେ ଅର୍ଥନୈତିକ ସଂକଟ ଦେଖା ଦେଇଥିଲା । ଏବେ ୨୦୨୦ ମାନ୍ଦାବସ୍ଥାର ଫଳାଫଳ କ'ଣ ହେବ ତାହା ଏବେଠୁ ଆକଳନ କରିବା ସମ୍ଭବ ନୁହେଁ । ଅଦୃଶ୍ୟ କରୋନା ଭୂତାଣୁ ଆକ୍ରମଣ ଯୋଗୁଁ ସାରା ବିଶ୍ୱବାସୀ ଗୃହବନ୍ଦୀ ଥିଲା ବେଳେ ସଂଚିତ ଧନ ସମ୍ପତି ସରିସରି ଆସୁଛି । "ବସିଖାଇଲେ ନଈବାଲି ସରେ" ଭଳି ସରକାର ଓ ଆମ ପାଖରେ ଯାହା କିଛିଖାଦ୍ୟ, ଅର୍ଥ ଥିଲା ଦିନକୁ ଦିନ ଖାଲି ହେବାରେ ଲାଗିଛି । ଏବେବି ଶ୍ରମଜୀବି ଶ୍ରେଣୀ ଯିଏ ଯେଉଁଠି ଅଟକି ରହିଛନ୍ତି, ସେମାନଙ୍କ ଦୂରାବସ୍ଥା ଭାଷାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ଏଣେ ରୋଜଗାର ନାହିଁ, ପୁଣି ରୋଗ ଭୋକରେ ମଣିଷ, ପଶୁପକ୍ଷୀ ଛଟପଟ ।

ବର୍ତ୍ତମାନ ସମୟରେ ଆମ ପାଖରେ ଯାହା କିଛି ଅଛି ଅଳ୍ପ ଅଳ୍ପ ଖର୍ଚ୍ଚ କରିବା ବୁଦ୍ଧିମାନର କାମ । ନହେଲେ ଭୋକରେ ଛଟପଟ ହୋଇ ଶୀଘ୍ର ଜୀବନ ଚାଲିଯିବ । ଏ ଦୁନିଆରେ କେହି କେବେ ମରିବାକୁ ଚାହେଁନା । ବଂଚିବା ପାଇଁ ଆମେ ସମସ୍ତେ ମିଳିମିଶି ଭୟଙ୍କର ଅଦୃଶ୍ୟ କରୋନା ବିରୁଦ୍ଧରେ ଲଢ଼ିଯିବା । ଲଢ଼ିଲଢ଼ି ମରିଯିବା ହିଁ ମଣିଷ ପଣିଆ ।

ସମୟ ଆସୁଛି- କରୋନା ବିରୁଦ୍ଧରେ ଲଢୁଲଢୁ ଭୋକ ପାଇଁ ତୁମୁଳ ଲଢେଇ ଲାଗିଯିବ । ଯେଉଁ ଶ୍ରମଜୀବିମାନେ କୌଳିକ ବୃତି ହେଉ କିମ୍ୱା ନିଜର ରୁଚି ଅନୁସାରେ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ଥିଲେ- ଲକ୍‌ଡାଉନ୍ ସମୟରେ କାମ ବନ୍ଦ ହୋଇଯିବାରୁ ଜୀବନ ଜୀବିକା ଉଛନ୍ନ ହୋଇପଡିଛି । ଅଦୃଶ୍ୟ ଶତ୍ରୁ କରୋନା ବିରୁଦ୍ଧରେ ବିଶ୍ୱବାସୀ ସମସ୍ତେ ଲଢୁଛନ୍ତି । ଏ ଲଢେଇରେ ଶୂନ୍ୟରେ ଖଣ୍ଡାବୁଲେଇ ବୁଲେଇ ହାଲିଆ ହୋଇଗଲେଣି । କେବଳ ନିଜର ସୁରକ୍ଷା ପାଇଁ ଯାହା କିଛି ପଦକ୍ଷେପ ନେଉଛେ । ଭୋକ ପାଇଁଖାଦ୍ୟ ବହୁସ୍ଥାନରେ ଦୃଶ୍ୟମାନ। ଭୋକିଲା ଲୋକ ମରିବା ପୂର୍ବରୁ ଖାଦ୍ୟ ପାଇଁ ଛଡା ମଡା ହେବେ । ଏଥିପାଇଁ ହଣାକଟା ଲାଗି ଯାଇପରେ। ପୂର୍ବରୁ ୧୯୮୯ ଫ୍ରାନ୍ସବିପ୍ଳବ ପୂର୍ବରୁ, ୧୯୧୭ ରୁଷ୍‌ବିପ୍ଳବ ଓ ୧୯୪୩ ବେଙ୍ଗଲ ଦୁର୍ଭିକ୍ଷବେଳେ ଅସମ୍ଭାଳ ଭୋକପାଇଁ ଦଙ୍ଗା ଲାଗି ଯାଇଥିଲା । ଯାହାଏବେ ଆଫ୍ରିକୀୟ ଦେଶମାନଙ୍କରେ ଘଟୁଛି । ଏ ଘଟଣା ସମଗ୍ର ବିଶ୍ୱରେ ମଧ ଦେଖା ଦେଇପାରେ!

ଭବିଷ୍ୟତର ପୃଥିବୀ ଆମର କରୋନାର କାରାଗାରରେ ଅସହାୟ । ଏ ଅତିଷ୍ଠ ଅର୍ଥନୀତିକୁ ଆସନ୍ତାକାଲି ଅଚିରେ ପ୍ରତ୍ୟାଖାନ କରିବ । କାଲି ସକାଳେ ଯେତେବେଳେ ଭୂତାଣୁ ବିଭୀଷିକା ସୃଷ୍ଟିକାରୀ କରାଳ କରୋନା ଏ ଦୁନିଆରୁ ବିଦାୟ ନେବାକୁ ବସିଥିବ- ସେତେବେଳେ ଏ ସମାଜ ପାଇଁ ସୃଷ୍ଟିହେବ- ଏକ ସଂଶୟ ମୁକ୍ତ ନୂତନ ଭୂମିକା । ଜୀବନଶୈଳୀ ବଦଳିବାର ଓ ବଦଳାଇବାର ବୀଜମନ୍ତ୍ର ପାଠ ପାଇଁ ପୁଣି ଆରମ୍ଭ ହେବ ପ୍ରସ୍ତୁତି ପର୍ବ । ଟ୍ରମ୍ପ ଜରିଆରେ ଆମେରିକା ଆଜି ଔଷଧ ବିକଳରେ ତାଟିଆ କାମୁଡି ଚୀନ୍‌କୁ ଅଭିଶାପ ବାଣୀ ଶୁଣାଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ଧମକ ଦେଇସାରିଛି । ଏଠି ମଧ କତିପୟ ରାଜନୈତିକ ଯୋଦ୍ଧାଧାରୀ ଏକ ନିର୍ଦ୍ଦିଷ୍ଟ ଧର୍ମୀୟ ସଂପ୍ରଦାୟକୁ ଆଙ୍ଗୁଠି ଦେଖାଇବାରେ ଲାଗି ପଡିଛନ୍ତି । କିନ୍ତୁ ମଣିଷ ଯେ ମୂଖ୍ୟ, ଏ ମହାତତ୍ୱର ତାତ୍ପର୍ଯ୍ୟ ଏବେ ଆଉ ଅଜଣା ଅଶୁଣା ହୋଇ ରହିନାହିଁ । ବନ୍ଧୁଗଣ! କେତେକ ବୁଦ୍ଧିଜୀବି ସେମାନେ କେବଳ ଶବ୍ଦକୁ ଏପଟ ସେପଟ କରି ମହାମିଥ୍ୟାକୁ ମହାସତ୍ୟ ବୋଲି ବୋଲାଇବାକୁ ଝାଳ ବୁହାଉଛନ୍ତି । ମାତ୍ର ଆମର ସଜାଗ ସଚେତନ ଜନଗଣ ଜାଣନ୍ତି ଯେ, ଆମର ପ୍ରଥମ ସାଲ୍ୟୁଟ୍‌ର ହକ୍‌ଦାର ହେଉଛନ୍ତି- ଏବେ ଦିନରାତିକୁ ଏକ୍ କରିଦେଇ ମଣିଷମାନଙ୍କୁ ବଂଚେଇବାର ଲଢେଇକୁ ବଳବତର କରାଇ ରଖିବା ଦିଗରେ ଆପ୍ରାଣେ ଉଦ୍ୟମରତ ବୈଜ୍ଞାନିକ, ଚିକିତ୍ସକ, ସ୍ୱାସ୍ଥ୍ୟ କର୍ମଚାରୀ, କୃଷକ, ଶ୍ରମିକ, ସୈନିକ, ସିପାହୀ ଓ ସାଧାରଣ ମଣିଷ । ସାରା ପୃଥିବୀରେ ଶୋଷଣ ଜାଲ ବିଛାଇଥିବା ଆମେରିକାକିନ୍ତୁ ନିଜ ମାୟା ଜାଲରେ ନିଜେ ଛନ୍ଦି ହୋଇଯାଇଛି । ଆଜିର ଏ ପରିସ୍ଥିତି ପଛରେ ଆମେରିକାର କି ପ୍ରକାର କୂଟ କୌଶଳ ଛପି ରହିଛି – ଏ କଥା ସବୁଦେଶ କହି ପାରୁନାହାଁନ୍ତି । ସେମାନଙ୍କ ଜିଭ କଟିଯିବା ଭୟରେ ବହୁସଂଖ୍ୟକ ଦେଶ ମୁହଁରେ ତୁଣ୍ଡି ଲଗାଇ ଦେଇଛନ୍ତି । ଆମେରିକାର ଶତ ପ୍ରଚାରିତ ସମୃଦ୍ଧି, ପ୍ରାଚୁର୍ଯ୍ୟ ତଥା ଶିଖର ଆରୋହଣର ଉଚ୍ଚାରଣ ଏବେ କିନ୍ତୁ ଗୋଟାଏ ପ୍ରକାଣ୍ଡ ପୋଲା ବାଉଁଶର ଅନ୍ତଃସାର ଶୂନ୍ୟତାକୁ ହିଁ ସାବ୍ୟସ୍ତ କରିବାକୁ ଯାଉଛି । କାଲି ଯେତେବେଳେ କରୋନାମୁକ୍ତ ମଣିଷତା'ର ପ୍ରଳୟ ପରର ସର୍ଜନା ସକାଶେ ନୂଆ ଖସଡା ତିଆରି କରିବ- ସେତେବେଳେ ଏ ଡିଣ୍ଡିମପିଟା ଅର୍ଥନୀତି ଆଗରେ ଆଠେଁଇ ପଡି ତାଲିମ୍ ନେବାର ବଦଭ୍ୟାସ ଛାଡିବାକୁ ହେବ । ନୂଆ ଜୀବନଶୈଳୀ ଆମ ସମସ୍ତଙ୍କୁ ବଂଚିବାର ଅର୍ଥନୀତି ଆଡେ ଉନ୍ମୁଖ ହେବାକୁ ବାଧ କରିବ ହିଁ କରିବ ।


+ ଯାଜପୁରରୋଡ, ଯାଜପୁର
ମୋ: ୯୮୬୧୦୩୪୧୬୩


> ସମୟ ଆସୁଛି- କରୋନା ବିରୁଦ୍ଧରେ ଲଢୁଲଢୁ ଭୋକ ପାଇଁ ତୁମୁଳ ଲଢେଇ ଲାଗିଯିବ । ଯେଉଁ ଶ୍ରମଜୀବିମାନେ କୌଳିକ ବୃତି ହେଉ କିମ୍ୱା ନିଜର ରୁଚି ଅନୁସାରେ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ଥିଲେ- ଲକ୍‌ଡାଉନ୍ ସମୟରେ କାମ ବନ୍ଦ ହୋଇଯିବାରୁ ଜୀବନ ଜୀବିକା ଉଛନ୍ନ ହୋଇପଡିଛି । ଅଦୃଶ୍ୟ ଶତ୍ରୁ କରୋନା ବିରୁଦ୍ଧରେ ବିଶ୍ୱବାସୀ ସମସ୍ତେ ଲଢୁଛନ୍ତି । ଏ ଲଢେଇରେ ଶୂନ୍ୟରେ ଖଣ୍ଡାବୁଲେଇ ବୁଲେଇ ହାଲିଆ ହୋଇଗଲେଣି । କେବଳ ନିଜର ସୁରକ୍ଷା ପାଇଁ ଯାହା କିଛି ପଦକ୍ଷେପ ନେଉଛେ ।

# ପ୍ରବାସୀ ଓଡ଼ିଆ ଶ୍ରମିକଙ୍କ ପୁର୍ନବାସ

**ଶୁଭଙ୍କର ମହାପାତ୍ର**



ଓଡ଼ିଶାର ଅର୍ଥନୈତିକ ଅବସ୍ଥାର ଅଭିବୃଦ୍ଧି ସ୍ୱାଧୀନତାର ୭୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଗତେ ମଧ ହୋଇପାରୁନାହିଁ । ବର୍ତ୍ତମାନ ମଧ ଓଡ଼ିଶାର ଉତ୍କଟ ଦାରିଦ୍ର୍ୟ ଓ ଅର୍ଥନୈତିକ ଅସମାନତା ସମସ୍ତେ ଦେଖିପାରୁଛନ୍ତି । ଦକ୍ଷିଣ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାର ହଜାର ହଜାର ଗ୍ରାମମାନଙ୍କରେ ବର୍ତ୍ତମାନ ସୁଦ୍ଧା ବହୁ ଗ୍ରାମ ବିଦ୍ୟୁତ୍, ସଡ଼କ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଓ ଶିକ୍ଷା ବ୍ୟବସ୍ଥାରୁ ବଂଚିତ । ଏହିଭଳି ପରିସ୍ଥିତିରେ ବଂଚି ରହିବାର ସଂଗ୍ରାମ ତଥା ଜୀବନ ଜୀବିକା ପାଇଁ ଲକ୍ଷ ଲକ୍ଷ ସଂଖ୍ୟାରେ ଓଡ଼ିଆ ଶ୍ରମିକ କର୍ମନିଯୁକ୍ତି ଅଭାବରୁ ଓଡ଼ିଶା ଛାଡ଼ି ଅନ୍ୟ ପ୍ରଦେଶକୁ ଯାଇ କର୍ମକରିବା ପାଇଁ ବାଧ ହେଉଛନ୍ତି । ଓଡ଼ିଶାର ଶ୍ରମିକ ଅନ୍ୟ ପ୍ରଦେଶର ସ୍ଥାନୀୟ ଶ୍ରମିକଙ୍କ ଅପେକ୍ଷା ସେହି ପ୍ରଦେଶରେ କର୍ମନିଯୁକ୍ତି ସଂସ୍ଥାମାନଙ୍କର ପ୍ରଥମ ପସନ୍ଦ ଭାବେ ଦେଖାଯାଉଛି । ତା'ର ମୁଖ୍ୟ କାରଣ, ଓଡ଼ିଆ ଶ୍ରମିକ ସେଠାରେ ନିଷ୍ଠାର ସହ କାମ କରିବା ସହ ପରିସ୍ଥିତି ସଂଗେ ଖାପ ଖୁଆଇ ନେଇଥାନ୍ତି ଓ ତା' ଛଡ଼ା ଅଯଥା ଆନ୍ଦୋଳନାତ୍ମକ କାର୍ଯ୍ୟରେ ସମୟ ଅପଚୟ କରନ୍ତି ନାହିଁ । ବିଭିନ୍ନ ପ୍ରଦେଶରେ ଓଡ଼ିଆ ଶ୍ରମିକ କେତେଗୁଡ଼ିଏ ବିଶେଷ କାର୍ଯ୍ୟରେ ପାରଦର୍ଶିତା ଲାଭ କରିଛନ୍ତି । ଯଥା, ପାଣିପାଇପ କାମରେ ଓଡ଼ିଶାର କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ, କଟକ, ବ୍ରହ୍ମପୁର ଅଂଚଳର ମିସ୍ତ୍ରୀମାନେ ଦିଲ୍ଲୀ, ପଂଜାବ, ହରିଆନା, ମହାରାଷ୍ଟ୍ର, କର୍ଣ୍ଣାଟକ ଆଦି ରାଜ୍ୟରେ ଅତ୍ୟନ୍ତ ଆଦୃତ । ବହୁତଳ ଅଟ୍ଟାଳିକା ନିର୍ମାଣକାରୀ ସଂସ୍ଥାମାନେ ଓଡ଼ିଆ ଶ୍ରମିକଙ୍କୁ ଆଗତୁରା ବୟାଣା ଦେଇ ନିଜ ସ୍ଥାନକୁ କାର୍ଯ୍ୟପାଇଁ ଡ଼ାକି ନେଇଥାନ୍ତି । ଗୁଜୁରାଟରେ ହୀରା, ବସ୍ତ୍ର ଓ ସୂତା ଉତ୍ପାଦନ, ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ ଓ ତାମିଲନାଡୁରେ ବସ୍ତ୍ର ଉତ୍ପାଦନ ସାଙ୍ଗକୁ ଭାରତର ଅର୍ଦ୍ଧାଧିକ ରାଜ୍ୟରେ ଅଣୁ, ସୂକ୍ଷ୍ମ ଏବଂ ଛୋଟବଡ଼ ଶିଳ୍ପସଂସ୍ଥାରେ ସେମାନେ ଲକ୍ଷ ଲକ୍ଷ ସଂଖ୍ୟାରେ କାର୍ଯ୍ୟ କରୁଛନ୍ତି। ଆନ୍ଧ୍ର, ତାମିଲନାଡୁର ଇଟାଭାଟିରେ ଦକ୍ଷିଣ ଓଡ଼ିଶାର ହଜାର ହଜାର ଶ୍ରମିକ କାର୍ଯ୍ୟ କରିଥାନ୍ତି । ଏହି ଶ୍ରମିକମାନେ ବହୁ ସଂଖ୍ୟାରେ ନିଜର ପରିବାର ସହ ରହୁଥିଲାବେଳେ ଅବିବାହିତ ଯୁବକ/ଯୁବତୀଙ୍କ ସଂଖ୍ୟା ସର୍ବାଧିକ ।

ପ୍ରାୟ୧୦ଲକ୍ଷରୁ ଉର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ଶ୍ରମିକ ସରକାରଙ୍କଠାରେ ନାମ ପଞ୍ଜୀକରଣ କରିଥିଲା ବେଳେ ବାସ୍ତବରେ ପ୍ରାୟ୧୫ଲକ୍ଷରୁ ଉର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ଶ୍ରମିକ ବିଭିନ୍ନ ରାଜ୍ୟରେ କାର୍ଯ୍ୟ କରୁଅଛନ୍ତି । ଏହି ପ୍ରବାସୀ ଓଡ଼ିଆ ଶ୍ରମିକମାନେ ଓଡ଼ିଶାକୁ ଫେରି ଆସୁଥିଲା ବେଳେ ସେମାନଙ୍କୁ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେଲେ, ସେମାନେ ଦେଶର ଅର୍ଥନୀତିକୁ ସୁଧାରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ । ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରିବା ସଂଗେ ସଂଗେ ସେମାନଙ୍କ ଦକ୍ଷତାର ବର୍ଗୀକରଣ କରି କୁଶଳୀ ଓ ଅଣକୁଶଳୀଙ୍କୁ କର୍ମନିଯୁକ୍ତି କିମ୍ୱା ଆତ୍ମନିର୍ଭରଶୀଳ ହେବାର ଏକ ସ୍ୱତନ୍ତ୍ର ବ୍ୟବସ୍ଥା କଲେ, ସେମାନେ ଓଡ଼ିଶାର ଅର୍ଥନୀତିକୁ କିଛି ମାତ୍ରାରେ ସକରାତ୍ମକ ସହଯୋଗ କରିପାରିବେ । ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ଯୋଜନା ଅନୁଯାୟୀ ଅଣୁ, ସୂକ୍ଷ୍ମ ଏବଂ ଛୋଟ ଶଳ୍ପସଂସ୍ଥାମାନଙ୍କୁ ତିନିଲକ୍ଷ କୋଟି ଋଣ ପ୍ରଦାନ ଯୋଜନାରୁ ଲାଭ ମଧ ମିଳିପାରିବ । ଏହି ସମସ୍ତ ପ୍ରବାସୀ ଓଡ଼ିଆଙ୍କର ସଂପୂର୍ଣ୍ଣ ବିବରଣୀ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ, ପଂଚାୟତ ଓ ପୌରସଂସ୍ଥାମାନଙ୍କରୁ ମିଳିପାରିବ । ପଂଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ଜିଲ୍ଲା ଶ୍ରମବିଭାଗର ତାଲିକାରେ ଯୋଡ଼ାଯିବ ଓ ନୂଆ ଶ୍ରମିକଙ୍କୁ ପଞ୍ଜୀକରଣ କରାଯିବା ଆବଶ୍ୟକ । ଏହାଦ୍ୱାରା ଶ୍ରମବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ପରିଚୟ ପତ୍ର ମାଧ୍ୟମରେ ସେମାନଙ୍କୁ ସାମାଜିକ ସହାୟତା ରାଶି ପ୍ରଦାନ କରାଯାଇପାରିବ । ଯେଉଁ ପ୍ରବାସୀ ଶ୍ରମିକ ମନରେଗାରେ କାର୍ଯ୍ୟକରିବା ପାଇଁ ଚାହିଁବେ ପଂଚାୟତ ପକ୍ଷରୁ ସେମାନଙ୍କୁ ଜବକାର୍ଡ ଦିଆଯାଇ କାର୍ଯ୍ୟରେ ମୁତୟନ କରାଯାଇପାରିବ । ମନରେଗାରେ ଅଧିକ ଶ୍ରମ ଦିବସ ସୃଷ୍ଟି କରିବା ପାଇଁ ପ୍ରଧାନମନ୍ତ୍ରୀ ଅଧିକ ୪୦ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଅଛନ୍ତି । ପ୍ରବାସୀ ଶ୍ରମିକଙ୍କୁ ତାଙ୍କର ଯୋଗ୍ୟତା ଭିତ୍ତିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଗ୍ରାଧିକାର ଦିଆଯାଇ ଗୃହ ଆବଂଟନ କରାଯାଇପାରିବ । ଓଡ଼ିଶାରେ ଆୟୁଷ୍ମାନ୍ ସ୍ୱାସ୍ଥ୍ୟ ଯୋଜନା ନଥିବା ହେତୁ ସ୍ୱାସ୍ଥ୍ୟ ସେବା ପାଇଁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରାଇବା ସଂଗେ ସଂଗେ ର୍ୟାସନକାର୍ଡ ନଥିଲେ ନୂଆ ର୍ୟାସନକାର୍ଡ ଅଗ୍ରାଧିକାର ଭିତ୍ତିରେ ଦେବା ଆବଶ୍ୟକ । ଅଙ୍ଗନବାଡ଼ି କେନ୍ଦ୍ରରେ ଆସନ୍ତା ଦିନମାନଙ୍କରେ ପ୍ରବାସୀ ଓଡ଼ିଆଙ୍କ ପିଲାମାନଙ୍କୁ ଖାଦ୍ୟ ଦେବାର ବ୍ୟବସ୍ଥା କରିବା ସହିତ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇ ପାଠପଢ଼ିବାର ସୁବିଧା ସୁଯୋଗ ଯୋଗାଇ ଦେବାକୁ ହେବ । ଏକ ସ୍ୱତନ୍ତ୍ର ଜୀବିକା ପ୍ରକଳ୍ପ ରାଜ୍ୟ ସ୍ତରରୁ ଜିଲ୍ଲା ପର୍ଯ୍ୟନ୍ତ ବୈଷୟିକ ଜ୍ଞାନସଂପନ୍ନ କମିଟି କରାଯାଇ ଏମାନଙ୍କୁ ପୁର୍ନବାସ କରାଯିବା ଆବଶ୍ୟକ ।


+ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ

# ଅଧିକ ଥର କଫି ପିଇବା ହାନିକାରକ



ଆଳସ୍ୟ ଭାଙ୍ଗିବା ନିମନ୍ତେ ହିଁ ଆମେମାନେ ସକାଳବେଳା ଅବା ସନ୍ଧ୍ୟା ସମୟରେ କଫି କିମ୍ବା ଚା' ପିଇବାକୁ ପସନ୍ଦ କରିଥାଉ । ବିଶ୍ୱର ପ୍ରମୁଖ ପ୍ରାନ୍ତରେ ଏଇ ପାନୀୟର ଆଦର ଦେଖିବାକୁ ମିଳେ । ତେବେ ଧ୍ୟାନରେ ରଖନ୍ତୁ ଯେ ଅଧିକଥର ଏଇ କଫି ପିଇବା ଶରୀର ଉପରେ କୁପ୍ରଭାବ ପକାଇଥାଏ । ବିଶେଷଜ୍ଞଙ୍କ ମତରେ ଦିନକୁ ଅତିବେଶୀରେ ୨ଥର କଫି ପିଇବା ଉଚିତ । ବାରମ୍ବାର କଫି ପିଇବାକୁ ଭଲ ଲାଗେ ସତ, କିନ୍ତୁ ସେଥିରେ ଥିବା କେଫିନ ତତ୍ତ୍ୱ ରୋଗକୁ ନିମନ୍ତ୍ରଣ କରେ । ମାଇଗ୍ରେନ ରୋଗ ହେବାର ଭୟ ସବୁଠୁ ଅଧିକ । ପ୍ରାରମ୍ଭିକ ପର୍ଯ୍ୟାୟରେ ଅଳ୍ପ ସମୟ ଏଇ ଯନ୍ତ୍ରଣା ରହିବାବେଳେ ପରେପରେ ୨-୩ ଘଣ୍ଟା ଯନ୍ତ୍ରଣା ହୁଏ । ସମୟକ୍ରମେ ମାଇଗ୍ରେନ କାରଣରୁ ଜଣେ ବ୍ୟକ୍ତି କୌଣସି କାମ ଉପରେ ଧ୍ୟାନ ଦେଇପାରେନି । ଏପରିକି ରୋଗୀର ଦେଖିବା ଓ ଶୁଣିବା ମଧ୍ୟ ଏହା କାରଣରୁ ପ୍ରଭାବିତ ହୋଇଥାଏ ବୋଲି ବିଶେଷଜ୍ଞଙ୍କ ମତ । ଏଣୁ ଏବେଠାରୁ ହିଁ ସତର୍କ ହୁଅନ୍ତୁ, ଦିନକୁ ୨କପରୁ ଅଧିକ କଫି ନ ପିଇବା ହିଁ ଉଚିତ ।

# ଅତ୍ୟାଧୁନିକ ମୋବାଇଲସ୍କ୍ରିନ୍



ସ୍ମାର୍ଟଫୋନ୍ ଏବେ ଲୋକଙ୍କର ଏକ ପ୍ରମୁଖ ସୁକ୍ । ବିଶ୍ୱବଜାରରେ ବର୍ତ୍ତମାନ ବିଭିନ୍ନ କମ୍ପାନୀର ଶସ୍ତା ଠାରୁ ମହରଗ ମୋବାଇଲଫୋନ ବିକ୍ରି ହେଉଛି । ଅଧିକାଂଶ ସ୍ମାର୍ଟଫୋନ୍ ବ୍ୟବହାରକାରୀ ନକିନ୍ତୁ ଏକ ପ୍ରମୁଖ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଜଣାପଡ଼ିଛି। ସର୍ବେକ୍ଷଣ ଅନୁସାରେ ବିଶ୍ୱସ୍ତରରେ ଗୋଟିଏ ଦିନରେ ୨ଲକ୍ଷ ମୋବାଇଲର ସ୍କ୍ରିନ୍ ଭାଙ୍ଗିଥାଏ । ମୋବାଇଲର ସଂଖ୍ୟା । ଦିନକୁଦିନ ବଢ଼ିବା ସହ ସେଥିପାଇଁ ମାତ୍ରାଧିକ ପ୍ରଦୂଷଣ ବଢ଼ିବାରେ ଲାଗିଲା । ସେସବୁକୁ ଲକ୍ଷ୍ୟ କରି ନ୍ୟୁୟର୍କ ବିଶ୍ୱବିଦ୍ୟାଳୟା ଗବେଷକଗଣ ଏକପ୍ରକାର ଅତ୍ୟାଧୁନିକ ମୋବାଇଲ ସ୍କ୍ରିନ୍ ତିଆରି କରିଛନ୍ତି । ଯଦି ସ୍କ୍ରିନ୍ ହାତରୁ ପଡ଼ି କିମ୍ବା କୌଣସି ଦୁର୍ଘଟଣାରେ ଭାଙ୍ଗିଯିବ ତେବେ ପରବର୍ତ୍ତୀ ୯ରୁ ୧୦ମିନିଟ୍ ମଧ୍ୟରେ ତାହା ପୁନର୍ବାର ସଜାଡ଼ି ହୋଇଯିବ ସ୍କ୍ରିନରେ ଆଘାତ ହେବା ମାତ୍ରେ ସେଥିରେ ଥିବା ଏକ ତରଳ ପଦାର୍ଥ କାର୍ଯ୍ୟ ଆରମ୍ଭ କରିବ । ସେହି ସ୍ୱତନ୍ତ୍ର ମୋବାଇଲ ସ୍କ୍ରିନର ଦର ଅଧିକ ହେବ । ବିଶ୍ୱର ବିଭିନ୍ନ ମୋବାଇଲ କମ୍ପାନି ଏବେ ବ୍ରିଷ୍ଟଲ ଗବେଷକଙ୍କ ତଥ୍ୟକୁ ପ୍ରୟୋଗ କରିବା ଆରମ୍ଭ କରିବେ ।

# ବଳକା ଖାଦ୍ୟରୁ ପ୍ରସ୍ତୁତ ଖତ

ଚୀନର ବେଜିଂ ନିକଟରେ ଏକ ସପିଂ ମଲ ରହିଛି । ସେହି ମଲର ସର୍ବୋଚ୍ଚ ସ୍ଥାନରେ ପରିବା ଚାଷ ଆରମ୍ଭ ହୋଇଛି । କୌଣସି ପ୍ରକାର କୀଟନାଶକ ଔଷଧ କିମ୍ବା ସାର ସେଠାରେ ବ୍ୟବହାର କରାଯାଇନଥାଏ । ମଲରେ ଦୈନିକ ୨୦ହଜାରରୁ ଅଧିକ ଲୋକଙ୍କ ପାଇଁ ଖାଦ୍ୟ ସେଠାକାର ରେସ୍ତୋରାଁରେ ପ୍ରସ୍ତୁତ ହୁଏ । ଯେଉଁ ଦିନ ଖାଦ୍ୟ ବଳିପଡ଼େ, ସେସବୁ ଖତ ପାଇଁ ବ୍ୟହୃତ ହୋଇଥାଏ । ବେଜିଂ ଚୀନର ଅନ୍ୟତମ ମୁଖ୍ୟ ସହର ଭାବେ ଜଣାଯାଉଥିବାବେଳେ ଦିନକୁଦିନ ଏଠାରେ ଜନସଂଖ୍ୟା ବଢୁଛି । ସରକାରୀ ତଥ୍ୟ ଅନୁସାରେ, ସେଠାକାର କୃଷକ ଆବଶ୍ୟକତା ଠାରୁ ଅଧିକ ପେଷ୍ଟିସାଇଡ୍ ଚାଷରେ ବ୍ୟବହାର କରନ୍ତି । ସେସବୁକୁ ଲକ୍ଷ୍ୟରେ ରଖି ସପିଂ ମଲରେ ଉନ୍ନତମାନର ଚାଷ କରାଯାଉଛି ।



# ଭିଡ଼ିଓ ଗେମରେ ଦୂର ହେବ ମୋତିଆ ବିନ୍ଦୁ





ଏଣିକି ଭିଡ଼ିଓ ଗେମରେ ମୋତିଆ ବିନ୍ଦୁ ଦୂର ହେବ ବୋଲି କରାଯାଇଥିବା ଏକ ଅଧ୍ୟନରୁ ଜଣାପଡ଼ିଛି । ମନସ୍ତତ୍ତ୍ୱବିତ୍‌ଙ୍କ କହିବା ଅନୁସାରେ, ସପ୍ତାହରେ ଅତି କମରେ ୪୦ ଘଣ୍ଟା ଭିଡ଼ିଓ ଗେମ ଅଭ୍ୟାସ କଲେ ଦୃଷ୍ଟି ଶକ୍ତି ବୃଦ୍ଧି ହେବା ସହିତ ମୋତିଆ ବିନ୍ଦୁ ଦୂର ହେବ । ସେମାନେ ଆହୁରି କହିଛନ୍ତି ଯେ, ବୃଦ୍ଧାଅବସ୍ଥାରେ ଦୃଷ୍ଟି ଶକ୍ତି ହ୍ରାସ ହେବା ଯୋଗୁ ଦେଖିବାରେ ଅସୁବିଧା ହୁଏ । ଏହି ବୟସରେ ଆଖିରେ ମୋତିଆ ବିନ୍ଦୁ ମାଡ଼ିଯାଏ । ଏହାର ଚିକିତ୍ସା ପାଇଁ ଅସ୍ତ୍ରୋପଚାର କରିବା ଓ କଣ୍ଟାକ୍ଟ ଲେନ୍ସ ଲଗାଇଲେ ମଧ୍ୟ ଏହା ସବୁବେଳେ ସୁଫଳ ଦେଇ ନଥାଏ । ମନୋବିଜ୍ଞାନୀଙ୍କ ମତରେ, ବୟସ୍କ ବ୍ୟକ୍ତିଙ୍କର ଆଖିର ଦୃଶ୍ୟପଟ ସହିତ ମସ୍ତିଷ୍କର ଯେଉଁ କୋଷ ଜଡ଼ିତଥାଏ, ତାହା ନଷ୍କ୍ରିୟ ହୋଇଥାଏ । ଏହା ଦ୍ୱାରା ଆଖିର କାର୍ଯ୍ୟ କରିବାର ଶକ୍ତି ହ୍ରାସ ପାଇଯାଏ । ମୋତିଆ ବିନ୍ଦୁ ମାଡ଼ିବାର ଏହା ହେଉଛି ମୁଖ୍ୟ କାରଣ ଭିଡ଼ି ଗେମ ଅଭ୍ୟାସ କରିବା ଦ୍ୱାରା ନିଷ୍କ୍ରିୟ ହୋଇଥିବା ମସ୍ତିଷ୍କ କୋଷ ସକ୍ରିୟ ହୋଇଯିବା ସହିତ ଦୃଷ୍ଟି ଶକ୍ତି ବୃଦ୍ଧି ପାଇବ ।

# ପିଲାଙ୍କ ସ୍ମୃତିଶକ୍ତି ବଢ଼ାଇବାର ଉପାୟ




କେବଳ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାକୁ ଦୃଷ୍ଟିରେ ରଖି ଏବର ପିଲାମାନେ ପାଠ ପଢ଼ା ପ୍ରତି ଆଗ୍ରହୀ ହେଉଛନ୍ତି । ସର୍ବେକ୍ଷଣରୁ ଜଣାପଡ଼ିଛି, ୪୧% ପିଲା ଏଇ ଗୋଷ୍ଠୀର ହୋଇଥିବାବେଳେ ଅନ୍ୟ ୨୭% ପାଠପଢ଼ାରେ ଅବହେଳା କରିଥାନ୍ତି । ୫ବର୍ଷର କୁନି ପିଲାଙ୍କର ପାଠ ପଢ଼ା ପ୍ରତି ଏତେ ଧ୍ୟାନ ନଥାଏ । ବରଂ ଏଇ ବୟସରେ ସେମାନେ ଟେଲିଭିଜନ ଦେଖା, ଚିତ୍ର ଅଙ୍କା ଓ ସ୍ମାର୍ଟଫୋନରେ ଭିଡ଼ିଓ ଦେଖିବାକୁ ପସଦନ୍ଦ କରୁଛନ୍ତି । ସେମାନଙ୍କ ପଢ଼ିବା ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ହେଲେ ଉଭୟ ବାପା ଓ ମା'ଙ୍କୁ ସଚେତନ ହେବାକୁ ପଡ଼ିବ ।

ବିଶେଷଜ୍ଞଙ୍କ ମତରେ ପ୍ରଥମରୁ ସେମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ତାର ଉତ୍ତର ଜାଣିବାକୁ ଚେଷ୍ଟା କରନ୍ତୁ । ଯେପରି ଯଦି ପିଲା ବାହାରେ କିମ୍ବା ଘରେ ଆଇସକ୍ରିମ ଖାଉଛି, ଖାଇବା ପରେ ଆଇସକ୍ରିମର ରଙ୍ଗ ଓ ସ୍ୱାଦ ପଚାରି ବୁଝିବେ । ବିଭିନ୍ନ ପ୍ରକାର ଅନୁସନ୍ଧାନରୁ ସ୍ପଷ୍ଟ ହୋଇଛି ଯେ ଚିତ୍ର ଆଙ୍କୁ ଥିବା କୁନି ପିଲାଙ୍କର ସ୍ମୃତି ଶକ୍ତି ଖୁବ୍ ପ୍ରଖର । ଏମାନଙ୍କ ଉପରେ ଅଧିକ ପାଠପଢ଼ା ଦେବା ଅନୁଚିତ । ଯଥା ସମୟରେ ଏମାନେ ନିଜର ପରାକାଷ୍ଠା ପ୍ରଦର୍ଶନ କରିବେ । ଦିନକୁ ଅତିକମରେ ପିଲାଙ୍କୁ ଟିଭିରେ ୪୫-୬୦ମିନିଟ୍ କାଟୁନ ସିରିଜ ଦେଖିବା ନିମନ୍ତେ ଉତ୍ସାହିତ କରନ୍ତୁ । କିଛି ଦିନ ମଧ୍ୟରେ ଜାଣିପାରିବେ ଯେ ଏମାନେ କାର୍ଟୁନ ଚରିତ୍ରଙ୍କୁ ଅନୁକରଣ କରିବା ସହ ଭଲ ବ୍ୟବହାର ମଧ୍ୟ ଶିଖୁଛନ୍ତି ।

# ଫ୍ରାନ୍ସର କଡ଼ା ନିୟମ

ବିଶ୍ୱର ପ୍ରମୁଖ ପ୍ରନ୍ତରେ ସୁନ୍ଦରୀ ପ୍ରତିଯୋଗିତାକୁ ବିଭିନ୍ନ ମହଲ ପ୍ରୋତ୍ସାହିତ କରୁଥିବାର ଦେଖାଯାଉଛି ଏପରିକି ଆମେରିକା ଓ ଇଉରୋପର କେତେକ ରାଷ୍ଟ୍ର କୁନି ପିଲାଙ୍କୁ ମଧ୍ୟ ଏଥିରେ ସାମିଲ କରୁଛନ୍ତି । ଗତ କିଛି ବର୍ଷ ମଧ୍ୟରେ ଏହା ଏକ ପରମ୍ପରା ଭାବେ ପାଳିତ ହେଉଥିବା ଲକ୍ଷ୍ୟ କରାଯାଉଛି । ଭାରତର ମହାନଗରୀଗୁଡ଼ିକରେ ସଂଖ୍ୟାଧିକ ସଂସ୍ଥା ଛୋଟ ପିଲାଙ୍କୁ ଉତ୍ସାହିତ କରାଇବା ଦିଗରେ ନିୟମିତ ଭାବେ ସୁନ୍ଦରୀ ପ୍ରତିଯୋଗିତା ଆୟୋଜିତ କରୁଛନ୍ତି । ଏ ଦିଗରେ ଫ୍ରାନ୍ସ କିନ୍ତୁ ୧୯୯୫ରୁ କଡ଼ା କଡ଼ି ପଦକ୍ଷେପ ଗ୍ରହଣ କରିଛି। ଏହା ପୂର୍ବରୁ ସେଠାରେ ମଧ୍ୟ ନିୟମିତ ଭାବେ କୁନି ପିଲାଙ୍କ ସୁନ୍ଦରୀ ପ୍ରତିଯୋଗିତା ଆୟୋଜିତ କରୁଛନ୍ତି । ଏ ଦିଗରେ ପ୍ରାନ୍ସ କିନ୍ତୁ ୧୯୯୫ରୁ କଡ଼ା କଡ଼ି ପଦକ୍ଷେପ ଗ୍ରହଣ କରିଛି । ଏହା ପୂର୍ବରୁ ସେଠାରେ ମଧ୍ୟ ନିୟମିତ ଭାବେ କୁନି ପିଲାଙ୍କ ସୁନ୍ଦରୀ ପ୍ରତିଯୋଗିତା ଆୟୋଜିତ ହେଉଥିଲା । କେତେକ ମହଲରେ ଏଇ ପ୍ରତିଯୋଗିତାକୁ ପ୍ରବଳ ବିରୋଧ କରାଯିବା ପରେ ଏବେ ଫ୍ରାନ୍ଦ ସରକାର 'କୁନି ନିଲାଙ୍କ ସୁନ୍ଦରୀ ପ୍ରତିଯୋଗିତାକୁ ବେଆଇନ ଘୋଷଣା କରିଛି । ଯଦି କୌଣସି ସଂସ୍ଥା ଏଭଳି ପ୍ରତିଯୋଗିତା ଆୟୋଜନ କରୁଥିବାର ଜଣାପଡ଼େ, ତେବେ ଏହାର ମୁଖ୍ୟଙ୍କୁ ୨ ବର୍ଷରୁ ଅଧିକ ଜେଲ ଦଣ୍ଡ ସହ ୧୦ଲକ୍ଷ ଟଙ୍କା ଜୋରିମାନା ମଧ୍ୟ ହେବ ।

# ନରକର ଘଣ୍ଟି

ମେକସିକୋର ୟୁକାଟାନ ଅଞ୍ଚଳ ଅନ୍ତର୍ଗତ ସିନୋଟ୍ ଜାପୋଟ୍ ଏକ ମନୋରମ ପର୍ଯ୍ୟଟନ ସ୍ଥଳୀ । ସେଠାରେ ଘଞ୍ଚ ଜଙ୍ଗଲ ଭିତରେ ରହିଛି ଏକ ବିଶାଳ ଓ ଗଭୀର ବାମ୍ଫି । ବାମ୍ଫି ଭିତରେ ପ୍ରାୟ ତିରିଶ ମିଟର ତଳେ ଘଣ୍ଟି ଭଳି ଦିଶୁଥିବା ଗୁଡ଼ିଏ ପଥର ଦେଖିବାକୁ ମିଳେ । ସ୍ଥାନୀୟ ଲୋକେ ସେଗୁଡ଼ିକୁ କହନ୍ତି 'ହେଲସ ବେଲ' ବା 'ନରକର ଘଣ୍ଟି' । ଭୂବିଜ୍ଞାନୀଙ୍କ ମତରେ, ଶେଷ ହିମଯୁଗ କାଳରେ ସେଗୁଡ଼ିକ ସୃଷ୍ଟି ହୋଇଥିଲା । ତେବେ, ନିର୍ଦ୍ଦିଷ୍ଟ ଭାବେ କେଉଁ କାରଣରୁ ସୃଷ୍ଟି ଅଜଣା ହୋଇରହିଛି ।

# ଗ୍ରୀନଲାଣ୍ଡର ଏକ ମାତ୍ର ସବୁଜିମା



ଗ୍ରିନଲାଣ୍ଡ ବିଶ୍ୱର ବୃହତ୍ତମ ଦ୍ୱୀପ । ସାରା ଗ୍ରିନଲାଣ୍ଡ ବର୍ଷ ତମାମ ବରଫପୂର୍ଣ୍ଣଥାଏ । ତେବେ, ସେଠାକାର କ୍ୱିନଗୁଆ ଉପତ୍ୟକା ଏକ ମାତ୍ର ବ୍ୟତିକ୍ରମ । ଏହା ଗ୍ରିନଲାଣ୍ଡର ଦକ୍ଷିଣ ପ୍ରାନ୍ତରେ ଅବସ୍ଥିତ । ଏହି ଉପତ୍ୟକା ସବୁଜିମାମୟ ରହିବାର କାରଣ, ଏହା ଚାରି ପାଖରୁ ସୁ-ଉଚ୍ଚ ପର୍ବତ ଦ୍ୱାରା ଘେରା । ସମୁଦ୍ର ପ୍ରାୟ ପଚାଶ କିଲୋମିଟର ଦୂରରେ । ତେଣୁ, ଏହି ଉପତ୍ୟକାରେ ଉଦ୍ଭିଦ ବଢ଼ିବା ପାଇଁ ଆବଶ୍ୟକ କରୁଥିବା ଉତ୍ତାପ ପାଇଥାଏ । ଏଠାରେ ତିନି ଶହ ପ୍ରଜାତିର ବୃକ୍ଷ ଦେଖାଯାଏ । କେତେକ ଉଚ୍ଚତାରେ ପଚିଶଫୁଟ୍ ପର୍ଯ୍ୟନ୍ତ ବଢ଼େ । ନର୍ସମାନେ ବଦଶମ ଶତାବ୍ଦୀରେ ଏଠାରେ ବସତି ସ୍ଥାପନ କରିଥିଲେ । ବିଜ୍ଞାନୀଙ୍କ ସୂତ୍ରରୁ ପ୍ରକାଶ ଯେ, ହଜାର ହଜାର ବର୍ଷ ତଳେ ସମଗ୍ର ଗ୍ରିନଲାଣ୍ଡ ତୁଷାରାଚ୍ଛନ୍ନ ନଥିଲା । ଅନେକ ସ୍ଥାନରେ ଜଙ୍ଗଲ ।

# ପେସ୍ତାବାଦାମର ଉପକାରିତା



ପେସ୍ତାବାଦାମ, ଉତ୍ତ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ ଏକ ଭଲ ଖାଦ୍ୟ । ନିକଟରେ ହୋଇଥିବା ଗବେଷଣାରୁ ଜଣାପଡ଼ିଛି, ନିୟମିତ ଭାବରେ ପେସ୍ତାବାଦାମ ଖାଇଲେ କର୍କଯ ରୋଗ ହେବାର ଆଶଙ୍କା କମ । ଗବେଷକଗଣ ୧୦ହଜାର ବ୍ୟକ୍ତିଙ୍କୁ ନେଇ ପରୀକ୍ଷା କରିଥିଲେ । ନିୟମିତ ଭାବରେ ସେମାନଙ୍କୁ ପେସ୍ତାବାଦାମ ଖାଇବାକୁ ପ୍ରସ୍ତାବ ଦିଆଗଲା । ସେମାନଙ୍କ ମଧ୍ୟରେ କିଛି କର୍କଟ ରୋଗାକ୍ରାନ୍ତ ମଧ୍ୟ ଥିଲେ । ମାନସିକ ସ୍ତରରେ ଦୁର୍ବଳ ଥିବା ପିଲା ଓ ଯୁବଗୋଷ୍ଠୀଥିଲେ । ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେଲା । ପେସ୍ତାବାଦାମ ଖୁବ ଭଲଭାବରେ କର୍କଟ ରୋଗ ପ୍ରତିରୋଧ କରିପାରୁଛି ବୋଲି ବିଶେଷଜ୍ଞଙ୍କ ମତ । ଆମେରିକାର ସମସ୍ତ କର୍ମସଂସ୍ଥାରେ ଏବେ କର୍ମଚାରୀ ପେସ୍ତାବାଦାମ ଖାଇବା ବାଧ୍ୟତାମୂଳକ କରାଯିବ ବୋଲି ଜଣାପଡ଼ିଛି । ଗବେଷକଗଣଙ୍କ ମତରେ ଆଗାମୀ ୧୨୧ ବର୍ଷ ମଧ୍ୟରେ ପୃଥିବୀରୁ ମନୁଷ୍ୟର ସତ୍ତା ଲୋପ ପାଇବା ଆଶଙ୍କା ରହିଛି । ସର୍ବେକ୍ଷଣରୁ ଜଣାପଡ଼ିଛି ଗତ କିଛି ବର୍ଷ ମଧ୍ୟରେ ପୃଥିବୀ ପୃଷ୍ଠରୁ ୧୫୦୦ ପ୍ରଜାତିର ଜୀବଜନ୍ତୁ ଲୋପ ପଇସାରିଛନ୍ତି । ଡାଇନୋସର ଭଳି ବୃହତକାୟ ଜୀବ ଯଦି ପରିବେଶ ପରିବର୍ତ୍ତନରେ ପ୍ରାଣ ହରାଇଲା, ସେଭଳି ସ୍ଥିତିରେ ମନୁଷ୍ୟର ସ୍ଥିତି କ'ଣ ତାହା ଅନୁମେୟ । ଦିନକୁଦିନ ପ୍ରଦୂଷଣର ମାତ୍ରା ବଢ଼ିବାରେ ଲାଗିଛି । ମୋଟରଗାଡ଼ି, ଉଡ଼ାଜାହାଜରେ ଯାଉଥିବା ମନୁଷ୍ୟ ଏବେ ଦ୍ରୁତତମ ଗାଡ଼ି ତିଆରି କରୁଛି । ଏସବୁ ମଧ୍ୟରେ କିନ୍ତୁ ସବୁଜିମାକୁ କାଟି ପଦା, କରୁଥିବାରୁ ବାୟୁମଣ୍ଡଳର ସ୍ଥିତି ରହିବ ନାହିଁ ବୋଲି ଗବେଷକଙ୍କ ମତ । ବର୍ଦ୍ଧିତ ଜନସଂଖ୍ୟା ଯୋଗୁଁ ଆଗାମୀ ୦୦ ବର୍ଷ ପରେ ଲୋକେ ଅଣନିଶ୍ୱାସୀ ହୋଇ ମରିବାର ଆଶଙ୍କା କରାଯାଉଛି ।

# ଭୋଜନ ସମୟର ସତର୍କତା

କିଛି ବର୍ଷ ତଳର ସ୍ଥିତି ଥିଲା ଭିନ୍ନ । ସେ ସମୟରେ ଲୋକଙ୍କ ଖାଇବା ପିଇବାର ଏକ ନିର୍ଦ୍ଦିଷ୍ଟ ସମୟଥିଲା । ଏବେ କିନ୍ତୁ ଲୋକେ ଆଧୁନିକ ଜୀବନ ଶୈଳୀରେ ନିଜକୁ ସାମିଲ କରିଥିବାର ଯୁକ୍ତି ବାଢୁଛନ୍ତି, ଯାହା କାରଣରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଦିନ ୧୨ଟାରୁ ଗୋଟାଏ ମଧ୍ୟରେ ଲୋକେ ଖାଉଥିଲେ, ଏବେ କିନ୍ତୁ ଲୋକେ ୩ଟା ପରେ ଦ୍ୱିପହର ଭୋଜନ କରୁଛନ୍ତି । ଏହା ସହ ରାତ୍ରିରେ ଗରିଷ୍ଠ ଭୋଜନ କରିବା କାରଣରୁ ମଧ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିଥାଲ । ବିଳମ୍ବିତ ସମସ୍ୟା ଉପୁଜିଥାଏ । ବିଳମ୍ବିତ ରାତିରେ ଭୋଜନ କଲେ ଖାଦ୍ୟ ଆଦୌ ହଜମ ହୋଇପାରେନି । ଅନେକ ସମୟରେ ଆମମାନଙ୍କର ଛଣାଛଣି ତେଲ ମସଲା ଖାଦ୍ୟ ଖାଇବାକୁ ଇଚ୍ଛା ହୋଇଥାଏ । ସେସବୁ ସ୍ୱାସ୍ଥ୍ୟ ପାଇଁ ଆଦୌ ହିତକର ନୁହେଁ । ମାସକୁ ଅତିବେଶୀରେ ଏଭଳି ଭୋଜନ ଥରୁଟିଏ କରିବା ଉଚିତ । ଅଧିକ ଥର ଏଭଳି ଖାଦ୍ୟ ଖାଇଲେ ହୃଦରୋଗ ହେବାର ଆଶଙ୍କା ବଢ଼େ ।





ଏହା ସହ ତେଲ ହେଉ ଅବା ଘିଅ, ଆବଶ୍ୟକ ପରିମାଣରେ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଆଦୌ ହାନିକାରକ ନୁହେଁ । ନିୟମିତ ଭାବେ ୧ଛୋଟ ଚାମଚ ଘିଅ ଖାଇଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିବା ସହ ତ୍ୱଚାରେ ମଧ୍ୟ ଚମକ ଆସିଥାଏ । ଏହା ଅଧିକ ପରିମାଣର ଖାଇବା ପରବର୍ତ୍ତୀ ସମୟରେ ଅସୁବିଧା ଉପୁଜାଇପାରେ ।

ବିଶେଷଜ୍ଞଙ୍କ ମତରେ ହୃଦରୋଗରୁ ବର୍ତ୍ତିବାକୁ ଚାହୁଁଥିଲେ, ରାତି ୮-୯ ମଧ୍ୟରେ ଭୋଜନ କରି କିଛି ସମୟ ଚଲାବୁଲା କରନ୍ତୁ । ପରେ ଶୋଇବାକୁ ଯିବା ଉଚିତ ।

# ଖାଦ୍ୟ ଖାଇ ଓଜନ କମ କରିବେ



ମେଦବହୁଳତା ଏବେ ଏକ ପ୍ରମୁଖ ସମସ୍ୟାରେ ପରିଣତ ହୋଇଛି । କମ ସମୟରେ କିଭଳି ଓଜନ ହ୍ରାସ କରିବେ, ସେଥିପାଇଁ ସମସ୍ତେ ଚେଷ୍ଟାରତ । କିଛିଦିନ ପୂର୍ବେ ଭାରତୀୟ ଗବେଷକମାନେ ଏଇ ଭିତ୍ତିରେ ଏକ ଫଳାଫଳ ବିଶ୍ୱସ୍ତରରେ ଘୋଷଣା କରିଛନ୍ତି । ନିଦ ଓ ମେଦର ନିବିଡ଼ ସମ୍ପର୍କ, କମ ନିଦ୍ରା ହେଲେ ଜଣେ ବ୍ୟକ୍ତି ଉଠିବା ପରେ ତାକୁ ଭୋକ ଲାଗେ । ଏହି ସମୟରେ ଘରେ ଥିବା ଜଙ୍କଫୁଡ୍ ଖାଇବା ପାଇଁ ପ୍ରାଧାନ୍ୟ ଦିଆଯାଏ । ଏହି ଖାଦ୍ୟ ମୋଟାପଣ ତୁରନ୍ତ ବୃଦ୍ଧି କରିଥାଏ । ତେଣୁ ପ୍ରଥମେ ସୁଖନିଦ୍ରା ଯିବା ପାଇଁ ଚେଷ୍ଟା କରିବା ଭଲ । ଥଣ୍ଡା ଖାଦ୍ୟ ମଧ୍ୟ ଖାଆନ୍ତୁ; କିନ୍ତୁ ଏହାର ଅର୍ଥ ନୁହେଁ ଆଇସକ୍ରିମ୍ କିମ୍ବା ଥଣ୍ଡାପାନୀୟ ପିଇବେ । ଦହି, କ୍ଷୀର ଓ ଲସି ନିୟମିତ ପିଇବାର ଅଭ୍ୟାସ କରନ୍ତୁ । ଦହିରେ ପ୍ରଚୁର ପରିମାଣରେ ବ୍ୟାକ୍ଟେରିଆ ରହିଛି, ଯାହା ମେଦକୁ ହ୍ରାସ କରିଥାଏ । ନିୟମିତ ୧୨ସପ୍ତାହ ଏହି ଦହି ଜାତୀୟ ଖାଦ୍ୟ ଖାଇଲେ ଓଜନ ତୁରନ୍ତ କମ ହୁଏ । ସନ୍ଧ୍ୟା ୭ଟା ପରେ। ଖାଇବା ଅନୁଚିତ । କାରଣ ଏହା ପରେ ଖାଇଲେ ଆମ ଶରୀର ଅଧିକ ଖାଦ୍ୟ ଆବଶ୍ୟକ କରେ ଏବଂ ବାରମ୍ବାର ଭୋକ ଲାଗିଥାଏ । ତେଣୁ ସନ୍ଧ୍ୟାବେଳେ ନ ଖାଇ ରାତିରେ ହିଁ ଭୋଜନ କରି ଶୋଇବାକୁ ଗଲେ ଭଲ ।







# କ୍ଷତି କାରକ ଜଙ୍କଫୁଡ୍

ଜଙ୍କଫୁଡ୍ ନେଇ ଖବର କାଗଜଠାରୁ ଆରମ୍ଭ କରି ଇଣ୍ଟରନେଟ୍ ପର୍ଯ୍ୟନ୍ତ ସବୁଠାରେ ସଚେତନତା ବାର୍ତ୍ତା ପଢ଼ିବାକୁ ମିଳିଥାଏ । ଏନେଇ ପୁନର୍ବାର ସାଧାରଣ ଲୋକଙ୍କୁ ଅବଗତ କରାଯାଇଛି । ଜଙ୍କ ଫୁଡ୍ ଖାଇଲେ ସ୍ମୃତିଶକ୍ତି ହ୍ରାସ ହେବାର ସମ୍ଭାବନା ସର୍ବାଧିକ ବୋଲି ନ୍ୟୁଜିଲାଣ୍ଡ ଗବେଷକ ମତ ଦେଇଛନ୍ତି । ଏନେଇ ଏକ ପରୀକ୍ଷଣ କରାଯାଇଥିଲା । ୫୫ଜଣ ବ୍ୟକ୍ତି ଏଥିରେ ସାମିଲ ଥିଲେ । ନିୟମିତ ଜଙ୍କଫୁଡ୍ ଖାଉଥିବା ଲୋକ ଅଧିକ ସମୟ ପର୍ଯ୍ୟନ୍ତ ଘଟଣା ମନେରଖିପାରୁନଥିଲେ । ଏପରିକି ଅନେକବାର ସେମାନେ ଏହା ଜାରିନାହାନ୍ତି ବୋଲି ମଧ୍ୟ ମତ ଦେଇଛନ୍ତି । ଏସବୁକୁ ଲକ୍ଷ୍ୟ କଲାପରେ ଜଙ୍କଫୁଡ୍ ଖାଉନଥିବା ଲୋକଙ୍କ ବ୍ୟବହାର ଅତି ସାଧାରଣ ଥିଲା ବୋଲି ଗବେଷକ ମତ ଦେଇଛନ୍ତି । ଗବେଷକ ଏହା ମଧ୍ୟ କହିଛନ୍ତି, ବାସି ଜଙ୍କ ଫୁଡର ପ୍ରଭାବ ସାର୍ବାଧିକ ।

# ମାସ୍କ ପିନ୍ଧି ନ ଥିବାରୁ ୫ ତାରିଖରେ ୧.୪୫ ଲକ୍ଷ ଟଙ୍କା ଜୋରିମାନା ଆଦାୟ

## ଚଳିତ ମାସରେ ୯.୭୮ ଲକ୍ଷ ଜୋରିମାନା ଆଦାୟ

ବାରିପଦା,୭/୬ (ନି.ପ୍ର): ନୋଭେଲ କୋଭିଡ୍-୧୯ ମହାମାରୀ ମୁକାବିଲା ନିମନ୍ତେ ଜାରି ରହିଛି ମହାସଂଗ୍ରାମ । ଏହିସମୟରେ ଜୁନ ପହିଲାଠାରୁ ପଂଚମ ପାଳିର ଲକ୍ ଡ଼ାଉନ ବା ଅନ୍‌ଲକ୍-୧ ମାର୍ଗଦର୍ଶୀକା ଜାରି ହୋଇଛି । ଏହି ସମୟରେ ପୁଲିସ ଡ଼ିଜି ମାସ୍କ ପରିଧାନ କରୁ ନ ଥିବା ବ୍ୟକ୍ତିମାନଙ୍କ ନିକଟରୁ ଜୋରିମାନା ଆଦାୟ ସହିତ ଗିରଫ କରାଯିବ ବୋଲି ଘୋଷଣା କରିବା ପରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାକୁ ଜିଲ୍ଲାରେ କଡ଼ାକଡ଼ି ଭାବେ ଲାଗୁ କରାଯାଇ ଜୁନ ୫ରେ ଜିଲ୍ଲାର ୩୦ ଗୋଟି ଥାନା ପକ୍ଷରୁ ଚଢ଼ାଉ କରାଯାଇ ୪୫୨ ଜଣ ନିୟମ ଭଙ୍ଗକାରୀମାନଙ୍କ ନିକଟରୁ ୧ଲକ୍ଷ ୪୫ ହଜାର ୬ ଶହ ଟଙ୍କା ଫାଇନ ଆଦାୟ କରାଯାଇଛି । ଏହାମଧ୍ୟରେ ବହଳଦା ଥାନା ପୁଲିସ ପକ୍ଷରୁ ୨୪ ଜଣ ନିୟମ ଭଙ୍ଗକାରୀମାନଙ୍କ ନିକଟରୁ ସର୍ବାଧିକ ୧୨ ହଜାର ଟଙ୍କା ଫାଇନ କଟାଯାଇଥିବା ବେଳେ ରାସଗୋବିନ୍ଦପୁର ଥାନା ଅଂଚଳରେ ୨୧ ଜଣ ଓ ଉଦଳା ଥାନାରେ ୫୩ ଜଣଙ୍କ ନିକଟରୁ ୧୦ ହଜାର ୫ ଶହ, ବାରିପଦା ଟାଉନ ଥାନାରେ ୨୦ ଜଣଙ୍କ ନିକଟରୁ ୧୦ ହଜାର ଟଙ୍କା ଆଦାୟ କରାଯାଇଛି । ସେହିପରି ପୁଲିସ ବିଭାଗର ରାଇରଙ୍ଗପୁର ଉପଖଣ୍ଡ ଅଂଚଳରେ ୧୧୮ ଜଣଙ୍କ ନିକଟରୁ ସର୍ବାଧିକ ୪୩ ହଜାର ୧୦୦, ବେତନଟୀ ଉପଖଣ୍ଡରେ ୭୫ ଜଣଙ୍କ ନିକଟରୁ ୩୪ ହଜାର ୫ ଶହ , ବାରିପଦା ଉପଖଣ୍ଡରେ ୯୨ ଜଣଙ୍କ ନିକଟରୁ ୩୦ ହଜାର ୧୦୦, କରଞ୍ଜିଆ ଉପଖଣ୍ଡରେ ୮୯ ଜଣଙ୍କ ଠାରୁ ୧୯ ହଜାର ୪ ଶହ ଏବଂ ଉଦଳା ଉପଖଣ୍ଡରେ ୭୮ ଜଣଙ୍କ ଠାରୁ ୧୮ ହଜାର ୫ ଶହ ଟଙ୍କା ଆଦାୟ କରାଯାଇଛି । ଏଥି ସହିତ ଚଳିତ ଜୁନ ମାସରେ ମୟୂରଭଞ୍ଜ ଜିଲ୍ଲାରୁ ୯ ଲକ୍ଷ ୭୮ ହଜାର ୫ ଶହ ଟଙ୍କା ଫାଇନ ଆଦାୟ କରାଯାଇଥିବା ସମୟରେ ବାରିପଦା ଉପଖଣ୍ଡରେ ସର୍ବାଧିକ ୨ ଲକ୍ଷ ୪୪ ହଜାର, ବେତନଟୀ ଉପଖଣ୍ଡରେ ୨ଲକ୍ଷ ୪୦ ହଜାର ୭ ଶହ, ରାଇରଙ୍ଗପୁର ଉପଖଣ୍ଡରେ ୨ଲକ୍ଷ ୩୦ ହଜାର ୧୦୦, କରଞ୍ଜିଆ ଉପଖଣ୍ଡରେ ୧ଲକ୍ଷ ୪୧ ହଜାର ଏବଂ ଉଦଳା ଉପଖଣ୍ଡରେ ୧ଲକ୍ଷ ୨୨ ହଜାର ୭ ଶହ ଟଙ୍କା ଜୋରିମାନା କଟାଯାଇଥିବାର ମୟୂରଭଞ୍ଜ ଆରକ୍ଷୀ ଅଧିକ୍ଷକ ସ୍ମିଥ ପି ପରମାରଙ୍କ ସୂତ୍ରରୁ ଜଣାପଡ଼ିଛି । ତେବେ ପୁଲିସ ପକ୍ଷରୁ ବିଭିନ୍ନ ଥାନାଗୁଡ଼ିକ ପକ୍ଷରୁ ଆଦାୟ ହୋଇଥିବା ଫାଇନରେ ତାରତମ୍ୟ ପରିଲକ୍ଷିତ ହୋଇଛି । ସମାନ ଦୋଷକୁ ସମାନ ଜୋରିମାନା ଆଦାୟ ବଦଳରେ କମ୍ ବେଶୀ ଫାଇନ ଆଦାୟ ହୋଇଥିବାର ପରିଲକ୍ଷିତ ହୋଇଛି । ବାରିପଦା ଟାଉନ , ବାଙ୍ଗିରିପୋଷି, କୁଳିଅଣା ଆଦି କେତେକ ଥାନା ପୁଲିସ ପକ୍ଷରୁ ଏଭାରେଜ ୫ ଶହ ଟଙ୍କା ଫାଇନ ଆଦାୟ କରାଯାଇଥିବା ବେଳେ ବାଦାମପାହାଡ଼, ଗୋରୁମହିଷାଣି, ବିଶୋଇ ଆଦି ଥାନାଗୁଡ଼ିକରେ ଆଭେରେଜ ୨ ଶହ ଟଙ୍କା ହିସାବରେ ଏବଂ କରଞ୍ଜିଆ ଥାନା ପୁଲିସ ପକ୍ଷରୁ ୨୨ ଜଣ ମାସ୍କ ପରିଧାନ କରିନଥିବା ବ୍ୟକ୍ତିମାନଙ୍କ ନିକଟରୁ ୨୨୭.୨୭ ପ୍ରତିଶତ ହାରରେ ଜୋରିମାନା ଆଦାୟ କରାଯାଇଥିବାର ପରିଲକ୍ଷିତ ହୋଇଛି ।

### ବରୀ ଯୁବ ନେତାଙ୍କ ପକ୍ଷରୁ ମା ବୁଢ଼ୀ ଜାଗୁଲାଇ ବସ କର୍ମଚାରୀ ସଂଘକୁ ସହାୟତା ପ୍ରଦାନ

ଧର୍ମଶାଳା,୭/୬ (ନି.ପ୍ର): କରୋନା ସଂକ୍ରମଣକୁ ନେଇ ସମସ୍ତେ ଚିନ୍ତିତ ଥିବା ବେଳେ ଅନେକ ଲୋକଙ୍କ ପରିବାର ଉପରେ ପ୍ରଭାବ ପଡିଛି । ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ 'ମା ବୁଢ଼ୀ ଜାଗୁଲାଇ ବସ୍ କର୍ମଚାରୀ ସଂଘ'ର ସମସ୍ତ କର୍ମଚାରୀମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହୋଇଥିଲେ । ଆଜି ସେମାନଙ୍କୁ ବରୀ ନିର୍ବାଚନ ମଣ୍ଡଳୀର ବିଜେପିର ଯୁବ ନେତା ବିଶ୍ୱରଂଜନ ମଲ୍ଲିକ ଓ ବରୀ ବ୍ଲକ୍ ଅଧ୍ୟକ୍ଷା ସୁବାଶିନୀ ଶର୍ମା ଯୋଗ ଦେଇ ଏହି ମହାମାରୀ ସମୟରେ ସଂଘର ସମସ୍ତ କର୍ମଚାରୀମାନଙ୍କୁ ଶୁଖିଲା ଖାଦ୍ୟ ସାଙ୍ଗକୁ ସାନିଟାଇଜେନସ କିଟ୍ ପ୍ରଦାନ କରିଛନ୍ତି ।

# ସଂଗରୋଧ କେନ୍ଦ୍ରରେ ଶିଶୁକନ୍ୟାର ମୃତ୍ୟୁ

ନୂଆପଡା,୭/୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖୁଦପେଜ ପଂଚାୟତର ଚଲାନପଡା ସଂଗରୋଧ କେନ୍ଦ୍ର-୨ ରେ ଶନିବାର ଜଣେ ୬ ବର୍ଷର ଶିଶୁ କନ୍ୟାଙ୍କର ମୃତ୍ୟୁ ହୋଇଯାଇଛି । ଖଡିଆଳ ବ୍ଲକ ସାନମହେଶ୍ୱର ପଂଚାୟତର ଝୋଲପଥର ଗ୍ରାମର ଡାକ୍ତର କାଲସେ ଏବଂ ଜ୍ୟୋସ୍ନା କାଲସେଙ୍କର ଶିଶୁ କନ୍ୟା ବର୍ଷା ବୋଲି ଜଣାପଡିଛି । ସୂଚନାମତେ ଡାକ୍ତର କାଲସେ ତାଙ୍କ ପତ୍ନୀ ଏବଂ ନିଜର ୪ ପୁଅଝିଅଙ୍କୁ ନେଇ ଆନ୍ଧ୍ରପ୍ରଦେଶକୁ ଇଟା ଗଢିବାକୁ ଯାଇଥିଲେ । ଲକଡାଉନ ପରେ ପରେ ସରକାରଙ୍କ ପ୍ରବାସୀ ଶ୍ରମିକ ପଞ୍ଜିକରଣରେ ସେମାନେ ତାଙ୍କ ପଂଚାୟତରେ ପଞ୍ଜିକରଣ କରିଥିଲେ । ସରକାରଙ୍କ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଗତ ୪ ତାରିଖ ଦିନ ଆନ୍ଧ୍ରପ୍ରଦେଶରୁ ଡାକ୍ତର କାଲସେଙ୍କ ପରିବାର ଆସି ବଲାଙ୍ଗିର ଠାରେ ୫ ତାରିଖ ସକାଳ ସମୟରେ ପହଂଚିଥିଲେ । ସେଠାରୁ ନୂଆପଡା ଜିଲ୍ଲା ପ୍ରଶାସନର ଏକ ସ୍ୱତନ୍ତ୍ର ବସ ଯୋଗେ ସେମାନଙ୍କୁ ଜିଲାର ଖଡିଆଳକୁ ଅଣାଯାଇଥିଲା । ଖଡିଆଳ ଠାରେ ପଞ୍ଜିକରଣ ପରେ ସେମାନଙ୍କୁ ୫ ତାରିଖ ଅପରାହ୍ନ ୪ଘଂଟା ସମୟରେ ଖୁଦପେଜ ପଂଚାୟତର ଚଲାନପଡା ସଂଘରୋଧ କେନ୍ଦ୍ର-୨ରେ ଅଣାଯାଇଥିଲା । ହେଲେ ପୂର୍ବରୁ ଡାକ୍ତର କାଲସେଙ୍କ ଶିଶୁକନ୍ୟାଙ୍କୁ ଝାଡା ଏବଂ ଜ୍ୱର ହେଉଥିବା ବେଳେ ସଂଘରୋଧ କେନ୍ଦ୍ର ପହଂଚିବା ପରେ ଅଧିକ ହୋଇଥିଲା । ଏନେଇ ବାପା ଡାକ୍ତର କାଲସେ ଦାୟୀତ୍ୱରେ ଥିବା ଅଧିକାରୀ, ଜନ ପ୍ରତିନିଧିଙ୍କୁ ଜଣାଇ ଡାକ୍ତରଖାନା ନେବାକୁ ଅନୁରୋଧ କରିଥିଲେ । ହେଲେ ଶିଶୁକନ୍ୟାଙ୍କୁ ଚିକିତ୍ସା କରାଯାଇନଥିଲା । ଶୁକ୍ରବାର ସଂଧ୍ୟା ସମୟରେ ସ୍ୱାସ୍ଥ୍ୟକର୍ମୀ ଆସି ଔଷଧ ଦେଇଥିଲେ । ହେଲେ ଶନିବାର ଭୋର ପ୍ରାତଃ ୪ ଘଂଟା ସମୟରେ ଶିଶୁକନ୍ୟାର ମୃତ୍ୟୁ ହୋଇଯାଇଥିଲା । ଅନ୍ୟପକ୍ଷରେ ବାପା ଡାକ୍ତର କାଲସେ ଏବଂ ମାଁ ଜ୍ୟୋସ୍ନା କାଲସେ ଚିକିତ୍ସା ଅବହେଳା କାରଣରୁ ତାଙ୍କର ଶିଶୁକନ୍ୟାଟିର ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି । ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କାଳୀ ଚରଣ ବେହେରାଙ୍କୁ ଯୋଗାଯୋଗ କରାଯିବାରୁ ଶିଶୁଟି ଅପପୃଷ୍ଟିର ଶିକାରରେ ପଡି ମୃତ୍ୟୁ ହୋଇଥିବା ପ୍ରକାଶ କରିଥିଲେ । ସ୍ୱାସ୍ଥ୍ୟ ବିଭାଗ ଶିଶୁକନ୍ୟାଟିର କୋଭିଡ ସ୍ୱାବ ଟେଷ୍ଟ ମଧ୍ୟ କରାଯାଇଥିବା ଜଣାପଡିଛି । ଅନ୍ୟପକ୍ଷରେ ଶିଶୁକନ୍ୟାଙ୍କୁ ହରାଇଥିବା ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଝୋଲପଥର ଗ୍ରାମବାସୀ ଦାବୀ ଜଣାଇଛନ୍ତି ।

# ତିହିଡି-ଚାନ୍ଦବାଲିରେ ୧୭ଟି କାଠ ଡିପୋ: ହାତବାନ୍ଧି ବସିଛନ୍ତି ଜଙ୍ଗଲ ଅଧିକାରୀ

ଭଦ୍ରକ, ୭/୬ (ହି.ସ.) - ଜଙ୍ଗଲ ବିଭାଗ ଉପରେ କାହାରି ନଜର ନଥିଲା । ଶେଷରେ ଚାନ୍ଦବାଲି ଜଂଗଲ ଡିଭିଜନ ଏସ୍‌ସିଏଫ୍ ଏବଂ ଫରେଷ୍ଟରଙ୍କ ଘର ଉପରେ ଭିଜିଲାନସ୍ ଚଢଉ ହୋଇ ଆୟ ବର୍ହିଭୂତ ସଂପତି ତାଲିକା ପ୍ରକାଶ ପାଇବା ପରେ ଜଂଗଲ ବିଭାଗ ଅଧିକାରୀଙ୍କ କାରନାମା ପଦାକୁ ଆସିଛି । ଜିଲାରେ ସ' ମିଲ୍ ଗୁଡିକ ବର୍ଷ ବର୍ଷ ଧରି ସୁପ୍ରିମ କୋର୍ଟଙ୍କ ଆଦେଶକୁ ନମାନି ସହର ଭିତରେ କାଠ କାଟୁଥିଲେ । ଏହି କେତେଦିନ ହେବ ସବୁ ସ' ମିଲ୍ ବନ୍ଦ ହୋଇ ଗୋଟିଏ ଜାଗାରେ ଚାଲିଛି । କିନ୍ତୁ ସ' ମିଲ୍ ବନ୍ଦ ହେବା ପରେ କାଠ ଡିପୋ ନାମରେ ଲାଇସେନସ୍ ଆଣି ଯେଉଁ କାରନାମା ଚାଲିଛି, ତାହାର ତଦନ୍ତ କରିବ କିଏ । । କାରଣ କାଠ ଡିପୋ ଗୁଡିକ ନିଜ ଲାଇସେନସ୍ ଅନୁସାରେ ମାସକୁ କେତେ କାଠ ଉଠାଉଛନ୍ତି ଓ ବିକ୍ରି କରୁଛନ୍ତି, ତାହାର ତାଲିକା ନିଜେ କରି ଫରେରଙ୍କ ହାତରେ ଧରାଇ ଦେଉଛନ୍ତି । ଏହି ତାଲିକା ଉପରେ ରେଂଜର, ଏସ୍‌ସିଏଫ୍ ଦସ୍ତଖତ ଓ ଷ୍ଟାମ୍ପ ବାଡେଇବା ପରେ ଡିଏଫ୍‌ଓ ଅନୁମତି ଦେଉଛନ୍ତି । ପ୍ରକୃତରେ ଏହି କାଠ ଡିପୋ ଗୁଡିକ କେତେ ସିଫୁଟ କାଠ ବିକୁଛନ୍ତି, ତାହାର ହିସବାବ କାହାରି ପାଖରେ ନାହିଁ । ତିହିଡି ଓ ଚାନ୍ଦବାଲି ବ୍ଲକ୍‌ରେ କେବଳ ୧୭ ଟି କାଠ ଡିପୋ ରହିଛି । ତିହିଡି ବ୍ଲକ୍‌ରେ ୮ଟି କାଠ ଡିପୋ ଲାଇସେନସ୍ ଆଣିଥିବାବେଳେ ବିନା ଲାଇସେନସ୍‌ରେ ୪ଟି ଚାଲିଛି । ଚାନ୍ଦବାଲି ସହରରେ ୩ଟି କାଠ ଡିପୋ ଲାଇସେନସ୍ ଆଣିଥିବାବେଳେ ୩ଟି ବିନା ଲାଇସେନସ୍‌ରେ ଚାଲିଛି । ମତୋରେ ୩ଟି ଲାଇସେନସ୍ ପାଇଥିବାବେଳେ ଗୋଟିଏ ବିନା ଲାଇସେନସ୍‌ରେ ଚାଲିଛି । କରଞ୍ଜମାଳରେ ଦୁଇଟି ଲାଇସେନସ୍ ପାଇଥିବାବେଳେ ଆହୁରି ଦୁଇଟି ବିନା ଲାଇସେନସରେ ଚାଲିଛି । ଧାମରାରେ ଗୋଟିଏ ଲାଇସେନସ୍ ପାଇଥିବାବେଳେ ଆହୁରି ଦୁଇଟି ବିନା ଲାଇସେନସ୍‌ରେ ଚାଲିଛି । ତିହିଡି ଓ ଚାନ୍ଦବାଲି ବ୍ଲକ୍‌ରେ ୪ ଜଣ ଫରେଷ୍ଟର ଏହି କାଠ ଡିପୋ ତନଖି କରିବା ପାଇଁ ୯ ଜଣ ଫରେଷ୍ଟ ଗାର୍ଡଙ୍କୁ ଧରି ବୁଲୁଥିଲେ ମଧ୍ୟ ପ୍ରକୃତ ରହସ୍ୟ ଲୁଚିଯାଉଛି । ନିଜ ମନ ଇଚ୍ଛାରେ କାଠ ସିଫ୍ଟ ବିକ୍ରି କରୁଛନ୍ତି ଡିପୋ ମାଲିକମାନେ । ଶାଳ, ଶାଗୁଆନ, ପିଆଶାଳ, ଅଶନ, ଆମ୍ବ, ଆକାଶୀ ଆଦି କାଠ ପିସ୍ ଏହି ଡିପୋରେ ଗଦା ଗଦା ରହିଥିବାବେଳେ ଲାଇସେନସନ୍‌ରେ ତାହା ଦର୍ଶାଯାଇନାହିଁ । ଯଦି ଭିଜିଲାନସ୍ ବିଭାଗ ଦ୍ୱାରା ତନଖି ହୁଅନ୍ତା ବହୁ ରହସ୍ୟ ପଦାକୁ ବାହାରନ୍ତା ।

### ରାଜ୍ୟରେ ଗତ ୨୪ ଘଂଟାରେ ୩୬୧୧ ନମୁନାର ପରୀକ୍ଷଣ

ଭୁବନେଶ୍ୱର,୭/୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟାରେ ୩୬୧୧ ନମୁନାର ପରୀକ୍ଷା କରା ଯାଇଛି । ବର୍ତମାନ ସୁଦ୍ଧା ରାଜ୍ୟରେ ୧୭୨୬୨୧ ନମୁନାର ପରୀକ୍ଷଣ କରା ଯାଇ ସରିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ କୁହା ଯାଇଛି ଯେ ବର୍ତମାନ ସୁଦ୍ଧା ରାଜ୍ୟରେ ୨୭୮୧ ଟି ମାମଲା ସାମନାକୁ ଆସିଛି । ଏଥି ମଧ୍ୟରୁ ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୬୦୪ ଜଣ ସୁସ୍ଥ ହୋଇ ସାରିଛନ୍ତି । ରାଜ୍ୟରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୧୬୩ ରହିଛି ।

### ବାଦପଲ୍ଲୀ ପଚାଂୟତର ୧୦ ଗ୍ରାମ, ଆୟତପୁର ପଚାଂୟତର ଗୋଟିଏ ଗ୍ରାମକୁ କଂଟେନମେଂଟ ଜୋନ୍ ଘୋଷଣା

### ୨୨ ଗ୍ରାମକୁ ବଫର୍ ଜୋନ୍ ଘୋଷଣା

ଗଞ୍ଜାମ,୭/୬ (ନି.ପ୍ର): ଖଲ୍ଲିକୋଟ ବ୍ଲକର ଦୁଇଟି ପଚାଂୟତର ୧୧ଟି ଗାଁକୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି । ତତସହିତ ଏହି ଦୁଇ ପଚାଂୟତ ସଂଲଗ୍ନ ୨୨ଟି ଗ୍ରାମକୁ ବଫର୍ ଜୋନ୍ ଭାବେ ଘୋଷଣା କରାଯାଇଛି । ଗତକାଲି ବାଦପଲ୍ଲୀ ପଚାଂୟତର ସଙ୍ଗରୋଧ କେନ୍ଦ୍ରରୁ ୧୨ ଜଣ କରୋନା ପଜିଟିଭ୍ ଚିହ୍ନଟ ପରେ ଏହି ପଚାଂୟତର ଘୋଡ଼ାପଡ଼ା, ଶିଆଳିପାଟ, କୁରୁମପୁର, ଗୁଣ୍ଡରିପଲ୍ଲି, ବାଦପଲ୍ଲୀ, ଠାକୁରାଣୀ ସାହି, ବାସନବାଳା, ଦେବୀଝର, ନୂଆପଲ୍ଲୀ, ଛକାସିଂ ଆଦି ୧୦ଟି ଗ୍ରାମକୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି ।

# ୩୦ କୋଟିର ବୁଲ୍‌ବୁଲ୍ ସହାୟତା ୫ ମାସ ହେଲା ବେସରକାରୀ ବ୍ୟାଙ୍କରେ

ଭଦ୍ରକ, ୭/୬ (ହି.ସ.) - ବାତ୍ୟା ବୁଲ୍‌ବୁଲ ୨୦୧୯ ନଭେମ୍ବର ୯ ତାରିଖରେ ଓଡ଼ିଶାରେ ଲ୍ୟାଣ୍ଡଫଲ କଲା । ଏହାର ପ୍ରଭାବରେ ଭଦ୍ରକ ଜିଲାର ୭ଟି ବ୍ଲକ୍‌ରେ ନାହିଁ ନଥିବା କ୍ଷତି ରଚିଲା । ବିଶେଷକରି ସମୁଦ୍ର କୂଳବର୍ତୀ ଓ ନଦୀ ନାଳ ଘେରା ତିହିଡି ଓ ଚାନ୍ଦବାଲି ବ୍ଲକ୍‌ରେ ଏହାର ତାଣ୍ଡବଲୀଳା ଅତି ବିଷମ ଥିଲା । ତେବେ ସୁଖର ଖବର ଥିଲା ମାତ୍ର ୫ ଦିନ ମଧ୍ୟରେ ଅର୍ଥାତ ନଭେମ୍ବର ୧୪ ତାରିଖରେ କେନ୍ଦ୍ରୀୟ ଅନୁଧାନକାରୀ ଦଳ ଧାମରାରେ ପହ଼୍ ଯାଇଥିଲେ । ତେଣୁ ସ୍ୱଚକ୍ଷୁରେ କ୍ଷୟକ୍ଷତିର ଦୃଶ୍ୟ ଦେଖି ତାଜୁବ ହୋଇଥିଲେ । ତିହିଡି ଓ ଚାନ୍ଦବାଲି ବ୍ଲକ୍‌ରେ ହଜାର ହଜାର ଘର ଭାଙ୍ଗିଥିଲା ଓ ଚାଷ ଜମି ଉଜୁଡି ଯାଇଥିଲା । ଖରିଫ ଧାନ ଚାଷ କଟାଯିବା ପୂର୍ବରୁ ବାତ୍ୟା ବୁଲବୁଲ ମାଡରେ ଧରାଶାୟୀ ହୋଇଥିଲା । ଏହାକୁ ଦେଖି ଭଦ୍ରକ ଜିଲାକୁ କୋଟି କୋଟି ଟଙ୍କାର ଇନ୍‌ପୁଟ କ୍ଷତି ଧାରାରେ କ୍ଷତି ପୂରଣ ମିଳିଲା । ଘରଭଙ୍ଗା କ୍ଷୟକ୍ଷତି ଗୋଟିଏ ପଟରେ ଥିବାବେଳେ ଚାଷୀଙ୍କ ଇନପୁଟ ସବସିଡି କ୍ଷତି ଅନ୍ୟପଟେ ଥିଲା । ଜିଲାର ୭ଟି ତହସିଲଦାରଙ୍କୁ ତାଲିକା ଦେଇ ଏହି କ୍ଷତିପୂରଣ ଅର୍ଥ ବିଭିନ୍ନ ବେସରକାରୀ ବ୍ୟାଙ୍କ ଯଥା ଏକ୍ସିସ, ଆଇଡିବିଆଇ ଆଦି ବ୍ୟାଙ୍କରେ ସରକାରୀ ଜମା କରିଦେଲେ । ତଥ୍ୟ ଅନୁଯାୟୀ ଚାନ୍ଦବାଲି ତହସିଲକୁ ୮ କୋଟି ୧୯ ଲକ୍ଷ ୭୨ ହଜାର ୫୨୨ ଟଙ୍କା ଚାଷ କ୍ଷତିପୂରଣ ପାଇଁ ଦିଆଯାଇଥିବାବେଳେ ଘରଭଙ୍ଗା କ୍ଷତି ପୂରଣ ପାଇଁ ୪୪ ଲକ୍ଷ ୮୭୦ ଟଙ୍କା ଦିଆଯାଇଥିଲା । ସେହିପରି ତିହିଡି ତହସିଲରେ ୧୬୦ ଟି ରାଜସ୍ୱ ଗ୍ରାମରେ ୫୦ ହଜାର ୩୨୩ ଜଣ ଚାଷୀଙ୍କ ପାଇଁ ମୋଟ ୧୧ କୋଟି ୪ ଲକ୍ଷ ୬୭ ହଜାର ୧୪୬ ଟଙ୍କା ସହାୟତା ମିଳିଲା । ଏହି ତହସିଲରେ ଜଳସେଚିତ ଜମି ପାଇଁ ୯ କୋଟି ୧୫ ଲକ୍ଷ ୩୦୫ ଏବଂ ଅଣଜଳସେଚିତ ଜମି ପାଇଁ ୧ କୋଟି ୯୬ ଲକ୍ଷ ୩୯ ହଜାର ୬୪ ଟଙ୍କା ସହାୟତା ମିଳିଛି । ସେହିପରି ବାସୁଦେବପୁର ବ୍ଲକ୍ ପାଇଁ ୧୯୩ ଟି ଗାଁ ମଧ୍ୟରୁ ୩୧ଟି ଗାଁକୁ ୬ କୋଟି ୪୧ ଲକ୍ଷ ୫୫ ହଜାର ୮୬୩ ଟଙ୍କା ମିଳିଥିବାବେଳେ ଧାମନଗର ବ୍ଲକ୍‌କୁ ୭ କୋଟି ଟଙ୍କା ମିଳିଛି । ଭଦ୍ରକ, ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକ୍‌କୁ ମୋଟ ୧୦ କୋଟି ଟଙ୍କା ମିଳିଛି । ଭଦ୍ରକ, ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକ୍‌କୁ ମୋଟ ୧୦ କୋଟି ଟଙ୍କା ମିଳିଛି । ମୋଟାମୋଟି ଭାବେ ଭଦ୍ରକ ଜିଲାକୁ ୩୦ କୋଟିରୁ ଅଧିକ ଟଙ୍କା ଚାଷ କ୍ଷତିପୂରଣ ଆସିଛି ଯେ ଏଯାଏଁ ବଂଟା ସରିନି । ବିଡମ୍ବନାର ବିଷୟ ହେଲା, ୨୦୧୯ ନଭେମ୍ବର ୯ ତାରିଖରେ ବୁଲବୁଲ୍ ବାତ୍ୟା ମାଡ କରିଥିବାବେଳେ ନଭେମ୍ବର ୧୪ରେ କେନ୍ଦ୍ରୀୟ ଦଳ ଅନୁଧାନ କଲେ ଓ ୨୦୨୦ ଫେବୃୟାରୀ ପ୍ରଥମ ସପ୍ତାହରେ କ୍ଷତିପୂରଣ ସହାୟତା ରାଶି ପହଂଚିଲା । ଫେବୃୟାରୀରୁ ଜୁନ୍ ମାସ ହେଲା ୫ ମାସ ମଧ୍ୟରେ ଏହି ସହାୟତା ରାଶି କ୍ଷତିଗ୍ରସ୍ତ ଚାଷୀଙ୍କ ନିକଟରେ ପହଂଚି ପାରିଲା ନାହିଁ । ସରକାରୀ ନିୟମ ଅନୁଯାୟୀ ବାତ୍ୟାରେ ଜଳସେଚିତ ଜମି ପାଇଁ ଏକର ପିଛା ୫୪୦୦ ଟଙ୍କା ମିଳୁଥିବାବେଳେ ଅଣଜଳସେଚିତ ଜମି ଏକର ପିଛା ୨୭୨୦ ଟଙ୍କା ସହାୟତା ମିଳିଛି । ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ଚିଠି ନଂ ୪୨୧୬/୨୦୨୦ ଫେବୃୟାରୀ ୧୨ ତାରିଖରେ ଏହିସବୁ ସହାୟତା ରାଶି ଜିଲାର ୭ଟି ତହସିଲଦାରଙ୍କ ନିକଟକୁ ଯାଇଛି । କେଉଁ ତହସିଲ ବଂଟା ଆରମ୍ଭ କରିନଥିବାବେଳେ କିଏ ୧୫ ଲକ୍ଷ ତ' କିଏ ୩୫ ଲକ୍ଷ ଯାଏଁ ଟଙ୍କା ବାଂଟିଛନ୍ତି । କୋଟି କୋଟି ଟଙ୍କା ବେସରକାରୀ ବ୍ୟାଙ୍କ ଆକାଉ ରେ ପଡିରହିଥିବାବେଳେ ଏହାର ସୁଧ ଅର୍ଥ କିଏ ଖାଉଛି ତାହାର ତଦନ୍ତ ଜରୁରୀ ହୋଇପଡିଛି । ବେସରକାରୀ ବ୍ୟାଙ୍କ ସାଢେ ୩ ପ୍ରତିଶତ ସୁଧ ଆକାରରେ ଏହି ୫ ମାସ ମଧ୍ୟରେ ୪ ଲକ୍ଷରୁ ଅଧିକ ଟଙ୍କାର ସୁଧ ଏହି ଟଙ୍କା ପାଇଁ ଦେବା କଥା । ଏହି ସୁଧ ଆଦାୟ ହୋଇଛି କି ଓ ସରକାରଙ୍କ ଖାତାକୁ ଯାଇଛି କି (?) ଯଦି ଯାଇଛି, ତାହା କେଉଁ ଯୋଜନାରେ ଖର୍ଚ୍ଚ ହୋଇଛି, ତାହା ତଦନ୍ତ ସାପେକ୍ଷ ହୋଇଛି । କାରଣ ୨୦୨୦ ଫେବୃୟାରୀ ପ୍ରଥମ ସପ୍ତାହରେ ଆସିଥିବା କୋଟି କୋଟି ଟଙ୍କା କାହିଁକି ଅବ । ରହିଛି, ତାହାର ତଥ୍ୟ ଜିଲାପାଳ ଦେବାକୁ ନାରାଜ । ସାଧାରଣ ଚାଷୀ ପ୍ରତିଦିନ ତହସିଲକୁ ଯାଇ ଫେରୁଥିବାବେଳେ ଗଣମାଧମକୁ ବି ମାସେ ହେଲା ଅନ୍ଧାରରେ ରଖିଛନ୍ତି ପ୍ରଶାସନ । ବୁଲବୁଲ ଯାଇ ଅମ୍ଫନ ଆସିଲ, ଏପରିକି ୨୦୧୯ ଖରିଫର କ୍ଷତି ଚାଷୀ ପାଇନଥିବାବେଳେ ୨୦୨୦ ଖରିଫ ଚାଷ କରିବାକୁ ଚାଷୀ ଅ । ଭିଡିଲେଣି । କରୋନା ପାଇଁ ଚାଷୀ ଆନ୍ଦୋଳନ ହେଉନାହିଁ । ଲକଡାଉନ୍ ଉଠିଗଲେ ଚାଷୀଙ୍କୁ କେହି ରୋକିପାରିବେ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ମାସୁମ ଗୃପ ପକ୍ଷରୁ ସଂଗରୋଧ ଗୃହକୁ ସାନିଟାଇଜେସନ

ଧର୍ମଶାଳା,୬ଜୁନ(ହି.ସ.) - ଦେଶରେ କେରୋନା ସଂକ୍ରମଣକୁ ନେଇ ଥମିବାର ନାଁ ନେଉ ନାହିଁ । ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢିବଢି ଚାଲିଛି । ସେହିପରି ରାଜ୍ୟରେ ମଧ୍ୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି । ଯାହାକୁ ନେଇ ଯାଜପୁର ଜିଲାକୁ ରେଡ୍ ଜୋନରେ ସାମିଲ କରାଯାଇଛି । ଏଥି ସହିତ ପ୍ରବାସୀ ଓଡିଆମାନଙ୍କ ସଂଖ୍ୟା ବଢି ଚାଲିଛି । ସେମାନଙ୍କୁ ନିଜ ନିଜ ଅଂଚଳର ସଂଗେରୋଧ ଗୃହରେ ରହିବା ପାଇଁ ସରକାରଙ୍କ ନିୟମ ରହିଛି । ହେଲେ ଏହି ସଂଗରୋଧ ଗୃହମାନଙ୍କୁ ଠିକ୍ ସମୟରେ ସାନିଟାଇଜେସନ କରାଯାଉ ନ ଥିବା ବହୁ ସମୟରେ ଅଭିଯୋଗ ହୋଇଛି । ଏହି ସାନିଟାଇଜେସନ କରିବା ପାଇଁ କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଗେଇ ଆସିଛନ୍ତି । ଯାଜପୁର ବ୍ଲକ ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଝାଲପଡା ପଂଚାୟତରେ ବିଭିନ୍ନ ସ୍ଥାନକୁ ମାସୁମ ଗୃପ ପକ୍ଷରୁ ସାନିଟାଇଜେସନ କରାଯାଉଥିବା ଦେଖିବାକୁ ମିଳିଛି । ଗୃପର ଅଧ୍ୟକ୍ଷ ମଂଟୁ ଦାସଙ୍କ ନେତୃତ୍ୱରେ ସାନବାଗ ସାହି ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ମା ଜାଡେଇ ବିଦ୍ୟାଳୟ ଓ ଯୁବ କେନ୍ଦ୍ର ପରିସରକୁ ସାନିଟାଇଜେସନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମାସୁମ ଗୃପର ଚନ୍ଦ୍ରମଣୀ ବିଶ୍ୱାଳ, ପ୍ରକାଶ ଚନ୍ଦ୍ର ସାହୁ, କଳିଙ୍ଗ ବିଶ୍ୱାଳ, ମୋହନ ଦାଶ ଓ ଭିକାରୀ ଚରଣ ଦାଶ ପ୍ରମୁଖ ସହଯୋଗ କରିଥିଲେ । ମାସୁମ ଗୃପର ଏହି କାର୍ଯ୍ୟକ୍ରମକୁ ଝାଲପଡା ସରପଂଚ ନିର୍ମଳ ଚନ୍ଦ୍ର ସାମଲ ଉଚ୍ଚ ପ୍ରଶଂସା କରିବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଡାକ୍ତରଖାନାର ଦୁଇ କର୍ମଚାରୀ, ୬ ଜେଲ୍ ଅନ୍ତେବାସୀଙ୍କ ସମେତ ୧୮ କରୋନା ପଜିଟିଭ୍ ଚିହ୍ନଟ

## ସୁନ୍ଦରଗଡ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୯୯କୁ ବୃଦ୍ଧି

ରାଉରକେଲା,୭/୬ (ନି.ପ୍ର): ସୁନ୍ଦରଗଡ ଜିଲ୍ଲାରେ ଆଜି ୧୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏମାନଙ୍କୁ ମିଶାଇ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୯୯ରେ ପହଁଚିଛି । ସୁନ୍ଦରଗଡ ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ ଏନେଇ ସୂଚନା ଦେଇ କହିଛନ୍ତି ଯେ, ଆଜି ୧୮ ଜଣଙ୍କ ନମୁନା ପଜିଟିଭ ଆସିଛି । ସେଥିରେ ୬ ଜଣ ଜେଲ୍ କ୍ୱାରେଂଟାଇନ ସେଂଟରର ହୋଇଥିବା ବେଳେ, ୨ ଜଣ ସରକାରୀ ଡାକ୍ତରଖାନାର କର୍ମଚାରୀ ଓ ଅନ୍ୟମାନେ ବିଭିନ୍ନ କ୍ୱାରେଂଟାଇନ ସେଂଟରର । ଏମାନେ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ଅନ୍ୟାନ୍ୟ ରାଜ୍ୟ ଫେରନ୍ତା ବୋଲି ସୂଚନା ଦିଆଯାଇଛି । ତେବେ ସରକାରୀ ଡାକ୍ତରଖାନା ରାଉରକେଲାର ୨ କର୍ମଚାରୀ କରୋନା ଆକ୍ରାନ୍ତ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ନୂଆ ଚିହ୍ନଟ ହୋଇଥିବା ୧୮ ଜଣଙ୍କ ମଧ୍ୟରେ ୧୫ ପୁରୁଷ ଓ ୩ ମହିଳା ରହିଛନ୍ତି ବୋଲି ଜିଲ୍ଲାପାଳ କହିଛନ୍ତି । ତେବେ ଇତିମଧ୍ୟରେ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୯୯ରେ ପହଁଚିଥିବା ବେଳେ ପାଖା ପାଖି ୪୦ ଜଣ ସୁସ୍ଥ ହୋଇସାରିଥିବା ଖବର ମିଳିଛି । କିନ୍ତୁ, ସେ ଯାହା ହେଉନା କାହିଁକି ପ୍ରଥମେ ବିଶ୍ରା ପରେ ରାଉରକେଲା ଓ ବର୍ତମାନ ଡାକ୍ତରଖାନାରୁ ଜେଲ୍ ଯାଏ କରୋନା ତା'ର କାୟା ବିସ୍ତାର କରିବାରେ ଲାଗିଛି । କିନ୍ତୁ ବାସ୍ତବ କ୍ଷେତ୍ରରେ ସଚେତନତା ବଜାର ଘାଟ, ଦୋକାନ ବଜାର ଆଦିରେ ଦେଖାଯାଉନାହିଁ । ଗ୍ୟାରେଜ୍ ଠାରୁ ଆରମ୍ଭ କରି ସାଧାରଣ ଦୋକାନରେ କାମ କରୁଥିବା କର୍ମଚାରୀ ମାସ୍କ ବ୍ୟବହାର କରୁନଥିବା ଦେଖା ଯାଉଛି । ଏପରିକି ସରକାରୀ ଅଫିସ ପାଖା ପାଖି ଥିବା ଦୋକାନ ଗୁଡିକରେ ମଧ ଲୋକେ ମାସ୍କ ବ୍ୟବହାର କରୁନାହାନ୍ତି । ଏନେଇ ସରକାର ଅନେକ ନିୟମ କରୁଛନ୍ତି, ହେଲେ ଏହି ନିୟମମକୁ କାର୍ଯ୍ୟକାରୀ କରିବାଲାଗି ବ୍ୟବସ୍ଥା ନଥିବାରୁ ଏହାକୁ କେହିମାନିବାକୁ ନାରାଜ । ବର୍ତମାନ ଜିଲ୍ଲାରେ ମାତ୍ର ୧୦ ପ୍ରତିଶତ ଲୋକେ ଏହି ନିୟମକୁ ମାନୁ ଥିବା ବେଳେ ଅନ୍ୟମାନେ ଏହାକୁ ଶୁଣିବାକୁ ଭଲ ପାଉନାହାନ୍ତି । ଏଭଳି ସ୍ଥିତି ଲାଗି ରହିଲେ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢିବା ସହ ଦୁଇ ଦିନିଆ ସଟ୍ ଡାଉନରେ ଜିଲ୍ଲା ଖୁବ୍ ଶିଘ୍ର ସାମିଲ୍ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

# ନିର୍ମାଣ ଶ୍ରମିକ ମିଳୁନାହାଁନ୍ତି : ଆର୍ଥିକ ସହାୟତା ବଂଟା ନହୋଇ ପଡିରହିଛି

ଭଦ୍ରକ, ୭/୬ (ହି.ସ.) - ଭଦ୍ରକ ଜିଲାରେ ନିର୍ମାଣ ଶ୍ରମିକ ଆର୍ଥିକ ସହାୟତା ନେବାକୁ ଶ୍ରମିକ ମିଳୁନାହାଁନ୍ତି । ଫଳରେ ଜିଲାରେ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ନିର୍ମାଣ ଶ୍ରମିକ ଆର୍ଥିକ ସହାୟତା ବଂଟା ନହୋଇ ପଡିରହିଛି । ପଂଜିକୃତ ଶ୍ରମିକଙ୍କ ଠିକଣାରେ ଟଙ୍କା ଦେବାକୁ ସେମାନଙ୍କ ଗାଁରେ ପହଂଚିବା ବେଳକୁ କିଏ ଗାଁ ଛାଡି ପଳାଇଛି ତ କାହାର ଠିକଣା ମିଳୁନାହିଁ । ଫଳରେ ଟଙ୍କା ମଂଜୁର ହେବାର ୨ ମାସ ପରେ ମଧ ଶ୍ରମିକ କଲ୍ୟାଣ ସହାୟତା ଟଙ୍କା ବଂଟା ସରୁନାହିଁ । ତେବେ ଚଳିତମାସ ଶେଷ ସୁଦ୍ଧା ଏହି ଲୋକଙ୍କୁ ଠାବ କରାଯାଇ ନପାରିଲେ ଆର୍ଥିକ ସହାୟତା ରାଶି ସେମାନଙ୍କ ବ୍ୟାଙ୍କ ଜମାଖାତାକୁ ପଠାଇ ଦିଆଯିବ ବୋଲି କର୍ତୃପକ୍ଷ କହିଛନ୍ତି । ସରକାରୀ ଅର୍ଥ ନେବାକୁ ଲୋକେ ଲାଇନ୍ ଲଗାଉଥିବା ବେଳେ ଟଙ୍କା ଦେବାକୁ ହିତାଧିକାରୀ ଖୋଜାଯିବା ଏବଂ ମାସ ମାସ ଧରି ସେମାନଙ୍କୁ ଠାବ କରାଯାଇନପାରିବା ଘଟଣାରେ ଏକ ବଡ ଧରଣର ଦୁର୍ନୀତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି । କାରଣ ଜିଲାରେ ବାର୍ଷିକ ସର୍ବାଧିକ ପ୍ରାୟ ୫୦ ରୁ ୬୦ ହଜାର ଚାଷୀ ସରକାରଙ୍କୁ ଧାନ ବିକ୍ରି କରିବାକୁ ପଂଜିକରଣ କରୁଥିବାବେଳେ ଜିଲାରେ ସେହି ଧରଣର କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ନଥାଇ ମଧ ଜିଲାରେ ନିର୍ମାଣ ଶ୍ରମିକ ପଂଜିକରଣ ସଂଖ୍ୟା ୮୫ ହଜାରକୁ ଅତିକ୍ରମ କରିଯିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ଜିଲାରେ ପଂଜିକୃତ ପ୍ରାୟ ୮୫ ହଜାର ନିର୍ମାଣ ଶ୍ରମିକଙ୍କ ମଧ୍ୟରୁ ଯୋଗ୍ୟତା ଭିତିରେ ୬୮ ହଜାର ୯୮୦ ଜଣ ନିର୍ମାଣ ଶ୍ରମିକଙ୍କୁ ମୁଣ୍ଡପିଛା ୧ ହଜାର ୫ ଶହ ଟଙ୍କା ହିସାବରେ ୧୦ କୋଟି ୩୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ୟାକେଜ ଘୋଷଣା କରାଯାଇଛି । ଗତ ଅପ୍ରେଲ ୧୦ ତାରିଖ ଠାରୁ ଜିଲାରେ ଏହି ସହାୟତା ରାଶି ବଂଟନ ଆରମ୍ଭ ହୋଇଥିଲା । ବ୍ଲକ୍ ଏବଂ ପଂଚାୟତ ସ୍ତରରେ ଚିହ୍ନଟ ହିତାଧିକାରୀଙ୍କୁ ସରକାରୀ ଲୋକଙ୍କ ଉପସ୍ଥିତିରେ ଏହି ସହାୟତା ବ ନ ଆରମ୍ଭ ହୋଇଥିଲା । ଜିଲା ଶ୍ରମ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଚଳିତମାସ ୨ ତାରିଖ ସୁଦ୍ଧା ୬୦ ହଜାର ଶ୍ରମିକଙ୍କୁ ପ୍ରାୟ ୯ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିବାବେଳେ ଆହୁରି ପ୍ରାୟ ୯ ହଜାର ନିର୍ମାଣ ଶ୍ରମିକଙ୍କୁ ସେମାନଙ୍କ ପ୍ରାପ୍ୟ ଯୋଗାଇ ଦିଆଯାଇନାହିଁ । କର୍ତୃପକ୍ଷଙ୍କ କହିବା ଅନୁଯାୟୀ ଏହି ଲୋକମାନେ ସେମାନଙ୍କ ଗାଁରେ ନଥିବାରୁ ସେମାନଙ୍କୁ ସେମାନଙ୍କ ପ୍ରାପ୍ୟ ଯୋଗାଇ ଦିଆଯାଇପାରିନାହିଁ । ତେବେ ଅସଲ କଥା ହେଲା ଏହି ମାମଲାରେ ବହୁ ଜାଲ ପରିଚୟଧାରୀଙ୍କ ସଂପୃକ୍ତି ଯୋଗୁଁ ଏହି ଧରଣର ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି । ଯାହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ଘଟଣାର ସ୍ୱରୂପ ପଦାକୁ ଆସିବ ବୋଲି ଚର୍ଚ୍ଚା ହେଉଛି ।

# ଚାଷୀମୁଲିଆ ଆଦିବାସୀ ସଂଘର ନେତା ଗଣନାଥ ପାତ୍ରଙ୍କ ପରଲୋକ

ରାଉରକେଲା,୭/୬ (ନି.ପ୍ର): ଚାଷୀମୁଲିଆ ଆଦିବାସୀ ସଂଘର ବିଶିଷ୍ଟ ନେତା ଗଣନାଥ ପାତ୍ରଙ୍କର ଗତକାଲି ଅପରାହ୍ନରେ ତାଙ୍କର ରାଉରକେଲାର ସାରନଗରୀ ସ୍ଥିତ ଅବିନାଶ ଟୋଲାରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ହୋଇଥିଲା । ସେ ବାଲେଶ୍ୱର ଜିଲ୍ଲାର ବାସୀନ୍ଦା ବୋଲି ଜଣାପଡିଛି । ଏକଦା କୋରାପୁଟରେ ଏକ କଲେଜରେ ସେ କେମେଷ୍ଟ୍ରି ବିଭାଗର ଅଧ୍ୟାପକ ଥିବା ବେଳେ ସେ ଚାଷି ମୁଲିଆ ମାନଙ୍କ ସଂଗଠନରେ କାମ କରିବା ସହ ସରକାରଙ୍କ ବିରୋଧରେ କାମ କରିବା ଆରମ୍ଭ କରିଥିଲେ । ହଠାତ୍ ଦିନେ ସେ କଲେଜରୁ ଉଭାନ ହୋଇଯିବା ପରେ ଖୋଲା ଖୋଲି ସରକାରଙ୍କ ବିରୋଧରେ ଆନ୍ଦୋଳନ ଚଳାଇଥିଲେ । ସେ ସମୟରେ ତାଙ୍କୁ ଅନେକ ଥର ପୁଲିସ ଧରିବା ଲାଗି ଚେଷ୍ଟା କରି ମଧ ଫେଲ୍ ମାରିଥିଲା । ଅନେକ ଦିନ ପରେ ସେ ଚୌଦ୍ୱାର ଜେଲରେ ରହି ୨୦୧୨ ମସିହାରେ ବାହାରି ସିଧା ନିଜ ପରିବାର ରହୁଥିବା ରାଉରକେଲା ଘରକୁ ଫେରିଥିଲେ । ଗତ ୨ ବର୍ଷଧରି ସେ ଅସୁସ୍ଥ ରହୁଥିଲେ । ତାଙ୍କ ପତ୍ନୀ ସେଫାଳି ପାତ୍ର ଜଣେ ସରକାରୀ ଶିକ୍ଷୟତ୍ରୀ ଥିଲେ ଓ ତାଙ୍କର ଗୋଟିଏ ପୁଅ ଓ ୨ଟି ଝିଅ ଥିବା ଜଣାପଡିଛି । ବର୍ତମାନ ପୁଅ ଓ ସାନ ଝିଅ ବାହାରେ ଥିବା ବେଳେ ବଡଝିଅ ରୋଜାଲିନ ରାଉରକେଲା ଆସି ଲକ୍ ଡାଉନ ବେଳେ ରହିଯାଇଥିବାରୁ ସେ ତାଙ୍କ ପିତାଙ୍କୁ ବେଦବ୍ୟାସରେ ମୁଖାଗ୍ନି ଦେଇଥିବା ଜଣାପଡିଛି । ଖବର ପାଇ ଆଜି ସହରର ଅନେକ ଲଢୁଆ ନେତା ତାଙ୍କ ପରିବାର ଲୋକଙ୍କ ପ୍ରତି ସମବେଦନା ଜଣାଇଥିବା ଜଣାପଡିଛି ।

# ‘କୋଭିଡ୍ ଆନ୍ତର୍ଜାତିକ ଫିଲ୍ମ ଫେଷ୍ଟିଭାଲ୍’ରେ କେଶୁ ଦାସଙ୍କ ନିର୍ଦ୍ଦେଶିତ ଡକ୍ୟୁମେ ।ରୀ ପୁରସ୍କୃତ



ବାଲେଶ୍ୱର,୭।୬ (ନି.ପ୍ର): ବାଲେଶ୍ୱରର ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ସାମାଜିକ କର୍ମୀ କେଶୁ ଦାସ କୋଭିଡ୍-୧୯ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ-୨୦୨୦ (ସିଆଇଏଫ୍ଏଫ୍)ରେ ଶ୍ରେଷ୍ଠ ଡକ୍ୟୁମେ ।ରୀ ଫିଲ୍ମ ନିର୍ଦ୍ଦେଶକ ଭାବେ ପୁରସ୍କୃତ ହେବା ଜିଲ୍ଲା ପାଇଁ ଗୌରବର ବିଷୟ ହୋଇଛି । ମଇ ୨୩ ରୁ ଜୁନ୍ ୫ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଜୁମ୍ ପ୍ଲାଟ୍‌ଫର୍ମରେ ଆୟୋଜିତ ହୋଇଥିବା କୋଭିଡ୍-୧୯ ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବ ଅବସରରେ କେଶୁଦାସଙ୍କ ନିର୍ଦ୍ଦେଶିତ ‘କୋଭିଡ୍-୧୯ : ଦ ସ୍କ୍ରିମିଂ ସାନ୍’କୁ ଶ୍ରେଷ୍ଠ ଡକ୍ୟୁ-ଫିଲ୍ମ ଭାବେ ଚୟନ କରାଯାଇଛି । ବାଲେଶ୍ୱର ଜିଲ୍ଲାର ନୀଳଗିରି ଉପଖଣ୍ଡ ମହିଷାପଟା ପଂଚାୟତ ଅନ୍ତର୍ଗତ ଶାଳବଣୀ ଗ୍ରାମରେ ବସବାସ କରୁଥିବା ଆଦିବାସୀ ଭୂମିଜ ସଂପ୍ରଦାୟଙ୍କ ଜୀବନ ଓ ଜୀବିକା ଉପରେ ଆଧାରିତ ଏହି ପ୍ରାମାଣିକ ଚିତ୍ରଟି ବେଶ ଉଚ୍ଚକୋଟିର ହୋଇଛି । ‘ବଣଧୂଳିର ଫୁଲ’ ନାମକ ସ୍ଥାନୀୟ ଏକ ଅନୁଷ୍ଠାନ ଦ୍ୱାରା ପ୍ରଯୋଜିତ ଏବଂ କେଶୁଦାସଙ୍କ ନିର୍ଦ୍ଦେଶିତ ଏହି ତଥ୍ୟ ଭି ିକ ଚଳଚ୍ଚିତ୍ରଟି ଶ୍ରେଷ୍ଠ ଡକ୍ୟୁ ଫିଲ୍ମ ବର୍ଗରେ ପୁରସ୍କାର ପାଇଥିବା ଯୋଗୁଁ ଶ୍ରୀ ଦାସଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି । ଏହି ସଫଳତା ପାଇଁ ସେ ‘ବଣଧୂଳିର ଫୁଲ’ର ଅଧ୍ୟକ୍ଷ ବିଜୟ କୁମାର ଆଚାର୍ଯ୍ୟ ଏବଂ ‘ଗୁଞ୍ଜ୍’ର ସୁରେଶ କୁମାରଙ୍କୁ କୃତଜ୍ଞତା ଜଣାଇଛନ୍ତି । କେଶୁଦାସ ବିଗତ ତିନି ବର୍ଷ ଧରି ଆଦିବାସୀ କଳାସଂସ୍କୃତି ବିକାଶ ଦିଗରେ ନିରନ୍ତର କାର୍ଯ୍ୟ କରିବା ସହ ସେମାନଙ୍କ ଜୀବନଚର୍ଯ୍ୟା ଉପରେ ଗବେଷଣା ଜାରି ରଖିଥିବାରୁ ଏହି ପୁରସ୍କାର ଶ୍ରୀଦାସଙ୍କୁ ଅଧିକ ଉତ୍ସାହିତ କରିବ ବୋଲି ଅଧ୍ୟକ୍ଷ ଶ୍ରୀ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି । ଫିଲ୍ମ ଫେଷ୍ଟିଭାଲ୍‌ରେ ରାକେଶ ମୋଇରଙ୍ଗଥେମ୍ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ଗ୍ରହଣ କରିଥିବା ବେଳେ ବିଦେଶୀ କାଟାଗୋରୀର ଚଳଚ୍ଚିତ୍ର ‘ସି +’କୁ ଗ୍ଲୋବାଲ୍ ଇକୋ ପାଇଁ ‘ସ୍ୱର୍ଣ୍ଣ ଅଶୋକା ଗୋଲ୍ଡ୍’ ପ୍ରଦାନ କରା ଯାଇଛି । ଶ୍ରେଷ୍ଠ ଡେବ୍ୟୁ ନିର୍ଦ୍ଦେଶକ ପୁରସ୍କାର ପାଇଛନ୍ତି ଅନୁଷ୍କା ପ୍ରିୟଦର୍ଶିନୀ । ଏହି ‘ସିଫ୍’ ଆୟୋଜନ ଦ୍ୱାରା ଚଳଚ୍ଚିତ୍ର ଏବଂ ଡକ୍ୟୁମେ ।ରୀ ନିର୍ମାଣ ମାଧ୍ୟମରେ ବିଶ୍ୱ ସମୁଦାୟଙ୍କ ମଧ୍ୟରେ ଏକ ମିତ୍ରପଣ ସୃଷ୍ଟି କରିବା ସହିତ ପାରସ୍ପରିକ ସହଯୋଗକୁ ପ୍ରୋତ୍ସାହିତ କରାଯାଇପାରିବ ବୋଲି ଫେଷ୍ଟିଭାଲ୍ ମୁଖ୍ୟ ଜଗନ୍ନାଥ ପାଣି ଓ ଅଧ୍ୟକ୍ଷ ସତ୍ୟବ୍ରତ ଜେନା ଗଣମାଧ୍ୟମକୁ କହିଛନ୍ତି । ସେମାନେ ଆହୁରି କହିଛନ୍ତି ସିଆଇଏଫ୍ଏଫ୍ କେବଳ ଏକ ଉତ୍ସବ ନୁହେଁ, ଏହା ଆଗାମୀ ଦିନରେ ଚଳଚ୍ଚିତ୍ର ପ୍ରଶଂସକ ଏବଂ ଚଳଚ୍ଚିତ୍ର ଦର୍ଶକଙ୍କ ସହ ବିଶ୍ୱକୁ ଯୋଡ଼ିବାର ଅବସର ନିଶ୍ଚିତ ସୃଷ୍ଟି କରିବ । ଜୁମ୍ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ମାଧ୍ୟମରେ ଏହା ଏକ ପ ଦିବସୀୟ ଇଭେ ଥିଲା, ଯେଉଁଠାରେ ୧୦୩ଟି ଭିଡ଼ିଓ ଏବଂ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ ହୋଇଥିଲା । ଯାହାକୁ ବୈଷୟିକ ଟିମ୍ ପି.ଶ୍ରୀନିବାସ ରାଓ, ମହମ୍ମଦ ଜୁନୈଦ୍ ସାଲେହିଁ ଏବଂ କିରଣ ପଂଜାବୀ ପ୍ରମୁଖ ପରିଚାଳନା କରିଥିଲେ । ଏହି ଆନ୍ତର୍ଜାତିକ ଉତ୍ସବରେ ଭାରତ, ଇରାନ, ଆଫଗାନିସ୍ତାନ, ଫ୍ରାନ୍ସ, ପ ୁଗାଲ, ଇଟାଲି, ଆମେରିକା ଏବଂ କଙ୍ଗୋ ଭଳି ଦେଶମାନେ ଅଂଶ ଗ୍ରହଣ କରିଥିବା ବେଳେ ଦିନକୁ ଦିନ ଲକ୍‌ଡାଉନ୍ ସହିତ ସଂଗ୍ରାମ କରିବା ଏବଂ ସମଗ୍ର ବିଶ୍ୱ କରୋନା ମହାମାରୀ ବିପକ୍ଷରେ ଲଢ଼ିବାର ଏକ ସକାରାତ୍ମକ ବା ା ଦିଆ ଯାଇଥିଲା ସମଗ୍ର ବିଶ୍ୱକୁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ମଧ୍ୟ ପ୍ରଦେଶରେ ୪୦୦ ...

୨୬୮, ଖରଗୋନରେ ୧୮୪, ଧାର ରେ ୧୨୮, ଗ୍ୱାଲିୟରରେ ୧୮୬, ନୀମଚରେ ୩୧୬, ମନ୍ଦସୌରରେ ୯୪, ସାଗରରେ ୨୨୩, ମୁରୋନାରେ ୧୦୭, ଦେୱାସରେ ୧୨୨, ରାୟସେନରେ ୬୯, ଭିଣ୍ଡରେ୮୪, ବଡ଼ୱାନୀରେ ୫୪, ହୋସଙ୍ଗାବଦାରେ ୩୭, ରତଲାମରେ ୫୧, ରୀୱାରେ ୩୬, ବିଦିଶାରେ ୩୭, ବୈତୁଲରେ ୩୫, ସତନାରେ ୨୨, ଛତରପୁରରେ ୩୪, ଡିଣ୍ଡୋରୀରେ ୨୯, ଦମୋହରେ ୨୬, ଆଗରମାଲୱରେ ୧୪, ଝାବୁଆରେ ୧୩, ଅଶୋକନଗରରେ ୧୩, ସାଜାପୁରରେ ୩୧, ସିଦ୍ଧିରେ ୧୭, ସିଂଗରୋଲିରେ ୧୨, ଦତିଆରେ ୧୧, ଶହଡୋଲରେ ୧୩, ବାଲାଘାଟରେ ୭, ସୁପୁରରେ ୨୭, ଶିବପୁରୀରେ ୧୬, ଟିକମଗଡ଼ରେ ୧୫, ଛିନ୍ଦୱାଡ଼ାରେ ୧୬, ନରସିଂହପୁରରେ ୧୭, ସିହୋରରେ ୧୧, ଉମରିଆରେ ୧୦, ପନ୍ନାରେ ୨୦, ଅଲିରାଜପୁରରେ ୦୩, ଅନୁପୁରରେ ୨୩, ହରଦାରେ ୩, ରାଜଗଡ଼ରେ ୨୭, ଗୁନାରେ ୭, ମଂଡଲାରେ ୫, ସିବନୀରେ ୨ ଏବଂ କଟନୀରେ ୩ ରୋଗୀ ସାମିଲ ହୋଇଛନ୍ତି । ଇନ୍ଦୋରରେ ତିନିଜଣଙ୍କ ମୃତ୍ୟୁ ପରେ ରାଜ୍ୟର କରୋନାରେ ମୃତ୍ୟୁବରଣ କରିଥିବା ସଂଖ୍ୟା ୪୦୨ ହୋଇଛି । ମୃତକଙ୍କ ମଧ୍ୟରେ ସବୁଠାରୁ ଅଧିକ ଇନ୍ଦୋରରେ ୧୫୬, ଭୋପାଳରେ ୬୧, ଉଜ୍ଜୟିନିରେ ୬୨, ବୁରହାନପୁରରେ ୧୭, ଖଣ୍ଡୱାରେ ୧୫, ଜବଲପୁରରେ ୧୦, ଖରଗୋନରେ ୧୩, ଗ୍ୱାଲିୟରରେ ୨, ଧାର ରେ ୪, ମନ୍ଦସୋରରେ ୮, ନୀମଚ ରେ ୫, ସାଗରରେ ୧୦, ଦେବାସରେ ୯, ରାୟସେନରେ ୩, ହୋସଙ୍ଗାବାଦରେ ୩, ସତନା ରେ ୨, ଆଗର ମାଲୱାରେ ୧, ଝାବୁଆରେ ୧, ଅଶୋକ ନଗରରେ ୧, ସାଜାପୁରରେ ୧, ଦତିଆରେ ୧, ଛିନ୍ଦୱାଡ଼ାରେ ୧, ସିହୋରରେ ୨, ଉମରିଆରେ ୧, ରତଲାମରେ ୪, ବଡ଼ବାନୀରେ ୧, ମୁରେନାରେ ୧, ରାଜଗଡ଼ରେ ୩, ସୋପୁରରେ ୨, ଟିମକଗଡ଼ରେ ୧ ଏବଂ ମଣ୍ଡାଳାରେ ଜଣେ ବ୍ୟକ୍ତି ସାମିଲ ଅଛନ୍ତି । ରାଜ୍ୟରେ ଏବେ ୬୧୦୮ ରୋଗୀ କରୋନାରୁ ଭଲ ହୋଇଛନ୍ତି । ଏବେ ରାଜ୍ୟରେ ସକ୍ରୀୟ ସଂକ୍ରମଣ ୨୮୧୯ ରହିଛି ।

### ‘ବନ୍ଦେ ଉତ୍କଳ ଜନନୀ’କୁ....

ବିଦ୍ୟାଳୟ, ମହାବିଦ୍ୟାଳୟ, ଅନ୍ୟାନ୍ୟ ସଭାସମିତି ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୃଷ୍ଠ ସଙ୍ଗୀତ କିମ୍ବା ବାଦ୍ୟଯନ୍ତ୍ର ସଙ୍ଗତ ସହିତ ଏହାକୁ ପରିବେଷଣ/ ଗାନ କରାଯିବ ।ଉଦ୍ଘାଟନୀ, ଉଦ୍ୟାପନୀ ଓ ଉଦ୍‌ବୋଧନୀ ସଙ୍ଗୀତ ଭାବରେ ଏହା ଗାନ କରାଯିବା ସମୟରେ ସମ୍ମାନ ପ୍ରଦର୍ଶନ ପୂର୍ବକ ଉପସ୍ଥିତ ସମସ୍ତେ ସଙ୍ଗୀତ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦଣ୍ଡାୟମାନ ରହିବେ । ମାତ୍ର ବୟସ୍କ, ଅସୁସ୍ଥ, ଭିନ୍ନକ୍ଷମ, ଗର୍ଭବତୀ ମହିଳା ଯେଉଁମାନେ ନିଜର ଉପରୋକ୍ତ ଅକ୍ଷମତା କାରଣରୁ ଦଣ୍ଡାୟମାନ ହେବାରେ ଅସୁବିଧା ଅନୁଭବ କରୁଥିବେ ସେମାନେ ଏହି ସଙ୍ଗୀତ ପରିବେଷଣ/ ଗାନ ସମୟରେ ନିଜ ସ୍ଥାନରେ ନମ୍ର ଭାବରେ ବସି ରହି ଏଥିପ୍ରତି ସମ୍ମାନ ପ୍ରଦର୍ଶନ କରିପାରିବେ ।ଶିଶୁମାନଙ୍କୁ ମଧ ଏହି ସଙ୍ଗୀତ ପରିବେଷଣ / ଗାନ ସମୟରେ ଦଣ୍ଡାୟମାନ ରହିବାରୁ ଅବ୍ୟାହତି ଦିଆଯିବ ।ଏହିସଙ୍ଗୀତପୋଲିସ୍ ବ୍ୟାଣ୍ଡ, ବଂଶୀ, ସିତାର ଭଳି ବିଭିନ୍ନ ବାଦ୍ୟ ଯନ୍ତ୍ର ମାଧ୍ୟମରେ ମଧ ପରିବେଷଣ କରାଯିବ । ଏହା ବ୍ୟତୀତ ଏହି ସଙ୍ଗୀତର ପ୍ରଚ୍ଚର ପ୍ରସାର ତଥା ଅଭିବୃଦ୍ଧି ନିମନ୍ତେ ଏହାର ସୃଜନାତ୍ମକ ପରିବେଷଣ ଉପରେ କୌଣସି କଟକଣା ରହିବ ନାହିଁ । ବିଦ୍ୟାଳୟ ଓ ମହାବିଦ୍ୟାଳୟ ପାଠ୍ୟକ୍ରମରେ ଏହି ସଙ୍ଗୀତକୁ ଅନ୍ତର୍ଭୁକ୍ତ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି । ଉଲ୍ଲେଖ୍ୟଯୋଗ୍ୟ ଯେ କୋଭିଡ୍ ଯୋଦ୍ଧାଙ୍କ ତ୍ୟାଗକୁ ସମ୍ମାନ ଜଣାଇବା ସହ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିବେଦନକ୍ରମେ ଗତ ମଇ ୩୦ ତାରିଖ ସନ୍ଧ୍ୟା ୫ ଘଟିକା ୩୦ ମିନିଟ୍ ସମୟରେ ସମଗ୍ର ଓଡିଆଜାତି ସମ୍ପୂର୍ଣ୍ଣ ‘ବନ୍ଦେ ଉତ୍କଳ ଜନନୀ’ ସଙ୍ଗୀତ ଗାନ କରି ଓଡିଆ ସ୍ୱାଭିମାନକୁ ନଭଶ୍ଚୁମ୍ବୀ କରିପାରିଛନ୍ତି । ଏହା ଓଡିଆ ଜାତି ପାଇଁ ଗର୍ବ ଓ ଗୌରବର ମୁହୂର୍ତ୍ତ ଥିଲା । ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଓଡିଆ ଭିଡିଓ ମାଧ୍ୟମରେ ଚିତ୍ରଉତୋଳନ କରି ଓଡିଶା ସରକାରଙ୍କ ପାଖକୁ ପ୍ରେରଣ କରିଥିଲେ । ସେଥିପାଇଁ ରାଜ୍ୟ କ୍ୟାବିନେଟ୍ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛି । ଏହି ଐତିହାସିକ ମୁହୂର୍ତ୍ତକୁ ଚିରସ୍ଥାୟୀ କରିବାପାଇଁ ତଥା ସାଢେ ଚ୍ଚରିକୋଟି ଓଡିଆଙ୍କ ଭାବାବେଗକୁ ସମ୍ମାନ ଜଣାଇ ରାଜ୍ୟ କ୍ୟାବିନେଟ୍ ଉପରୋକ୍ତ ନିଷ୍ପତି ନେଇଛି ବୋଲି ମନ୍ତ୍ରୀ କହିଛନ୍ତି ।

### ଆଜି ପ୍ରସ୍ତାବିତ ହଂସପାଳ...

ଓ ପତ୍ର ମାଧ୍ୟମରେ କ୍ରମାଗତ ଭାବେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ । ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଗତ ନିର୍ବାଚନ ସମୟରେ ଏଠାରେ ଫ୍ଲାଇ ଓଭରବ୍ରିଜ୍ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ପ୍ରତିଶ୍ରୁତି ରକ୍ଷା କରି କେନ୍ଦ୍ର ସଡକ ପରିବହନ ମନ୍ତ୍ରୀଙ୍କ ସହ ଆଲୋଚନା କରି ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ କର୍ମକର୍ତ୍ତାଙ୍କୁ ଆଣି କ୍ଷେତ୍ର ପରିଦର୍ଶନ କରାଇ ଏ ବାବଦରେ ଅର୍ଥର ବ୍ୟୟ ବରାଦ କରାଇଛନ୍ତି । ଏଥିନେଇ ଅଂଚଳବାସୀଙ୍କ ମଧରେ ଆନନ୍ଦର ଲହରୀ ଖେଳିଯାଇଛି ଓ ସମସ୍ତ ଅଂଚଳବାସୀ ସାଂସଦଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି ।

# ପଟିଦିଅଁ ଅଙ୍କନ ଉତ୍ସବ ଉଦ୍‌ଯାପିତ

ବାଲେଶ୍ୱର,୭।୬ (ନି.ପ୍ର): ଜଗନ୍ନାଥ ସଂସ୍କୃତିର ଅନନ୍ୟ ଚିତ୍ର ପରମ୍ପରା ଅନୁସାରେ ମଙ୍ଗଳପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆରମ୍ଭ ହୋଇଥିବା ପଟିଦିଅଁ ଅଙ୍କନ ଉତ୍ସବ ସ୍ନାନ ପୂର୍ଣ୍ଣିମାରେ ଉଦ୍‌ଯାପିତ ହୋଇଯାଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ବାଲେଶ୍ୱରୀ କଳା କେନ୍ଦ୍ର ଓ ନୋସି ଇମ୍ପ୍ରାର ମିଳିତ ଆନୁକୂଲ୍ୟରେ ଗତ ୩୧ତାରିଖରେ ରେମୁଣା ବ୍ଲକର ମଙ୍ଗଳପୁର ଜଗନ୍ନାଥ ମନ୍ଦିର ପରିସରରେ ଆରମ୍ଭ ହୋଇଥିଲା ୬ଷ୍ଠ ପଟିଦିଅଁ ଅଙ୍କନ ଉତ୍ସବ । ଏହି ଉତ୍ସବରେ ଆବାହକ ଶିଳ୍ପୀ କେଶୁ ଦାସ ପୌରୋହିତ୍ୟ କରିଥିଲେ । ଏଥିରେ ନୀଳଗିରି, ଶାସଙ୍ଗ, ବାଣ୍ଣିଆ, ଜୟଦେବ କସବା, ଦୁବଲାଗଡ଼ି ଓ ମଙ୍ଗଳପୁର ଜଗନ୍ନାଥ ମନ୍ଦିରର ଅନନ୍ତ ବାସୁଦେବ, ଭୁବନେଶ୍ୱରୀ ଓ ଅନନ୍ତ ନାରାୟଣଙ୍କ ପଟିଦିଅଁ ଅଂକନ କରାଯାଇଥିବା ବେଳେ ମଙ୍ଗଳପୁର ଜଗନ୍ନାଥ ମନ୍ଦିରର ପଟିଦିଅଁ ଅଙ୍କନ ଚିତ୍ରକର ପ୍ରୀତମ ନାୟକ, ଅରୁଣ ବାରିକ, ପ୍ରବୀର ପାତ୍ର, ଗୋପାଳ ପରିଡ଼ା, ହିମାଂଶୁ ବଇଠା, ଆଦିତ୍ୟ ଉପାଧ୍ୟାୟ, ଦୀନକୃଷ୍ଣ ଦାସ, ଅଙ୍କିତ ଦାସ ପ୍ରମୁଖ ଯୋଗ ଦେଇ ପଟିଦିଅଁ ପରମ୍ପରା ଓ ସଂସ୍କୃତି ଆଧାରିତ ପଟି ଉପରେ ଚିତ୍ର ଅଙ୍କନ କରିଥିଲେ । ଏହି ପଟିଦିଅଁ ଅଙ୍କନ କାର୍ଯ୍ୟକ୍ରମ ମଇ ୩୧ ତାରିଖରୁ ଆରମ୍ଭ ହୋଇଥିବାବେଳେ ୫ ତାରିଖ (ସ୍ନାନପୂର୍ଣ୍ଣିମା)ରେ ମଙ୍ଗଳପୁର ଜଗନ୍ନାଥ ମନ୍ଦିରରେ ସମାପିତ ହୋଇଛି । ଲକ୍‌ଡାଉନ୍‌ର ସମସ୍ତ ସରକାରୀ ନିୟମକୁ ପାଳନ ପୂର୍ବକ କାର୍ଯ୍ୟକ୍ରମ କରାଯାଇଥିବା କଥା ଉଦ୍ୟୋକ୍ତା ପ୍ରକାଶ କରିଛନ୍ତି । ୬ଟି ମନ୍ଦିରରୁ ଆଜ୍ଞାମାଳ ନେଇ ପୂଜକମାନେ ମଙ୍ଗଳପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପହଂଚି ତିନି ପଟିଦିଅଁଙ୍କୁ ନିଜ ନିଜ ମନ୍ଦିରକୁ ବିଜେ କରାଇଥିଲେ । ଏଥିରେ ମନ୍ଦିରର ପୂଜକଙ୍କ ସମେତ ପୂରବୀ କମିଳା, ମନୋରଂଜନ ସାହୁ, ଅଭିନୟ ସାହୁ, ଜିତାମିତ୍ର ଦାସ, ସମରେନ୍ଦ୍ର ମହାପାତ୍ର, କନକଲତା ଦାସ, ପୂଜା ରାଉଳ, ନିରଂଜନ ସାହୁ, ସଞ୍ଜୁଲତା ସାହୁ, ରାଜଶ୍ରୀ ସାହୁ, ସଂଯୁକ୍ତା ଭୁକ୍ତା ପ୍ରମୁଖ ଯୋଗ ଦେଇଥିଲେ ।

# କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ବନ୍ଦେ ଉତ୍କଳ ଜନନୀ ସଂଗୀତକୁ ରାଜ୍ୟ ସଂଗୀତ ମାନ୍ୟତା : ଏକ ଐତିହାସିକ ନିଷ୍ପତି - ସମାଜବାଦୀ ପାର୍ଟି

ଭୁବନେଶ୍ୱର,୭।୬ (ନି.ପ୍ର): ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାର ଦୀର୍ଘ ୮୪ ବର୍ଷ ପରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଲିଖିତ ‘ବନ୍ଦେ ଉତ୍କଳ ଜନନୀ’ ସଂଗୀତକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଆଜି ଲୋକସେବା ଭବନଠାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ରାଜ୍ୟ ସଂଗୀତର ମାନ୍ୟତା ପ୍ରଦାନ କରିବା ଏକ ଐତିହାସିକ ନିଷ୍ପତି ବୋଲି ସମାଜବାଦୀ ପାର୍ଟି ରାଜ୍ୟ କମିଟି ପ୍ରକାଶ କରିଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଓଡ଼ିଶା କ୍ୟାବିନେଟ୍‌ର ଏହି ଐତିହାସିକ ନିଷ୍ପତିକୁ ସ୍ୱାଗତ କରିବା ସଂଗେସଂଗେ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ଇଚ୍ଛାଶକ୍ତି ସଂକଳ୍ପ ଓ ସାହାସ ଯୋଗୁଁ ଏହା ସମ୍ଭବ ହୋଇପାରିଲା ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ ମତ ପ୍ରକାଶ କରିଛନ୍ତି । ଉତ୍କଳଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ ଓ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ଅଦମ୍ୟ ପ୍ରଚେଷ୍ଟା ଫଳରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହୋଇଥିଲା । ନବୀନ ବାବୁଙ୍କ ଶାସନ କାଳରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ସହିତ ଏହା ଓଡ଼ିଶାର ଶାସନର ଭାଷାର ମାନ୍ୟତା ଲାଭ କଲା ଏବଂ ଆଜି ‘ବନ୍ଦେ ଉତ୍କଳ ଜନନୀ’ ରାଜ୍ୟ ସଂଗୀତର ଅନୁମୋଦନ ପାଇଲା । ୪ କୋଟି ୭୦ଲକ୍ଷ ଓଡ଼ିଆଙ୍କ ପାଇଁ ଇତିହାସରେ ଆଜିର ଦିନ ଏକ ମାଇଲ୍‌ଖୁଂଟ ଓ ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧନ୍ୟବାଦର ପାତ୍ର ବୋଲି ଶ୍ରୀ ବେହେରା ମତବ୍ୟକ୍ତ କରିଛନ୍ତି । ଗତ ୩୦ ତାରିଖ ଦିନ କୋଭିଡ୍ ଯୋଦ୍ଧାମାନଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀ ଓଡ଼ିଶାଠାରୁ ଆରମ୍ଭ କରି ଦେଶ ବିଦେଶରେ ଥିବା ସମସ୍ତ ଓଡ଼ିଆଙ୍କୁ ଏହି ସଂଗୀତ ଗ୍ଧାନ କରି ଶୁଭେଚ୍ଛା ଜଣାଇବାକୁ ଯେଉଁ ଅନୁରୋଧ କରିଥିଲେ ତାହାକୁ ସମସ୍ତେ ମାନିନେଇଥିଲେ ଏବଂ ସେହିଦିନଠାରୁ ଏହି ସଂଗୀତଟି ଔପଚାରିକ ଭାବରେ କେବଳ ରାଜ୍ୟ କ୍ୟାବିନେଟ୍‌କୁ ଅପେକ୍ଷା କରୁଥିଲା, ଯାହାକି ଆଜି କ୍ୟାବିନେଟ୍ ଅନୁମୋଦନ ପରେ ତାହା ସ୍ୱୀକୃତି ଲାଭ କଲା ।

# ଠିକଣା ସମୟରେ ସଠିକ୍ ନିଷ୍ପତି : କୃଷି କ୍ଷେତ୍ରର ଅଭିବୃଦ୍ଧି ନିମନ୍ତେ କେନ୍ଦ୍ର ସରକାରଙ୍କ ଯୁଗାନ୍ତକାରୀ ନିର୍ଣ୍ଣୟକୁ ଚାଷୀ ମହଲରେ ସ୍ୱାଗତ

ନୂଆଦିଲ୍ଲୀ,୭।୬ (ନି.ପ୍ର): କୋଭିଡ-୧୯ ମହାମାରୀ ଜନିତ ଲକଡାଉନ ଯୋଗୁ ଦେଶର ଅର୍ଥବ୍ୟବସ୍ଥାର ବିଭିନ୍ନ କ୍ଷେତ୍ର ପ୍ରଭାବିତ ହୋଇଥିବା ସମୟରେ କୃଷି କ୍ଷେତ୍ରରେ ନୂତନ ସମ୍ଭାବନା ଉଜାଗର ହୋଇଛି । ଏହି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ସହିତ ଗ୍ରାମୀଣ ଅର୍ଥବ୍ୟବସ୍ଥାର ସମୃଦ୍ଧି ନିମନ୍ତେ କେନ୍ଦ୍ର ସରକାର ନିକଟରେ ଏକାଧିକ ନୀତିଗତ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହା ଠିକଣା ସମୟରେ ସଠିକ ନିଷ୍ପତି ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି । କୃଷକମାନଙ୍କୁ ଲାଭ ଏବଂ କୃଷି କ୍ଷେତ୍ରର ଦ୍ରୁତ ପ୍ରଗତି ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଏପରି ନିଷ୍ପତି ନବରଙ୍ଗପୁର ଭଳି କୃଷି ପ୍ରଧାନ ଜିଲ୍ଲାର ଚାଷୀମାନେ ସ୍ୱାଗତ କରିଛନ୍ତି । ନବରଙ୍ଗପୁର ଜିଲ୍ଲାରେ ଆଖୁ, ମକା ଓ ଧାନ ଚାଷ ବହୁଳ ମାତ୍ରାରେ ହୋଇଥାଏ । ମୌସୁମୀ ଆଗମନର ଅବ୍ୟବହିତ ପୂର୍ବରୁ ଚାଷୀମାନେ ଖରିଫ ଋତୁ ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଲେଣି । ଜମିରେ ହଳ ବୁଲିବା ଆରମ୍ଭ ହୋଇଛି । ମକା, ଆଖୁ ଓ ଧାନ ଚାଷ ପାଇଁ ଚାଷୀମାନେ ଜମି ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଦେଇଛନ୍ତି । ଏଥର ମୌସୁମୀ ସ୍ୱାଭାବିକ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ଚାଷୀଙ୍କ ମନରେ ଉତ୍ସାହ ରହିଛି । ଏଭଳି ପରିସ୍ଥିତିରେ ଚାଷୀଙ୍କ ଉତ୍ପାଦିତ ଫସଲ ବିକ୍ରୟ ନିମନ୍ତେ ‘ଏକ ରାଷ୍ଟ୍ର ଏକ ବଜାର’ ବ୍ୟବସ୍ଥା ପ୍ରତିଷ୍ଠା ଲାଗି କେନ୍ଦ୍ର କ୍ୟାବିନେଟ ନିଷ୍ପତି ନେବା ପରେ ଚାଷୀମାନଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଛି । ମୌସୁମୀ ସ୍ୱାଭାବିକ ରହିଲେ ଓ ଭଲ ଫସଲ ଅମଳ ହେଲେ ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦ ବିକ୍ରି ନିମନ୍ତେ ଏକ ମୁକ୍ତ ବଜାର ମିଳିପାରିବ । ଫଳରେ ସେମାନେ ଅଧିକ ରୋଜଗାର କରିବାକୁ ସକ୍ଷମ ହୋଇପାରିବେ । କୃଷି କ୍ଷେତ୍ର ପାଇଁ ଏଭଳି ଯୁଗାନ୍ତକାରୀ ନିଷ୍ପତି ଗ୍ରହଣ କରିଥିବାରୁ ନବରଙ୍ଗପୁର ଜିଲ୍ଲାର ଅଗ୍ରଣୀ ଚାଷୀ ପିଂଟୁ ମିଶ୍ର କେନ୍ଦ୍ର ସରକାରଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି । ଏଭଳି ନିଷ୍ପତି ସ୍ୱାଗତଯୋଗ୍ୟ ଏବଂ ଏହାଦ୍ୱାରା ଉତ୍ପାଦିତ କୃଷିଜାତ ସାମଗ୍ରୀ ବିକ୍ରି ଲାଗି ମୁକ୍ତ, ବିକଳ୍ପ ତଥା ବଡ଼ ବଜାର ମିଳିପାରିବ ବୋଲି ସେ ଆଶାବ୍ୟକ୍ତ କରି କହିଛନ୍ତି । ମୌସୁମୀ ଋତୁ ପୂର୍ବରୁ କେନ୍ଦ୍ର ସରକାର ଠିକଣା ସମୟରେ ଏଭଳି ନୀତିଗତ ନିଷ୍ପତି ଗ୍ରହଣ କରିଥିବା ଅନେକ ଚାଷୀ ମତପ୍ରକାଶ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ସଂଶୋଧନ ଜରିଆରେ ଚାଉଳ, ଡାଲି, ତୈଳବୀଜ, ଖାଇବା ତେଲ, ପିଆଜ ଓ ଆଳୁ ଭଳି ସାମଗ୍ରୀକୁ ଅତ୍ୟାବଶ୍ୟକ ସାମଗ୍ରୀ ତାଲିକାରୁ ହଟାଇବା ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି । ଏହି ନିଷ୍ପତିରେ ଚାଷୀ, ଘରୋଇ ନିବେଶକ ଓ ଉପଭୋକ୍ତାଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦିଆଯାଇଛି । ଜରୁରି ପରିସ୍ଥିତିରେ ଏସବୁ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟକୁ ନିୟନ୍ତ୍ରଣ କରାଯାଇପାରିବ । କିନ୍ତୁ ଏଗୁଡ଼ିକର ବିକ୍ରି ଓ ରପ୍ତାନିରେ କୌଣସି କଟକଣା ରହିବ ନାହିଁ । ଫଳରେ କୃଷି କ୍ଷେତ୍ରରେ ନିବେଶ ଓ ଚାଷୀଙ୍କ ଆୟ ବୃଦ୍ଧି ପାଇବ । ଏହାଛଡ଼ା କେନ୍ଦ୍ର ସରକାର ‘କୃଷି ଉତ୍ପାଦ ବାଣିଜ୍ୟ ଓ ବ୍ୟବସାୟ (ସମ୍ବର୍ଦ୍ଧନ ଏବଂ ସୁବିଧା) ଅଧାଦେଶ ୨୦୨୦’କୁ ମଞ୍ଜୁରି ଦେଇଛନ୍ତି । ଏହି ଅଧାଦେଶ ବଳରେ ଦେଶର କୃଷକମାନଙ୍କୁ ବିଜ୍ଞପିତ କୃଷି ଉତ୍ପାଦ ବିପଣନ ସମିତି (ଏପିଏମସି) ବାହାରେ ଥିବା ବଜାରରେ କୃଷିଜାତ ଉତ୍ପାଦ ବିକ୍ରି କରିବାର ସୁବିଧା ମିଳିବ । କୃଷକମାନଙ୍କୁ କାରବାର ପାଇଁ ଅତିରିକ୍ତ ସୁଯୋଗ ଉପଲବ୍ଧ ହେବା ଫଳରେ ପ୍ରତିଦ୍ୱନ୍ଦ୍ୱିତା ସ୍ଥିତିରେ ସେମାନଙ୍କୁ ନିଜ ଉତ୍ପାଦର ଭଲ ଦାମ ମିଳିପାରିବ । ଏହା ନିଶ୍ଚିତ ଭାବେ ‘ଏକ ଦେଶ, ଏକ କୃଷି ବଜାର’ ନିର୍ମାଣ ମାର୍ଗ ପ୍ରଶସ୍ତ କରିବ ଏବଂ କଠୋର ପରିଶ୍ରମ କରୁଥିବା ଆମର କୃଷକମାନଙ୍କ ପାଇଁ ସେମାନଙ୍କ ଉତ୍ପାଦର ଇଚ୍ଛାମୁତାବକ ଦାମ ମିଳିବା ସୁନିଶ୍ଚିତ ହୋଇପାରିବ । କୃଷକମାନଙ୍କୁ ପ୍ରକ୍ରିୟାକରଣକାରୀ, ଏଗ୍ରିଗେଟର୍ସ, ପାଇକାରୀ ବିକ୍ରେତା, ବଡ଼ ଖୁଚୁରା ବ୍ୟବସାୟୀ, ରପ୍ତାନିକାରୀଙ୍କ ସହିତ ଯୋଡ଼ି ଏହା ସେମାନଙ୍କୁ ସଶକ୍ତ କରିବ ।

## ରାଜ୍ୟ ସଂଗୀତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ

ଭୁବନେଶ୍ୱର,୭।୬ (ନି.ପ୍ର): ବନ୍ଦେ ଉତ୍କଳ ଜନନୀ ସଂଗୀତକୁ ରାଜ୍ୟ ସଂଗୀତ ମାନ୍ୟତା ଦେବା ପାଇଁ ଆଜି ରାଜ୍ୟ କ୍ୟାବିନେଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ଯୁଗାନ୍ତକାରୀ ନିଷ୍ପତି ନେଇଛନ୍ତି ସେଥିପାଇଁ ଉତ୍କଳ ସମ୍ମିଳନୀ ମୁଖ୍ୟମନ୍ତ୍ରୀଙ୍କୁ ଅନେକ ଅନେକ ଅଭିନନ୍ଦନ ସହିତ କୃତଜ୍ଞତା ଜ୍ଞାପନ କରିଛି । ଗତ ମେ ୩୦ ତାରିଖ ଦିନ ସ୍ୱଇଚ୍ଛାରେ ସମଗ୍ର ଓଡ଼ିଆ ଜାତି ଯେପରି ଭାବେ ଉତ୍କଣ୍ଠାର ସହିତ ଗାନ କରିଥିଲେ ରାଜ୍ୟ ସଂଗୀତ ମାନ୍ୟତା ପାଇଁ ଆଉ ଅଧିକ ଡେରି ନୁହେଁ ବୋଲି ଗତ ୨ ତାରିଖରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଥିଲେ । କେବଳ ସେତିକି ନୁହେଁ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କର ପଂଚମ ପାଳିର ମୁଖ୍ୟମନ୍ତ୍ରୀତ୍ୱ କାଳରେ ବନ୍ଦେ ଉତ୍କଳ ଜନନୀ ସଂଗୀତକୁ ରାଜ୍ୟ ସଂଗୀତ ମାନ୍ୟତା ଦେବେ ବୋଲି ଉତ୍କଳ ସମ୍ମିଳନୀ ଆଶା ଓ ବିଶ୍ୱାସ କରିଥିଲା । କାରଣ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱର ପ୍ରଥମ ପାଳିରେ - ବିଚ୍ଛିନ୍ନାଂଚଳରେ ଓଡ଼ିଆ ଲିପିଶିକ୍ଷା କାର୍ଯ୍ୟକ୍ରମ, ଦ୍ୱିତୀୟ ପାଳିରେ-ରାଜ୍ୟରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରତିଷ୍ଠା, ତୃତୀୟ ପାଳିରେ - ଓରିଶାରୁ ଓଡ଼ିଶା ନାମକରଣ ସହିତ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଓ ଚତୁର୍ଥ ପାଳିରେ - ସରକାରୀ ଭାଷା ଅଧିନିୟମ ୧୯୫୪ରେ ସଂଶୋଧନ କରି ପାରିଛନ୍ତି ବୋଲି ସମ୍ମିଳନୀର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି ।

# ବନ୍ଦେ ଉତ୍କଳ ଜନନୀ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ

ଭୁବନେଶ୍ୱର,୭।୬ (ନି.ପ୍ର): ସ୍ୱାଧୀନତାର ୭୩ ବର୍ଷ ଓ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେବାର ୮୪ ବର୍ଷ ପରେ ଆଜି ରାଜ୍ୟ କ୍ୟାବିନେଟ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଦିନ ଘ.୧.୩୦ମିନିଟ୍ ସମୟରେ ଅନୁଷ୍ଠିତ ହୋଇ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଲିଖିତ ‘ବନ୍ଦେ ଉତ୍କଳ ଜନନୀ’ ସଂଗୀତକୁ ରାଜ୍ୟ ସଂଗୀତର ମାନ୍ୟତା ପ୍ରଦାନ କରିବାର ଐତିହାସିକ ନିଷ୍ପତି ଗ୍ରହଣ କରିଛନ୍ତି । କ୍ୟାବିନେଟ୍‌ର ଏହି ଐତିହାସିକ ନିଷ୍ପତିକୁ ରାଜ୍ୟର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ‘ସଂସ୍କୃତି ଓ ସଂସ୍କୃତି’ ପକ୍ଷରୁ ସ୍ୱାଗତ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ଅନୁଷ୍ଠାନର ସଭାପତି ପ୍ରଦେଶ ପଟ୍ଟନାୟକ ଓ ସମ୍ପାଦକ ଦିଲ୍ଲୀପ ହାଲି ଏକ ପ୍ରେସ୍ ବିବୃତିରେ ରାଜ୍ୟ କ୍ୟାବିନେଟ୍‌ର ଏହି ନିଷ୍ପତିକୁ ଐତିହାସିକ ବୋଲି ଅଭିହିତ କରି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କର ଦୃଢ଼ ଇଚ୍ଛାଶକ୍ତି ଓ ସାହସ ଯୋଗୁଁ ଏହା ସମ୍ଭବ ହୋଇପାରିଲା । ଗତ ୩୦ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ନିବେଦନ କ୍ରମେ ରାଜ୍ୟର ବିଭିନ୍ନ ରାଜନୈତିକ ଦଳ, ସାଂସ୍କୃତିକ ଅନୁଷ୍ଠାନ ଓ ଦେଶ ବିଦେଶରେ ଥିବା ସମସ୍ତ ଓଡ଼ିଆ ଭାଇ ଭଉଣୀମାନେ ଓଡ଼ିଆ ଜାତିର ଅସ୍ମିତାର ପ୍ରତୀକ ଏହି ସଂଗୀତକୁ ସନ୍ଧ୍ୟା ଘ.୫.୩୦ମିନିଟ୍‌ରେ ଏକ ସ୍ୱରରେ ଗାନ କରି କରୋନା ଯୋଦ୍ଧାମାନଙ୍କ ପ୍ରତି ଅଭିନନ୍ଦନ ଜ୍ଞାପନ କରିଥିଲେ । ସେହିଦିନ ହିଁ ଓଡ଼ିଆ ଜାତି ସ୍ଥିର କରିଥିଲା ଏହି ସଂଗୀତ ଜାତୀୟ ସଂଗୀତର ମାନ୍ୟତା ପାଇବାକୁ ହକ୍‌ଦାର ।

# ‘ବନ୍ଦେ ଉତ୍କଳ ଜନନୀ’ କୁ ଉତ୍କଳ ସଂଗୀତ ମାନ୍ୟତା ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ଜଳେଶ୍ୱର,୭।୬ (ନି.ପ୍ର): ବିଳମ୍ବରେ ହେଲେ ମଧ୍ୟ କରୋନାର ସଚେତନତା ମଧ୍ୟରେ ଓଡିଆ ଜାତୀକୁ ଏକତା ସୂତ୍ରରେ ବାନ୍ଧି ରଖିବା ଲାଗି ବହୁବର୍ଷ ଧରି ପ୍ରଚେଷ୍ଟା ଜାରିଥିବା ବେଳେ ଗତ କିଛିଦିନ ତଳେ ରାଜ୍ୟ ମୁଖ୍ୟମନ୍ତ୍ରୀ କାନ୍ତକବି ଲକ୍ଷ୍ମୀକାନ୍ତ ଲିଖିତ୍ “ବନ୍ଦେ ଉତ୍କଳ ଜନନୀ” ସଂଗୀତକୁ ଉତ୍କଳ ସଂଗୀତର ମାନ୍ୟତା ଦେଇଥିବାରୁ ଆଜି ବିଭିନ୍ନ ମହଲରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଜଳେଶ୍ୱରର ଛାମୁଆ ସଂଗଠନ ସମାଜ କଲ୍ୟାଣ ବିକାଶ ପରିଷଦର କେତେକ ବରିଷ୍ଠ ସଦସ୍ୟଙ୍କ ସହିତ ଅଧ୍ୟକ୍ଷ ରଘୁନାଥ ମହାନ୍ତି, ସଂପାଦକ ରାମଚନ୍ଦ୍ର ଜେନା, ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସଂପାଦକ ବିପିନ ବିହାରୀ ବିଶ୍ୱାଳ, ପୂର୍ବତନ କଲେଜ ଅଧ୍ୟକ୍ଷ ବୁଦ୍ଧେଶ୍ୱର ପତି, ରମାକାନ୍ତ ଭଂଜ, ଉତ୍କଳ ସମ୍ମିଳନୀର ଜଳେଶ୍ୱର ଶାଖା ସଭାପତି ଡ. ଶ୍ରୀକାନ୍ତ ପାତ୍ର, କମଳ ଚକ୍ରବ ୀ, ଡ. ଅଜିତ୍ କୁମାର ମହାନ୍ତି, ବିଷ୍ଣୁପଦ ମହାନ୍ତି, ଜଳେଶ୍ୱର ଯୁବ ମଂଚର ସଦସ୍ୟ ମାନେ କୃତଜ୍ଞତା ଜଣାଇଛନ୍ତି । ପ୍ରକାଶଯୋଗ୍ୟ ଯେ ବର୍ଷତଳେ ରାଜ୍ୟର ଭାରତୀୟ ଶିକ୍ଷାବିକାଶ ପରିଷଦ, ଭୁବନେଶ୍ୱର ପକ୍ଷରୁ ୭୨ ହଜାର ଛାତ୍ରଛାତ୍ରୀଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତ୍କଳ ସଂଗୀତ ଗାନ କରି ଏକ ଇତିହାସ ସୃଷ୍ଟି କରିଥିଲେ । ତେଣୁ ଆଜି ଜଳେଶ୍ୱର ମଣ୍ଡଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

# ଚାଷୀ ମୂଲିଆର ସାଥି ତଥା ବିଶିଷ୍ଟ ବାମପନ୍ଥୀ ନେତା ଡା. ଗଣନାଥ ପାତ୍ରଙ୍କ ପରଲୋକରେ ଶୋକ

ଜଳେଶ୍ୱର,୭।୬ (ନି.ପ୍ର): କମ୍ୟୁନିଷ୍ଟ ଆନ୍ଦୋଳନର ଅନ୍ୟ ଜଣେ ମୁଖ୍ୟ ତଥା ଚାଷୀ ମୂଲିଆ ଆଦିବାସୀଙ୍କ ଆଜୀବନ ସାଥି ଡା. ଗଣନାଥ ପାତ୍ରଙ୍କ ପରଲୋକରେ ଜଳେଶ୍ୱର ଅଂଚଳରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବକ୍ତ କରିଛନ୍ତି । ତାଙ୍କ ଚିନ୍ତା ଚେତନା ସାମ୍ୟବାଦୀ କାର୍ଯ୍ୟକଳାପ ତଥା ନ୍ୟାୟ ଓ ହକ୍ ପାଇଁ ଲଢ଼େଇ କରିବାରର ପ୍ରୟାସ ଏବେ ଓଡିଶାରେ ଶୂନ୍ୟସ୍ଥାନ ସୃଷ୍ଟି କଲଶବୋଲି ବହୁ ବ୍ୟକ୍ତି ପ୍ରକାଶ କରିଛନ୍ତି । ଆଜି ତାଙ୍କ ଜନ୍ମମାଟି ବାଣିଦା ଯାଇ ତାଙ୍କ ସଂପର୍କୀୟ ଭାଇ କୁଟୁମ୍ବମାନଙ୍କୁ ବହୁ ବ୍ୟକ୍ତି ଯାଇ ସମବେଦନା ଜଣାଇଛନ୍ତି । ତାଙ୍କ ଜନ୍ମ ମାଟିରେ ଥିବା ଭାଇ ମାନଙ୍କ ଘର ଛୁଆଁଟିପଲା ଓ ସେଥିରେ ପଲିଥିନ ଘେରା ଦେଖିବାକୁ ମିଳିଥିଲା । ଗାଁ ମାଟିରେ ଶୋକ ଆଜି ବାରି ହୋଇ ପଡୁଥିଲା । ତାଙ୍କ ପରଲୋକରେ ତାଙ୍କର ମ୍ୟାଟ୍ରିକ ଠାରୁ ପିଜି ପର୍ଯ୍ୟନ୍ତ ସହପାଠୀ ଡ. ଶ୍ରୀକାନ୍ତ ଚରଣ ପାତ୍ର ଅତୀତର ବହୁ ଇତିହାସ ଓ କାର୍ଯ୍ୟକଳପ ସଂପର୍କରେ ସ୍ମୃତିଚାଣ କରିଥିଲେ । ବରିଷ୍ଠ ଆଇନ୍‌ଜିବୀ ତଥା ସମାଜ କଲ୍ୟାଣ ବିକାଶ ପରିଷଦର ସଂପାାଦକ ରାମଚନ୍ଦ୍ର ଜେନା, ବାମପନ୍ଥୀ ନେତା ଶିଶିର ହୁଇ, ସିତାଂଶୁ ସେନାପତି, ସାଥି ବାଞ୍ଛାନିଧି ମହାନ୍ତି, ଦିଲ୍ଲିପ ଗିରି, ଦିପ୍ତିମାନ ଆଚାର୍ଯ୍ୟ, ବିପିନ ବିହାରୀ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ତଥା ସମାଜ କଲ୍ୟାଣ ବିକାଶ ପରିଷଦର ଅଧ୍ୟକ୍ଷ ରଘୁନାଥ ମହାନ୍ତି, ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଶରତ ପରିଡା, ବଣିକ ସଂଘର ସଭାପତି ସୁଧିର କୁମାର ମହାନ୍ତି, ବିଷ୍ଣୁପଦ ମହାନ୍ତି, ଜଳେଶ୍ୱର କେତେକ ସାମ୍ବାଦିକ ଶୋକ ବ୍ୟକ୍ତି କରିଛନ୍ତି ।

# ଖାଦ୍ୟବାହିତ ରୋଗ ପ୍ରତିରୋଧ ପାଇଁ ସହଯୋଗ ମାଗିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଅବସରରେ ଏକ ବାର୍ତ୍ତାରେ କହିଛନ୍ତି ଯେ ମଣିଷର ସ୍ୱାସ୍ଥ୍ୟ ଓ ନିରନ୍ତର ଅଭିବୃଦ୍ଧି ନିମନ୍ତେ ସୁରକ୍ଷିତ ଖାଦ୍ୟ ଅପରିହାର୍ଯ୍ୟ । କୋଭିଡ୍-୧୯ ସମୟରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ପ୍ରତ୍ୟେକଙ୍କ ପାଇଁ ସୁଷମ ଖାଦ୍ୟ ସୁନିଶ୍ଚିତ କରିବା ଦିଗରେ ଆମର କ୍ରମାଗତ ପ୍ରଚେଷ୍ଟା ଜାରି ରହିଛି । ସୁସ୍ଥ ଓଡ଼ିଶା ପାଇଁ ଖାଦ୍ୟବାହିତ ରୋଗଗୁଡ଼ିକର ପ୍ରତିରୋଧ ନିମନ୍ତେ ସମସ୍ତେ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

# ବିଭିନ୍ନ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା

ଭୁବନେଶ୍ୱର,୭।୬ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଲଗାତାର ଭାବେ ବଢି ଚାଲିଛି । ବର୍ତ୍ତମାନ ଏହି ସଂଖ୍ୟା ୨୮୫୬ ହୋଇଥିବା ବେଳେ ଗଂଜାମ ଜିଲ୍ଲାରେ ସର୍ବାଧିକ ଆକ୍ରାନ୍ତ ରହିଛନ୍ତି । ଗଂଜାମ ଜିଲ୍ଲାରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୯୮ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଯାଜପୁର ଜିଲ୍ଲାରେ ୩୧୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖୋର୍ଧା ଜିଲ୍ଲାରେ ୨୪୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଭାବେ ବାଲେଶ୍ୱର ଜିଲ୍ଲାରେ ୧୯୦, କେନ୍ଦ୍ରାପଡା ଜିଲ୍ଲାରେ ୧୬୬ ଓ କଟକ ଜିଲ୍ଲାରେ ୧୭୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଭଦ୍ରକ ଜିଲ୍ଲାରେ ୧୪୦, ବଲାଙ୍ଗୀର ଜିଲ୍ଲାରେ ୧୨୧ ଜଣ ତଥା ପୁରୀ ଜିଲ୍ଲାରେ ୧୦୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରେ ୮୯, ସୁନ୍ଦରଗଡ ଜିଲ୍ଲାରେ ୯୯ ଓ ନୟାଗଡ ଜିଲ୍ଲାରେ ୮୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରେ ୬୯ ଜଣ, ମୟୂରଭଂଜ ଜିଲ୍ଲାରେ ୭୦ ଜଣ ଓ ଗଜପତି ଜିଲ୍ଲାରେ ୬୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବିଭାଗ ପକ୍ଷରୁ କୁହା ଯାଇଛି ଯେ ବୌଦ୍ଧ ଜିଲ୍ଲାରେ ୩୪, ଢେଙ୍କାନାଳ ଜିଲ୍ଲାରେ ୩୫ ତଥା ଦେବଗଡ ଜିଲ୍ଲାରେ ୩୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝର ଜିଲ୍ଲାରେ ୩୩, ଅନୁଗୁଳ ଜିଲ୍ଲାରେ ୩୩ ଓ ସୋନପୁର ଜିଲ୍ଲାରେ ୨୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରେ ୨୫, କଳାହାଣ୍ଡି ଜିଲ୍ଲାରେ ୨୭ ତଥା ମାଲକାନଗିରି ଜିଲ୍ଲାରେ ୨୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁର ଜିଲ୍ଲାରେ ୧୬, ବରଗଡ ଜିଲ୍ଲାରେ ୧୬ ଓ କୋରାପୁଟ ଜିଲ୍ଲାରେ ୧୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଝାରସୁଗୁଡା ଜିଲ୍ଲାରେ ୮, ରାୟଗଡା ଜିଲ୍ଲାରେ ୨ ଓ ନବରଙ୍ଗପୁର ଜିଲ୍ଲାରେ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

## ୨୪ ଘଂଟାରେ ୧୮ଟି ମାମଲା ଦାୟର

ଭୁବନେଶ୍ୱର,୭।୬ (ନି.ପ୍ର): ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଜୁନ୍ ୬ରୁ ଜୁନ୍ ୭ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ ୧୮ଟି ମାମଲା ଦାୟର କରାଯାଇଛି । ସେଥିରୁ ୧୫ଟି ମାମଲା ଲକ୍ ଡାଉନ୍ ସଂପର୍କିତ ହୋଇଥିବାବେଳେ ୨ଟି ହୋମ୍ କ୍ୱାରାଂଟାଇନ୍ ଉଲ୍ଲଂଘନ ଏବଂ ୧ଟି ଅନ୍ୟାନ୍ୟ କାରଣ ପାଇଁ ଅଟେ । ବିଭିନ୍ନ ଅଭିଯୋଗରେ ୩୦ ଜଣଙ୍କୁ ଗିରଫ କରାଯାଇଛି ।

## ଏଏସଆଇ ସଂରକ୍ଷଣ ଥିବା ରାଜ୍ୟର ୪୬ଟି କୀର୍ତ୍ତିରାଜ ଆସନ୍ତା କାଲିଠାରୁ ଖୋଲିବ

ଭୁବନେଶ୍ୱର,୭।୬ (ନି.ପ୍ର): ଏଏସଆଇ ସଂରକ୍ଷଣ ଥିବା ରାଜ୍ୟର ୪୬ଟି କୀର୍ତ୍ତିରାଜ ଆସନ୍ତା କାଲିଠାରୁ ଖୋଲିବ । ଏଥି ମଧ୍ୟରେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର, ଶ୍ରୀ ଲିଙ୍ଗରାଜ ମନ୍ଦିର ଅନ୍ୟତମ । ଏହି ସମସ୍ତ କୀର୍ତ୍ତିରାଜ ଖୋଲିବା ବେଳେ କେନ୍ଦ୍ର ଗୃହ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରଣାଳୟ ପକ୍ଷରୁ ଜାରି ଗାଇଡ୍ ଲାଇନକୁ ଅନୁସରଣ କରିବାକୁ ପଡ଼ିବ ବୋଲି ପିଆଇବି ପକ୍ଷରୁ ଟ୍ୱିଟ୍ ମାଧ୍ୟମରେ ଜଣାଇ ଦିଆଯାଇଛି ।

## ଭୁବନେଶ୍ୱର ମହାନଗର ନିଗମ ଅଂଚଳର ଦୁଇ ଜଣ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୭।୬ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ଭୁବନେଶ୍ୱର ମହାନଗର ନିଗମ ଅଂଚଳର ଦୁଇ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବିଏମସି ପକ୍ଷରୁ ସୂଚନା ଦିଆ ଯାଇଛି । ଆକ୍ରାନ୍ତ ମାନଙ୍କ ମଧ୍ୟରେ ଜଣେ ୪୦ ବର୍ଷୀୟ ବ୍ୟକ୍ତି ହୋଇଥିବା ବେଳେ ଜଣେ ଆଠ ବର୍ଷ ର ଝିଅ ରହିଛି । ଏମାନେ ପଟିଆ ଅଂଚଳର ଓ ଗୋଟିଏ ପରିବାରର ବୋଲି ସୂଚନା ଦିଆ ଯାଇଛି । ଏମାନେ ଦିଲ୍ଲୀରୁ ଫେରିଥିଲେ । ଏହି ମାମଲାରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ପ୍ରକାଶ କରା ଯାଇଛି ।

## ସୁନ୍ଦରଗଡ ଜିଲ୍ଲାରେ ଦୁଇ ଜଣ ଡାକ୍ତରୀ ସମେତ ୧୮ ଜଣ କରୋନା ପଜିଟିଭ

ରାଉରକେଲା,୭।୬ (ନି.ପ୍ର): ସୁନ୍ଦରଗଡ ଜିଲ୍ଲାରେ ଦୁଇ ଜଣ ଡାକ୍ତର, ସମେତ ୧୮ ଜଣ କରୋନା ପଜିଟିଭ ହୋଇଥିବା ସୂଚନା ଦେଇଛନ୍ତି ସୁନ୍ଦରଗଡ ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ । ସେ କହିଛନ୍ତି ଯେ ଆଜି ଏହି ୧୮ ଜଣଙ୍କ ମଧ୍ୟରୁ ୧୪ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ଦୁଇ ଜଣ ହୋମ କ୍ୱାରେଂଟାଇନ ତଥା ଦୁଇ ଜଣ ସ୍ଥାନୀୟ ଲୋକ ସଂକ୍ରମିତ ହୋଇଛନ୍ତି । ସେ କହିଛନ୍ତି ଯେ ପୂର୍ବରୁ କୋଭିଡ ୧୯ ଡ୍ୟୁଟିରେ ଥିବା ରାଉରକେଲା ସରକାରୀ ହସପିଟାଲର ଦୁଇ ଜଣ କରୋନା ସଂକ୍ରମିତ ହୋଇଛନ୍ତି । ହସପିଟାଲକୁ ସାନିଟାଇଜ କରା ଯାଇଛି ଓ କଂଟାକ୍ଟ ଟ୍ରେସିଂ କାମ ଜାରୀ ରହିଛି । କରୋନା ପଜିଟିଭ ଆସିବା ପରେ ଦୁଇ ଜଣ ଡାକ୍ତର କ୍ୱାରେଂଟାଇନରେ ଅଛନ୍ତି ।

# ବାଲେଶ୍ୱରରେ ସଫଳ ୪୮ ଘଣ୍ଟିଆ ସଟ୍ ଡାଉନ୍




ବାଲେଶ୍ୱର,୭।୬ (ନି.ପ୍ର): ସରକାରଙ୍କ ନିର୍ଦ୍ଦେଶାନୁସାରେ ବାଲେଶ୍ୱର ସମେତ କରୋନା ସଂକ୍ରମଣ ବୃଦ୍ଧି ପାଇଥିବା ରାଜ୍ୟର ୧୧ଗୋଟି ଜିଲ୍ଲାରେ ଦୁଇଦିନିଆ ସଟ୍ ଡାଉନ୍ର ଆଜିଥିଲା ଦ୍ୱିତୀୟ ଦିବସ । ଏହି ୪୮ ଘ ିଆ ସଟ୍ ଡାଉନ୍ ଯୋଗୁଁ ବାଲେଶ୍ୱର ସହର ସମେତ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିବା ବେଳେ କେବଳ ଔଷଧ ଦୋକାନ ବ୍ୟତୀତ ଅନ୍ୟ କୌଣସି ଦୋକାନ ଖୋଲି ନଥିବା ଦେଖିବାକୁ ମିଳିଥିଲା । ପ୍ରଥମ ଦିନ ତୁଳନାରେ ଆଜି ଦ୍ୱିତୀୟ ଦିନରେ ସହର ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲେ ବି ଜରୁରୀକାଳୀନ ସେବା ବ୍ୟତୀତ ଅନ୍ୟାନ୍ୟ ରାସ୍ତାରେ ଚଳ ପ୍ରଚଳ କରୁଥିବା ପରିଲକ୍ଷିତ ହୋଇଥିଲା । ତେବେ ପ୍ରାୟ ଅଧିକାଂଶ ଲୋକେ ଘରେ ରହି ସରକାରଙ୍କ ସଟ୍ ଡାଉନ୍ ନିୟମ ପାଳନ କରୁଥିବା ଲକ୍ଷ୍ୟ କରାଯାଇଛି । ଅନ୍ୟପକ୍ଷରେ ବାଲେଶ୍ୱରରେ ସଟ ଡାଉନ୍କୁ ଶତ ପ୍ରତିଶତ ପାଳନ ପାଇଁ ପ୍ରଶାସନ ଓ ପୁଲିସ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଇଥିବା ଲକ୍ଷ୍ୟ କରାଯାଇଛି । ଲକ୍ ଡାଉନ୍ର ୨୪ଘ । ପୂର୍ବରୁ ପ୍ରଶାସନ ପକ୍ଷରୁ ଏକାଧିକ ମାଇକ୍ ଜରିଆରେ ସହର ବଜାରରେ ପ୍ରଚାର କରାଯାଇଥିଲା । କରୋନା ସଂକ୍ରମଣ ମୁକାବିଲା ପାଇଁ ସଟ୍ ଡାଉନ୍ ଅପରିହାର୍ଯ୍ୟ ହୋଇଥିବା ବେଳେ ଜନସାଧାରଣ ଏହାକୁ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଜିଲ୍ଲାବାସୀଙ୍କୁ ନିବେଦନ କାଯାଇଥିଲା । ତେବେ ପ୍ରଥମ ଦିନରେ ପୁଲିସ ପକ୍ଷରୁ ବିଶେଷ ଯା ହୋଇନଥିବା ବେଳେ ଆଜି ଦ୍ୱିତୀୟ ଦିନରେଚ଼ିଛି କିଛି ଅମାନିଆ ଲୋକ ବାହାରକୁ ବାହାରିଥିଲେ । ଏହାକୁ ଦୃଷ୍ଟିରେ ରଖି ପୁଲିସ ସକ୍ରିୟ ହେବା ସହ ବିଭିନ୍ନ ସ୍ଥାନରେ ଚେକିଂ ବି କରିଥିଲା । ବି ଏକାଧିକ ପୁଲିସ ପାଟ୍ରୋଲିଂ ଗାଡ଼ି ସହରରେ ପଇଁତିରା ମାରିବା ସହ ପରିସ୍ଥିତି ଉପରେ ନଜର ରଖିଥିଲା । ସହର ସମେତ ବାଲେଶ୍ୱର ଜିଲ୍ଲାର ପ୍ରତିଟି ପ୍ରବେଶ ପଥକୁ ପୁଲିସ ପକ୍ଷରୁ ସିଲ ସହ ବ୍ୟାପକ ଯା ବ୍ୟବସ୍ଥା କରାଯାଇଥିଲା । ଏଥି ସହିତ ପ୍ରତ୍ୟେକ ଛକମାନଙ୍କରେ ପୁଲିସ ନିଯୁକ୍ତ କର୍ମଚାରୀମାନେ ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ଯା କରିବା ସହିତ ବାହାରକୁ ଆସିବାର କାରଣ ପଚାରୁଛନ୍ତି । ଉଚିତ କାରଣ ଦର୍ଶାଇ ପାରୁ ନଥିବା ଲୋକଙ୍କୁ ଅଟକ ରଖିବା ସହ ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ବି ଗ୍ରହଣ କରାଯାଉଛି । ମୋଟ ଉପରେ ବାଲେଶ୍ୱରେ ସଟ ଡାଉନ୍ର ଦ୍ୱିତୀୟ ଦିନ ଆଜି ବେଶ୍ ସଫଳ ହୋଇଥିବା ପରିଲକ୍ଷିତ ହୋଇଛି । ସହର ସମେତ ଜିଲ୍ଲାରେ ୪୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ସମସ୍ତ ପ୍ରବେଶପଥ ଓ ଚେକ୍ ପଏ ରେ କଡ଼ାକଡ଼ି ଯା ଚାଲିଥିବା ପୁଲିସ ପକ୍ଷରୁ କୁହାଯାଇଛି । ବିଶେଷ କରି ଜିଲ୍ଲାବାସୀଙ୍କ ସହଯୋଗ ସାଙ୍ଗକୁ କଡ଼ାକଡ଼ି ନିୟମ ପାଳନ ଯୋଗୁଁ ସଟ୍ ଡାଉନ୍ ସମ୍ପୂର୍ଣ୍ଣ ସଫଳ ହୋଇଥିବା ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି ।

## ଶିଳ୍ପ ଓ ଭିତ୍ତିଭୂମି ବିକାଶ ପାଇଁ ପରାମର୍ଶଦାତା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୭।୬ (ନି.ପ୍ର): ଶିଳ୍ପ ଓ ଭିତିଭୂମି ବିକାଶ କ୍ଷେତ୍ରରେ ମିଳିତ ପ୍ରୟାସଗୁଡ଼ିକର ଅଗ୍ରଗତି ଉପରେ ଏକ ପରାମର୍ଶଦାତା ବୈଠକ ଭାରତ ସରକାରଙ୍କ ପେଟ୍ରୋଲିୟମ୍, ପ୍ରାକୃତିକ ଗ୍ୟାସ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାରୀମାନେ ଉପସ୍ଥିତ ଥିଲେ । ଓଡ଼ିଶା ସରକାରଙ୍କ ଶିଳ୍ପ, ଏମ୍ଏସ୍ଏମ୍ଇ, ଶକ୍ତି ଓ ଗୃହ ରାଷ୍ଟ୍ରମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ତଥା ସଚିବବୃନ୍ଦ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କୃଷି କ୍ଷେତ୍ରରେ ବିଶେଷ କରି ଚୁକ୍ତିଭିତିକ ଚାଷ ଓ କୃଷି ଉତ୍ପାଦନ ବିପଣନ ନିମନ୍ତେ ସଂସ୍କାର ମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିବାରେ ଅଗ୍ରଣୀ ଭୂମିକା ନେଇଥିବାରୁ ଓଡ଼ିଶାକୁ ପ୍ରଶଂସା କରିଥିଲେ । ବିଭିନ୍ନ ଶିଳ୍ପାଂଚଳ ପ୍ରତିଷ୍ଠା, ଗ୍ୟାସ୍ ପାଇପ ଲାଇନ୍ ସଂଯୋଗୀକରଣ ଓ ଜାତୀୟ ରାଜପଥ ନିର୍ମାଣରେ ରାଜ୍ୟର ତ୍ୱରିତ ପଦକ୍ଷେପକୁ ମଧ୍ୟ କେନ୍ଦ୍ରମନ୍ତ୍ରୀ ପ୍ରଶଂସା କରିଥିଲେ । ସେହିପରି ଲଜିଷ୍ଟିକ୍ କ୍ଷେତ୍ରରେ ଅଧିକ ପୁଂଜିନିବେଶକୁ ଆକୃଷ୍ଟ କରିବା ପାଇଁ ଥିବା ସମ୍ଭାବନାଗୁଡ଼ିକ ଉପରେ ଆଲୋଚନା ହୋଇଥିଲା । ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ କହିଥିଲେ ଯେ 'ଲଜିଷ୍ଟିକ୍ କ୍ଷେତ୍ରରେ ଇଡ୍କୋ ନେତୃତ୍ୱ ନେବ ଓ ପୁଂଜିନିବେଶକୁ ଆଗକୁ ବଢ଼ାଇବ' । ଇଡ୍କୋର ଅଧ୍ୟକ୍ଷ ତଥା ପରିଚ୍ଳନା ନିର୍ଦ୍ଦେଶକ,ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହ ଏହି କ୍ଷେତ୍ରରେ ହୋଇଥିବା ଅଭିବୃଦ୍ଧି ବାବଦରେ ଅବଗତ କରାଇଥିଲେ ।

# ଜମ୍ମୁ-କାଶ୍ମୀର , ହିମାଚଳ ପ୍ରଦେଶରୁ ବିମାନ ଯୋଗେ ଫେରିଲେ ୩୫୦ରୁ ଅଧିକ ପ୍ରବାସୀ



ଭୁବନେଶ୍ୱର,୭।୬ (ନି.ପ୍ର): ଜମ୍ମୁ-କାଶ୍ମୀର ଏବଂ ହିମାଚଳ ପ୍ରଦେଶରେ ଫସି ରହିଥିବା ୩୫୦ ରୁ ଅଧିକ ପ୍ରବାସୀ ଓଡିଆଙ୍କୁ ଏୟାର ଏସିଆର ୩ଟି ବିମାନ ଯୋଗେ ଭୁବନେଶ୍ୱରକୁ ଅଣାଯାଉଅଛି । ଏହି ବିମାନ ଗୁଡିକ ଭୁବନେଶ୍ୱରରେ ରବିବାର ୧୧.୩୦, ୦୨.୩୦ ଏବଂ ୩.୩୦ ମିନିଟ ସମୟରେ ଭୁବନେଶ୍ୱରରେ ପହଂଚିଛି । ଏହି ପ୍ରବାସୀ ଓଡିଆ ମାନେ ଜାମ୍ମୁ-କାଶ୍ମୀରର ଅନନ୍ତନାଗ, ରାଜୌରୀ, ପୁଂଛ, ଜାମ୍ମୁ ଏବଂ ସାମ୍ବା ଜିଲ୍ଲା ଏବଂ ହିମାଚଳ ପ୍ରଦେଶର କାଙ୍ଗ୍ରା ଏବଂ ଉନ୍ନା ଜିଲ୍ଲାରୁ ଆସୁଛନ୍ତି । ରାଜ୍ୟ ସରକାରଙ୍କର ସ୍ୱତନ୍ତ୍ର ଉତ୍ସର୍ଗୀକୃତ ଅଧିକାରୀ ମାନଙ୍କୁ ନେଇ ଗଠିତ ଦଳ ଗୁଡିକ ସମ୍ପୃକ୍ତ ରାଜ୍ୟସରକାର ଏବଂ ଫେରି ଆସୁଥିବା ପ୍ରବାସୀ ଓଡିଆ ମାନଙ୍କ ସହ ଯୋଗାଯୋଗ କରି, କୋଭିଡ୍-୧୯ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସମସ୍ତ ଔପଚ୍ରିକତା ସମ୍ପନ୍ନ କରି ଫେରିଆସୁଥିବା ପ୍ରତ୍ୟେକ ପ୍ରବାସୀ ଓଡିଆଙ୍କୁ ସେମାନେ ରହୁଥିବା ସ୍ଥାନରୁ ଜାମ୍ମୁ-କାଶ୍ମୀର ଏବଂ ହିମାଚଳ ପ୍ରଦେଶର ବିମାନ ବନ୍ଦରକୁ ଆଣିବାର ସମସ୍ତ ସୁବନ୍ଦୋବସ୍ତ କରାଇଥିଲେ । ଆଣ୍ଡାମାନ ଓ ନିକୋବର ଦ୍ୱୀପ ପୁଞ୍ଜରେ ଫସି ରହିଥିବା ଓଡିଆଙ୍କୁ ନେଇ ଅନ୍ୟ ଏକ ବିମାନ ଆସନ୍ତାକାଲି ଭୁବନେଶ୍ୱରରେ ପହଂଚିବ । ଇତି ମଧ୍ୟରେ ଫେବୃଆରୀ ୩ ତାରିଖରେ ଓଡିଶା ସରକାର ୨୮୦ ରୁ ଉର୍ଦ୍ଧ୍ୱ ପ୍ରବାସୀ ଓଡିଆଙ୍କୁ ବିଭିନ୍ନ ରାଜ୍ୟ ଯଥା ମଣିପୁର, ନାଗାଲାଣ୍ଡ, ତ୍ରିପୁରା, ମେଘାଳୟ ଏବଂ ଆସାମରୁ ନିରାପଦ ଭାବରେ ଓଡିଶାକୁ ଫେରାଇ ଆଣିଛନ୍ତି । କୋଭିଡ-୧୯ ମହାମାରୀ ପରିପେକ୍ଷୀରେ ସମଗ୍ର ଦେଶରେ ଲକ୍ ଡାଉନ ଯୋଗୁଁ, ରାଜ୍ୟ ସରକାର ଦେଶର ବିଭିନ୍ନ ପ୍ରାନ୍ତରେ ଫସି ରହିଥିବା ପ୍ରବାସୀ ଓଡିଆ ଶ୍ରମିକ ମାନଙ୍କୁ ନିରାପଦ ଭାବରେ ରାଜ୍ୟକୁ ଫେରାଇ ଅରଣିବାକୁ ଅଭିଯାନ ହାତକୁ ନେଇଛନ୍ତି । ଦୁର୍ଗମ ପ୍ରାନ୍ତରେ ଫସି ରହିଥିବା ପ୍ରବାସୀ ଓଡିଆ ମାନଙ୍କୁ ଯେଉଁଠାରେ ରେଳ ସେବା ଉପଲବ୍ଧ ନାହିଁ ବା ଯାନବାହନ ଦ୍ୱାରା ସ୍ଥାନାନ୍ତରିତ କରିବା ମଧ୍ୟ ସମ୍ଭବପର ନୁହେଁ, ସେମାନଙ୍କୁ ବିମାନ ସେବା ଦ୍ୱାରା ରାଜ୍ୟକୁ ସ୍ଥାନାନ୍ତରିତ କରାଯିବ । ଦେଶରେ ବିଭିନ୍ନ ପ୍ରାନ୍ତରେ ଫସି ରହିଥିବା ସମସ୍ତ ପ୍ରବାସୀ ଓଡିଆଙ୍କୁ ନିରାପଦରେ ରାଜ୍ୟକୁ ଫେରାଇ ଅଣାଯିବା ପର୍ଯ୍ୟନ୍ତ ଏହି ଅଭିଯାନ ଜାରୀ ରହିବ ।

# ଇସ୍ତଫା ଦିଅନ୍ତୁ ସ୍ୱାସ୍ଥ୍ୟମନ୍ତ୍ରୀ - କଂଗ୍ରେସ

ଭୁବନେଶ୍ୱର,୭।୬ (ନି.ପ୍ର): ଓଡ଼ିଶା ଔଷଧ ନିଗମର ମାକ୍ସ ଏବଂ ଅନ୍ୟାନ୍ୟ ସାମଗ୍ରୀ କିଣିବାର ଅଭିଯୋଗ ସଂକ୍ରାନ୍ତରେ ଗତକାଲି ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବ ଦାସ ତାଙ୍କର ପ୍ରେସ କନ୍ଫରେନ୍ସରେ ଯାହା କହିଛନ୍ତି ତାହା ଅପରିପକ୍ୱତା ଓ ଅଜ୍ଞନତାର ପରିଚାୟକ । ମନ୍ତ୍ରୀଙ୍କର ଏହି ଅପରିପକ୍ୱତା, ଅଜ୍ଞାନତା ଓ ଅଜ୍ଞତା ପାଇଁ ସିଏ ତାଙ୍କ ଦାୟିତ୍ୱରେ ରହିବା ଯୋଗ୍ୟ ନୁହଁନ୍ତି । ତେଣୁ ତୁରନ୍ତ ଇସ୍ତଫା ଦେବା ଦରକାର ବୋଲି କଂଗ୍ରେସ ଦାବି କରିଛି । କଂଗ୍ରେସ ନେତା ସୁଦର୍ଶନ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କର ମାକ୍ସ କିଣିବା ସଂକ୍ରାନ୍ତରେ ମାର୍ଚ୍ଚ ୨୧ ତାରିଖ ଏବଂ ୨୪ ତାରିଖରେ ଲେଖିଥିବା ଚିଠି ଆଧାରରେ ରାଜ୍ୟ ସରକାର ମାକ୍ସ ୧୬ଟଙ୍କାରେ କିଣିଛନ୍ତି ବୋଲି କହିବା ସ୍ୱାସ୍ଥ୍ୟମନ୍ତ୍ରୀଙ୍କର ଅପରିପକ୍ୱତାର ନିଦର୍ଶନ । କେନ୍ଦ୍ର ସରକାର ମାର୍ଚ୍ଚ ୨୧ ତାରିଖରେ ୧୦ଟଙ୍କା ଏବଂ ମାର୍ଚ୍ଚ ୨୪ ତାରିଖରେ ୧୬ଟଙ୍କା ମାକ୍ସ ପିଛା ଯେଉଁ ଦର ଧାର୍ଯ୍ୟ କରିଥିଲେ ତାହାଥିଲା ଖୁଚୁରା ଦର ଗ୍ରାହକଙ୍କପାଇଁ । ଖୁଚୁରା ଦର ଏବଂ ପାଇକାରୀ ଦର ଭିତରେ ପ୍ରଭେଦକୁ ମନ୍ତ୍ରୀ ଯଦି ଜାଣି ନାହାନ୍ତି ତାହା ତାଙ୍କର ଅଜ୍ଞାନତା । ବାସ୍ତବରେ ସେ ଓଡ଼ିଶା ଔଷଧ ନିଗମର ଜିନିଷପତ୍ର କିଣାରେ ସଂପୂର୍ଣ୍ଣ ଅଜ୍ଞ ତାଙ୍କ ପାଖରେ ବୋଧହୁଏ ଖବର ନାହିଁ ଯେ ଭାରତ ସରକାରଙ୍କ ଇମାର୍କେଟିଂ ପୋଟାଲ ମାଧ୍ୟମରେ ଜିନିଷପତ୍ର କଣିବାପାଇଁ ଏକ ନିର୍ଦ୍ଦେଶାବଳି ଦେଇଥିଲେ । ଓଡ଼ିଶା ଔଷଧ ନିଗମ ମାର୍ଚ୍ଚ ୩ ତାରିଖରେ ୩୦ଲକ୍ଷ ମାକ୍ସ କିଣିବାପାଇଁ ବିଡିଂ ମଧ୍ୟ କରିଥିଲେ । କିନ୍ତୁ ମାର୍ଚ୍ଚ ୧୮ ତାରିଖରେ ସେ ଏହି ବିଡିଂରୁ ଓହରିଗଲେ । ଏ ବିଷୟରେ ବୋଧେ ମନ୍ତ୍ରୀ ଅଜ୍ଞ । ମନ୍ତ୍ରୀ ମଧ୍ୟ ଅଜ୍ଞ ଯେ ଦିଲ୍ଲୀ, ପଣ୍ଡିଚେରୀ, ଆଣ୍ଡାମାନ ନିକୋବର, ଗୁଜୁରାଟ ଓ ତେଲେଙ୍ଗାନା ଇତ୍ୟାଦି ରାଜ୍ୟ ଏବଂ କେନ୍ଦ୍ରଶାଚିତ ଅଂଚଳ ଗୁଡ଼ିକ ସରକାରଙ୍କର ଇ-ମାର୍କେଟିଂ ପୋଟାଲ ମାଧ୍ୟମରେ ମାକ୍ସ ପିଛା ଯଥାକ୍ରମେ ଟ. ୮.୪୭, ୭.୮୮, ୭.୫୦, ୨.୪୦, ୧.୩୪ ଟଙ୍କାରେ କିଣିଛନ୍ତି ଏସବୁ ବିଷୟରେ ମନ୍ତ୍ରୀ ଅଜ୍ଞ ରହିବା ଏକ ଧର୍ତବ୍ୟ ଅପରାଧ । ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ଚିନ୍ମୟ ସୁନ୍ଦର ଦାସ, ମିଡ଼ିଆ ସଂଯୋଜକ, ଓପିସିସି ଶ୍ରୀ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ ।

## ଖୋର୍ଧା ଜିଲ୍ଲାରେ ପ୍ରବାସୀ ମାନଙ୍କ ପାଇଁ କ୍ୱାରେଂଟାଇନ ଅବଧି ବୃଦ୍ଧି

ଭୁବନେଶ୍ୱର,୭।୬ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାରେ ପ୍ରବାସୀଙ୍କ ସରକାରୀ କ୍ୱାରେଂଟାଇନ ସମୟ ସୀମାକୁ ବଢା ଯାଇଛି । ଏବେ ପ୍ରଶାସନ ପ୍ରବାସୀ ମାନଙ୍କୁ ୭ ଦିନ ବଦଳରେ ୧୪ ଦିନିଆ କ୍ୱାରେଂଟାଇନରେ ରଖିବାକୁ ନିଷ୍ପତି ନେଇଛି । ଏ ନେଇ ଜିଲ୍ଲାର ସବୁ ବ୍ଲକ୍ର ବିଡିଓଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି । ସାତ ଦିନ ସରକାରୀ କ୍ୱାରେଂଟାଇନ ରହି ଘରକୁ ଯିବା ପରେ ମଧ୍ୟ କେତେକ ବ୍ୟକ୍ତି କରୋନା ପଜିଟିଭ ଚିହ୍ନଟ ହେଉଥିବାରୁ ଏହି ନିଷ୍ପତି ନିଆଯାଇଥିବା ଜିଲ୍ଲାପାଳ ଦର୍ଶାଇଛନ୍ତି । ଏହାସହ ଗ୍ରାମାଂଚଳରେ ହୋମ୍ କ୍ୱାରେଣ୍ଟିନ୍ରେ ରହିବା ପାଇଁ ଲୋକଙ୍କ ଘରେ ସ୍ୱତନ୍ତ୍ର ପାଇଖାନା ମଧ୍ୟ ନାହିଁ । ଏହି ଦୁଇଟି ମୁଖ୍ୟ କାରଣ ପାଇଁ ସରକାର କ୍ୱାରେଂଟାଇନ ସମୟ ସୀମା ୭ ଦିନରୁ ୧୪ ଦିନକୁ ବୃଦ୍ଧି କରାଯାଇଥିବା ଜିଲ୍ଲାପାଳ ଚିଠିରେ ଦର୍ଶାଇଛନ୍ତି ।

# ବାଲେଶ୍ୱରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୯୦: ଜିଲ୍ଲାକୁ ଆସିଲେଣି ୪୦ ହଜାରରୁ ଅଧିକ ପ୍ରବାସୀ




ବାଲେଶ୍ୱର,୭।୬ (ନି.ପ୍ର): ଦିନଦକୁ ଦିନ ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଇ ଚାଲିଥିବା ବେଳେ ଏହାକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଅଦ୍ୟାବଧି ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୨୮୫୬ରେ ପହ ିଥିବା ବେଳେ ୧୮୯୪ ଜଣ ସୁସ୍ଥ ହୋଇଛନ୍ତି । ଏବେ ଏକ୍ଟିଭ୍ ୯୫୨୧ ଜଣଙ୍କୁ ଚିକିତ୍ସା କରାଯାଉଛି । ଅନୁରୂପ ଭାବେ ଗତକାଲି ୧୧ ଜଣ ପଜିଟିଭ୍ ଚିହ୍ନଟ ପରେ ବାଲେଶ୍ୱର ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୧୯୦ରେ ପହ ିଥିବା ବେଳେ ଅଦ୍ୟାବଧି ୧୪୫ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଅନ୍ୟ ଏକ୍ଟିଭ୍ ୪୫ ଜଣଙ୍କୁ କୋଭିଡ୍ ହସପଟାଲରେ ଚିକିତ୍ସା କରାଯାଉଛି । କରୋନା ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ଦୀର୍ଘ ୭୦ ଦିନ ଲକ୍ ଡାଉନ୍ ପରେ ଏବେ ଯଦିଚଃ କଟକଣା କୋହଳ କରାଯାଇଛି, ତେବେ ବାଲେଶ୍ୱର ସମେତ ୧୧ ଗୋଟି ଜିଲ୍ଲାରେ ପ୍ରତି ଶନିବାର ଓ ରବିବାର ସଟ୍ ଡାଉନ୍ ଲାଗୁ ହୋଇଛି । ଏହା ସ ୍ୱ ବି ଜିଲ୍ଲାରେ ବଢୁଥିବା କରୋନା ସଂକ୍ରମଣ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ଉପୁଜିବ ବୋଲି ଅନୁମାନ କରାଯାଉଛି । ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ବାହାର ରାଜ୍ୟରେ ଫସି ରହିଥିବା ପ୍ରବାସୀ ଓଡ଼ିଆଙ୍କୁ ନିଜ ଅ ଳକୁ ଫେରାଇ ଆଣିବା ପ୍ରକ୍ରିୟା ଜାରି ରହିଥିବା ବେଳେ ପ୍ରତିଦିନ ହଜାର ହଜାର ଓଡ଼ିଆ ଶ୍ରମିକ ଏବେ ଜିଲ୍ଲାକୁ ଆସୁଛନ୍ତି । ବାହାର ରାଜ୍ୟରୁ ବାଲେଶ୍ୱରକୁ ଅଦ୍ୟାବଧି ୪୦ହଜାରରୁ ଅଧିକ ପ୍ରବାସୀ ଶ୍ରମିକ ଆସିଥିବା ବେଳେ ପ୍ରତିଦିନ ବସ୍ ଓ ଟ୍ରେନ୍ରେ ଶ୍ରମିକଙ୍କ ଆଗମନ ଜାରି ତେବେ ବାହାର ରାଜ୍ୟରୁ ପ୍ରବାସୀଙ୍କ ଆଗମନ ସାଙ୍ଗକୁ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବି ବଢ଼ିବା ନେଇ ଆଶଙ୍କା ଦେଖାଦେଇଛି । ତେବେ ବାହାର ରାଜ୍ୟରୁ ଆସୁଥିବା ପ୍ରବାସୀଙ୍କୁ ମାତ୍ର ୭ ଦିନ କ୍ୱାରେ ।ଇନ୍ରେ ରଖି ପ୍ରଶାସନ ସେମାନଙ୍କୁ ଘରକୁ ପଠାଇଦେବାକୁ ନେଇ ଉଠିଛି ପ୍ରଶ୍ନବାଚୀ । ଆଉ ୭ ଦିନ ହୋମ୍ ଆଇସୋଲେସନରେ ରହିବା ପାଇଁ ସେମାନଙ୍କୁ ପରାମର୍ଶ ଦିଆଯାଉଛି । ତେବେ ଅଧିକାଂଶ କରୋନା ରୋଗୀଙ୍କଠାରେ ଲକ୍ଷଣ ଦେଖାଯାଉ ନଥିବା ବେଳେ ବହିରାଗତ ସମସ୍ତ ପ୍ରବାସୀଙ୍କର ସ୍ୱାବ ପରୀକ୍ଷା ବି ହେଉ ନାହିଁ । ଏଭଳି ସ୍ଥିତିରେ କାହା ଶରୀରରେ କରୋନା ଭୂତାଣୁ ଅଛି ତାହାକୁ ଚିହ୍ନଟ କରିବା ମଧ୍ୟ ଆଉ ଏକ ସମସ୍ୟା ହୋଇଛି । ଏମିତି ବ୍ୟବସ୍ଥା ଜାରି ରହିଲେ ଆଗାମୀ ଦିନରେ ବାଲେଶ୍ୱରରେ କରୋନା ସଂକ୍ରମଣ ଆଶାତୀତ ବୃଦ୍ଧି ପାଇବା ନେଇ ବିଭିନ୍ନ ମହଲରୁ ଆଶଙ୍କା ପ୍ରକାଶ ପାଉଛି ।

## ଆତ୍ମବିଶ୍ୱାସ ହରାଇଲେଣି ବିଜେପି ଓ କଂଗ୍ରେସ : ବିଜେଡି

ଭୁବନେଶ୍ୱର,୭।୬ (ନି.ପ୍ର): ଓଡିଶା ସରକାର ସଫଳ କରୋନା ମୁକାବିଲା ସହିତ ଯେଭଳି ଲୋକଙ୍କ ଜୀବନ ରକ୍ଷା କରୁଛନ୍ତି ତାହା ଦେଖି ଉଭୟ ବିଜେପି ଓ କଂଗ୍ରେସ ନିଜ ନିଜର ଆତ୍ମବିଶ୍ୱାସ ହରାଇଲେଣି । ସେମାନେ କେବଳ ରାଜ୍ୟ ସରକାରଙ୍କର ଏଭଳି ସଫଳତାକୁ ନୁହେଁ ବରଂ ସାଢେ ଚାରି କୋଟି ଓଡିଶାବାସୀଙ୍କ ତ୍ୟାଗକୁ ଉପହାସ ଲାଗି ଭିତିହୀନ ଅଭିଯୋଗମାନ ଆଣୁଛନ୍ତି । ବିଜେପି ନେତା ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଭିଯୋଗର ଜବାବ ଦେଇ ଏହା କହିଛନ୍ତି ବିଜେଡି ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର । ଡକ୍ଟର ପାତ୍ର କହିଛନ୍ତି ଯେ, ସମସ୍ତ ବିଜେପି ଶାସିତ ରାଜ୍ୟ କେନ୍ଦ୍ର ସରକାରଙ୍କ ଅନୁମୋଦିତ ଦରରେ ମାସ୍କ ଖରିଦ କରୁଥିବାବେଳେ ଓଡିଶା ସରକାର ଅନୁରୂପ ଭାବେ କେନ୍ଦ୍ରୀୟ ଦର ଅନୁଯାୟୀ ମାସ୍କ କିଣି କୌଣସି ଭୁଲ୍ କରିନାହାନ୍ତି । କରୋନା ମୁକାବିଲାରେ ନିୟୋଜିତ ଯୋଦ୍ଧାମାନେ କ'ଣ ବିନା ମାସ୍କରେ ଜୀବନକୁ ବାଜି ଲଗାଇ କାମ କରନ୍ତୁ ବୋଲି ଉଭୟ ବିଜେପି ଓ କଂଗ୍ରେସ ଚାହାନ୍ତି କି ବୋଲି ଡକ୍ଟର ପାତ୍ର ପ୍ରଶ୍ନ କରିଛନ୍ତି । ବିଜେଡି ମୁଖପାତ୍ର କହିଛନ୍ତି ଯେ, ଲୋକଙ୍କ ଜୀବନ ସବୁଠାରୁ ମୂଲ୍ୟବାନ ହୋଇଥିବାରୁ ବିଜେଡି ସରକାରର ସଫଳ କାର୍ଯ୍ୟ ପ୍ରତି ବିଜେପି ଇର୍ଷାନ୍ୱିତ ହେବା ଉଚିତ୍ ନୁହେଁ । ଏଭଳି ସ୍ଥିତିରେ ଉଭୟ ଦଳ ଶସ୍ତା ରାଜନୀତି ନକରିବାକୁ ସେ ପରାମର୍ଶ ଦେଇଛନ୍ତି । ଓଡିଶାବାସୀ ବେଶ୍ ସଚେତନ ଏବଂ କେଉଁଟି ସତ୍ୟ ଓ କେଉଁଠି ମିଥ୍ୟା ତାହା ସେମାନେ ଭଲ ଭାବେ ଜାଣନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo